


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-113 ◆SUNDAY ◆19 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୧୩ ◆ରବିବାର ◆୧୯ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


**ନୂଆ ସମ୍ବିଧାନକୁ ବିରୋଧ**

# ବାଂଲାଦେଶ ପୁଣି ଅଶାନ୍ତ

■ **ଢାକା, ୧୮ ।୧୦ (ଏଜେନ୍ସି):** ପୁଣି ଅଶାନ୍ତ ହେଲାଣି ବାଂଲାଦେଶ । ଗତ ଜୁଲାଇ-ଅଗଷ୍ଟ ମାସରେ ବଡ଼ ଧରଣର ଆନ୍ଦୋଳନ କରି ହସିନା ସରକାରର ପତନ ଘଟାଇଥିବା ଆନ୍ଦୋଳନକାରୀ ପୁଣି ମାତିଲେଣି । ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାରର କାର୍ଯ୍ୟକାଳପରେ ଅସନ୍ତୁଷ୍ଟ ଥିବା ଆନ୍ଦୋଳନକାରୀ ପୁଣି ରାଜରାସ୍ତାକୁ ଓହ୍ଲାଇଛନ୍ତି । କାମଚଳା ସରକାର ଦ୍ୱାରା ପ୍ରସ୍ତୁତ କରାଯାଉଥିବା ନୂଆ ସମ୍ବିଧାନର ଅନେକ ବ୍ୟବ୍ୟସ୍ଥାକୁ କଡ଼ା ବିରୋଧ କରିଛନ୍ତି । ନିଜର ଅସନ୍ତୋଷ ଜଣାଇବା ଲାଗି ସେମାନେ ସଂସଦ ଭବନରେ ପଶି ନିଆଁ ଲଗାଇଛନ୍ତି । ଏହାକୁ ନେଇ ଢାକାରେ ପୁଣି ଉତ୍ତେଜନା ପ୍ରକାଶ ପାଇଛି । ବଡ଼ ଧରଣର ଆନ୍ଦୋଳନ ଆଶଙ୍କା କରି ସରକାର ବିଭିନ୍ନ ସ୍ଥାନରେ ବ୍ୟପାକ ନିରାପତ୍ତା ବାହିନୀକୁ ମୁତୟନ କରିଛନ୍ତି ।



ମିଳିଥିବା ସୂଚନା ଅନୁଯାୟୀ ବାଂଲାଦେଶର ମଧ୍ୟବର୍ତ୍ତୀକଳୀନ ସରକାର ମୁଖ୍ୟ ତଥା ଉପଦେଷ୍ଟା ମହମ୍ମଦ ୟୁନୁସ ସଂସଦରେ 'ଜୁଲାଇ ଚାର୍ଟର'ରେ ଦସ୍ତଖତ କରିବାର କାର୍ଯ୍ୟକ୍ରମ ଥିଲା । ଦେଶରେ ପ୍ରଶାସନରେ ଉନ୍ନତି ଆଣିବା, ଦୁର୍ନୀତି ରୋକିବା ଓ ଗଣତନ୍ତ୍ରର ପୁନଃସ୍ଥାପନ କରିବା ନେଇ ଏହି ଚାର୍ଟରରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବା କୁହାଯାଉଛି । ଏହି ଚାର୍ଟର ପ୍ରସ୍ତୁତ କରିବା ଲାଗି ଯେଉଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା, ତାହାର ୮୦ରୁ ଉର୍ଦ୍ଧ୍ୱ ସୁପାରିସ୍‌କୁ ଏହି ଚାର୍ଟରରେ ସାମିଲ କରାଯାଇଛି । କିନ୍ତୁ ଏହି ଚାର୍ଟରକୁ ଆନ୍ଦୋଳନକାରୀ ବିରୋଧ କରୁଛନ୍ତି । ଏହା ସମ୍ବିଧାନ ବିରୋଧୀ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏହି ଚାର୍ଟରକୁ ଲାଗୁ କଲେ ମୂଳ ସମ୍ବିଧାନ ଉପରେ ଆଉ ଏକ ସମ୍ବିଧାନକୁ

**ସଂସଦରେ ଧସେଇ ପଶିଲେ ବିକ୍ଷୋଭକାରୀ**

**ବ୍ୟାପକ ପୋଡ଼ାଜଳା; ଘଉଡ଼ାଇଲା ପୁଲିସ**

ଲଦି ଦିଆଯିବା ଆଶଙ୍କା ରହିଛି । ଏହାଦ୍ୱାରା ଆଇନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ବୋଲି ସମ୍ବିଧାନ ବିଶେଷଜ୍ଞମାନେ ମଧ୍ୟ ମତ ଦେଇଛନ୍ତି । ବ୍ୟାପକ ବିଚାରବିମର୍ଶ ବିନା ଏହାକୁ ଲାଗୁ କଲେ ଦେଶରେ ଅସ୍ଥିରତା ସୃଷ୍ଟି ହେବ ବୋଲି କୁହାଯାଇଛି । ଏହି 'ଜୁଲାଇ ଚାର୍ଟର' ଛାତ୍ରମାନେ ଦେଇଥିବା ବଳିଦାନ ଓ ତ୍ୟାଗକୁ ଅଣଦେଖା କରାଯାଇଛି ବୋଲି ଛାତ୍ର ସଂଗଠନଗୁଡ଼ିକ ଅଭିଯୋଗ କରିଛନ୍ତି । ▶ପୃଷ୍ଠା-୭

**୨୧ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଲଘୁଚାପ**

# ଘାରିଲା 'ଅକ୍ଟୋବର ବାତ୍ୟା' ଛନକା

■ **ଭୁବନେଶ୍ୱର, ୧୮ ।୧୦ (ସମିସ):** ସାଧାରଣତଃ ଅକ୍ଟୋବର ମାସରେ ବାତ୍ୟା ଭୟ ଓଡ଼ିଶାବାସୀଙ୍କୁ ଛାନିଆ କରୁଥିବା ବେଳେ ଆସନ୍ତା ୨୧ ତାରିଖରେ ଏକ ଲଘୁଚାପ ରାଜ୍ୟବାସୀଙ୍କ ମନରେ ଛନକା ସୃଷ୍ଟି କରିଛି । ଏହି ଲଘୁଚାପ ୨୩ ତାରିଖରେ ଅବପାତର ରୂପ ନେବା ସହ ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁ ଉପକୂଳମୁହାଁ ହେବାର ସମ୍ଭାବନା ରହିଛି । ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ପ୍ରାୟତଃ ସମ୍ଭାବନା ନାହିଁ । ଏନେଇ ଏକ ଘରୋଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଭାରତୀୟ ପାଣିପାଗ ବିଜ୍ଞାନ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ବାତ୍ୟା ନେଇ ଆମେ କୌଣସି ଚେତାବନୀ ଜାରି କରିନାହୁଁ । ସେହିପରି ଓଡ଼ିଶା ପାଇଁ ମଧ୍ୟ କୌଣସି ସତର୍କ ସୂଚନା ଜାରି କରାଯାଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୧ ତାରିଖରେ ଦକ୍ଷିଣ-



**୨୩ରେ ଅବପାତ ହୋଇ ତାମିଲନାଡୁ ଓ ଆନ୍ଧ୍ର ଉପକୂଳମୁହାଁ**

**ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ**

**ଆଜି ରାଜ୍ୟର କିଛି ଜିଲ୍ଲାରେ ହାଲୁକା ବର୍ଷା ହେବା ସମ୍ଭାବନା**

ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା କ୍ରମଶଃ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ▶ପୃଷ୍ଠା-୭

**ପୁଲିସ ଚାକିରି ବେପାର**

# ଦିଲ୍ଲୀରେ ଲୁଚିଛି ମାଷ୍ଟରମାଇଣ୍ଡ ଶଙ୍କର

■ **ଭୁବନେଶ୍ୱର/ବ୍ରହ୍ମପୁର, ୧୮ ।୧୦ (ସମିସ):** ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩୧୨ଜଣଙ୍କୁ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଜେରା କରିଛି । କ୍ରାଇମବ୍ରାଞ୍ଚ ଡିଏସପି ସକାଳ ସାଢ଼େ ୮ଟା ଠାରୁ ସନ୍ଧ୍ୟା ସାଢ଼େ ୫ଟା ପର୍ଯ୍ୟନ୍ତ ୮ଘଣ୍ଟା ଧରି ଜେଲ୍ ଭିତରେ ସମସ୍ତ ୩୧୨ଜଣଙ୍କୁ ଜେରା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଅନ୍ୟପଟରେ ମୁନାର ଗିରଫ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଠିର ଲିଙ୍କ୍ ମିଳିଛି । ଶଙ୍କର ଦିଲ୍ଲୀରେ ଲୁଚିଥିବା କ୍ରାଇମ୍‌ବ୍ରାଞ୍ଚ ଟିମ୍ ସୂଚନା ପାଇଛି । ସେ ଦିଲ୍ଲୀର କେଉଁ ସ୍ଥାନରେ ରହୁଛି, ତାହା ମୁନା କହିଥିବା ଜଣାପଡିଛି । ତେଣୁ ତାଙ୍କୁ ଗିରଫ କରିବା ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଦିଲ୍ଲୀ ଯାଇ ଛାନ୍‌ଭିନ କରୁଛନ୍ତି । ଆହୁରି ମଧ୍ୟ ଏହି ରାକେଟ୍‌ର ଖୁଲାସା କରିବା ପାଇଁ ଦୀପାବଳୀ ପରେ ମୁନା ଏବଂ ଅନ୍ୟ ଦୁଇ ଜଣଙ୍କୁ ରିମାଣ୍ଡରେ କ୍ରାଇମ୍‌ବ୍ରାଞ୍ଚ ଆଣିବ ବୋଲି ଜଣାପଡ଼ିଛି ।

ଶନିବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୮ଟା ଠାରୁ କ୍ରାଇମବ୍ରାଞ୍ଚ ଟିମ୍ ଜେଲ୍ ପରିସରରେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇଥିଲା । ଗିରଫ ଦୁଇ ଦଲାଲ ବିଶ୍ୱଜିତ ହରିଚନ୍ଦନ ଓ ତପଦ୍ୟୁତି ବେହେରାଙ୍କ ସମେତ ୨୯ଜଣ ଚାକିରି ଆଶାୟୀଙ୍କୁ

**ମୁନା ଘରୁ ସାର୍ଟିଫିକେଟ୍ ସହ ଏକାଧିକ ଦସ୍ତାବିଜ୍ ଜବତ**

**ଦୀପାବଳି ପରେ ରିମାଣ୍ଡରେ ଆସିବ ମୁନା ଏବଂ ସହଯୋଗୀ**

**ଜେଲରୁ କ୍ରାଇମବ୍ରାଞ୍ଚକୁ ସୁରାକ**

ଜେଲ ଭିତରେ ମୁହାଁମୁହିଁ ଜେରା କରିଥିଲେ ତଦନ୍ତକାରୀ କ୍ରାଇମବ୍ରାଞ୍ଚ ଡିଏସପି । ଅଭିଯୁକ୍ତ ପରୀକ୍ଷାର୍ଥୀଙ୍କୁ ଏହି ଜାଲିଆତିରେ ସାମିଲ କରିବାକୁ ଦଲାଲମାନେ କିଭଳି ଏବଂ କାହା ଜରିଆରେ ଯୋଗାଯୋଗ କରିଥିଲେ, କେଉଁମାନଙ୍କର ସମ୍ପୃକ୍ତି ରହିଛି, ସେମାନଙ୍କ ଠାରୁ କିଏ ସାର୍ଟିଫିକେଟ ସଂଗ୍ରହ କରିଥିଲା, ଟଙ୍କା କିଏ ଏବଂ କେଉଁ ଉପାୟରେ ନେଇଥିଲେ, ପରୀକ୍ଷାରେ କୃତକାର୍ଯ୍ୟ କରାଇବାକୁ କି ପ୍ରକାରର ପ୍ରତିଶ୍ରୁତି ମିଳିଥିଲା, କେବେ ଠାରୁ ଯୋଗସୂତ୍ର ସ୍ଥାପନ ହୋଇଥିଲା, ଏଭଳି ବିଭିନ୍ନ ପ୍ରଶ୍ନ ତଦନ୍ତକାରୀ ଅଧିକାରୀ ପଚାରିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ମୁନା ମହାନ୍ତିର କଟକ ଜିଲ୍ଲା ବାଙ୍କୀ କଳାପଥର ସ୍ଥିତ ଘରେ ଆଜି ଚଢ଼ଉ କରିଛି । ଚଢ଼ଉ ସମୟରେ ଏକାଧିକ ଦସ୍ତାବିଜ୍ ଏବଂ କିଛି ସାର୍ଟିଫିକେଟ ଜବତ କରାଯାଇଥିବା ସୂଚନା ମିଳିଛି । ଜବତ ସାର୍ଟିଫିକେଟ ଏସ୍‌ଆଇ ଚାକିରି ପାଇଁ ଟଙ୍କା ଦେଇଥିବା ପରୀକ୍ଷାର୍ଥୀଙ୍କ ହୋଇଥିବା କ୍ରାଇମ୍‌ବ୍ରାଞ୍ଚ ସନ୍ଦେହ କରୁଛି । ଏଥିସହ ମୁନା ସମ୍ପର୍କରେ ତା'ର ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରୁଛି । ଘରକୁ ସେ ମାସକରେ କେତେ ଥର ଆସେ ଏବଂ ଅନ୍ୟ କେଉଁ ସ୍ଥାନରେ ରହୁଥିବା ନେଇ ମଧ୍ୟ ପଚରାଉଚରା କରିଛି । ଏହି ଚଢ଼ଉ ସମୟରେ ବୈଦେଶ୍ୱର ପୁଲିସ ମଧ୍ୟ କ୍ରାଇମ୍‌ବ୍ରାଞ୍ଚକୁ ସହଯୋଗ କରିଥିଲା । ▶ପୃଷ୍ଠା-୭

# ଟିଟିଲାଗଡ଼ ଷ୍ଟେସନ୍‌ରୁ ୭୦ ଲକ୍ଷ ଟଙ୍କା ଜବତ

■ **ବଲାଙ୍ଗିର/ଟିଟିଲାଗଡ଼, ୧୮ ।୧୦ (ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳଷ୍ଟେସନ୍‌ରୁ ରେଳବାଇ ପୁଲିସ୍ (ଆର୍‌ପିଏଫ୍) ଆଜି ଦୁଇଜଣ ଯୁବକଙ୍କ ପାଖରୁ ୭୦ଲକ୍ଷ ଟଙ୍କା ଜବତ କରିଛି । ଏହି ଘଟଣାରେ ପୁଲିସ ଉକ୍ତ ଯୁବକଦ୍ୱୟଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେମାନେ ହେଲେ, କେସିଙ୍ଗାର ପ୍ରଭାତ ସାହୁ ଓ ଉମେଶ ପ୍ରସାଦ । ଟଙ୍କା ବ୍ୟାଗ୍ ଧରି ଦୁହେଁ ଧରତୀ-ଆବବା ଏକ୍ସପ୍ରେସ୍‌ରେ ଯାଉଥିଲେ । ଟ୍ରେନ୍‌ଟି ଏର୍ଣ୍ଣାକୁଲମରୁ ହାଟିଆ ଯାଉଥିଲା । ତେବେ ହାଟିଆ ବିହାରର ସୀମା ହୋଇଥିବା ଓ ସେଠାରେ ନିର୍ବାଚନ ଚାଲିଥିବାରୁ ଏହି ଟଙ୍କା ସେଥିପାଇଁ ଯାଉଥିବା ଆଲୋଚନା ହେଉଛି । ଆରପିଏଫ୍ ପାଟ୍ରୋଲିଂ ଟିମ୍ ସେମାନଙ୍କୁ ଟ୍ରାକ୍ କରି ଧରିଥିବା ଜଣାଯାଇଛି ।



**ବିହାର ନିର୍ବାଚନରେ ବିନିଯୋଗ ହୋଇଥା'ନ୍ତା !**

**ବ୍ୟାଗ୍‌ରେ ନେଇ ଯାଉଥିବା ୨ ଯୁବକ ଅଟକ**

**ରେଳବାଇ ପୁଲିସର ତନାଘନା ଆରମ୍ଭ**

ଅପରପକ୍ଷେ, ଷ୍ଟେସନ୍‌ରୁ ଏତେ ପରିମାଣର ଟଙ୍କା ଜବତ ହେବା ପରେ ସମସ୍ତେ ଚକିତ ହୋଇଯାଇଥିଲେ । କାହିଁକି ଏହି ଦୁଇଜଣ ଯୁବକ ଏତେ ପରିମାଣର ଟଙ୍କା ବ୍ୟାଗ୍‌ରେ ▶ପୃଷ୍ଠା-୭

# ଏଥର ଦୁଇଦିନ ଦୀପାବଳି ଛୁଟି

**୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କଲେ ସରକାର**

**ନୂଆପଡ଼ା ଜିଲ୍ଲାକୁ ଛାଡ଼ି ଅନ୍ୟସବୁ ଜିଲ୍ଲାରେ ହେବ ଲାଗୁ**

■ **ଭୁବନେଶ୍ୱର, ୧୮ ।୧୦ (ସମିସ):** ଦୀପାବଳି ପାଇଁ ଆସନ୍ତା ସୋମବାର ଓ ମଙ୍ଗଳବାର ୨ ଦିନ ଛୁଟି ହେବ । ଏନେଇ ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପୂର୍ବରୁ ୨୧ ତାରିଖ ମଙ୍ଗଳବାର ଦୀପାବଳି ପାଇଁ ସରକାରୀ ଛୁଟି ଧାର୍ଯ୍ୟ ହୋଇଥିଲା । ତେବେ ତିଥି ଓ ନକ୍ଷତ୍ର ଭିତ୍ତିରେ ୨୦ ତାରିଖ ସୋମବାର ଦୀପାବଳି ଓ ପୟାଶ୍ରାଦ୍ଧ ପାଳନ କରାଯାଉଥିବାରୁ ଏହି ଦିନକୁ ଆଜି ରାଜ୍ୟ ସରକାର ଅତିରିକ୍ତ ଛୁଟି ଭାବେ ଘୋଷଣା କରିଛନ୍ତି ।

ତେଣୁ ଆସନ୍ତା ୨୫ ତାରିଖ (ଶନିବାର) ଛୁଟି ଦିନ ଥିଲେ ହେଁ ଏହାକୁ ସରକାରୀ କାର୍ଯ୍ୟ ଦିବସ ରୂପେ ଘୋଷଣା କରାଯାଇଛି । ତେବେ ୨୧ ତାରିଖରେ ରାଜ୍ୟର ସମସ୍ତ ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବାଙ୍କିଙ୍ଗ ସଂସ୍ଥା ଖୋଲା ରହିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି ।

ଶନିବାର ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ ୨୦୨୪ ନଭେମ୍ବର ୧୨ ତାରିଖର ବିଜ୍ଞପ୍ତିରେ ଆଂଶିକ ପରିବର୍ତ୍ତନ କରାଯାଇ ଦୀପାବଳି ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଭାବେ ଘୋଷଣା କରାଗଲା । ଉକ୍ତ ଦିନ ନୂଆପଡ଼ା ଜିଲ୍ଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ୍ ▶ପୃଷ୍ଠା-୭







# ଦୀପାବଳି ପୂର୍ବରୁ ବିଷାକ୍ତ ହେଲା ଦିଲ୍ଲୀ ବାୟୁ

ନୂଆଦିଲ୍ଲୀ, ୧୮ ।୧୦(ଏଜେନ୍ସି): ଦୀପାବଳିର ଦୁଇଦିନ ପୂର୍ବରୁ ଦିଲ୍ଲୀରେ ପ୍ରଦୁଷଣ ବୃଦ୍ଧି ପାଇଛି । ବାୟୁ ବିଷାକ୍ତ ହୋଇଯାଇଛି । ରାଜଧାନୀର କିଛି ସ୍ଥାନରେ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ୩୫୦ ପାର କରିଛି । ସେଣ୍ଟ୍ରାଲ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ (ପିସିବି) ଅନୁଯାୟୀ, ଶନିବାର ସକାଳ ୮ଟାରେ ଏକ୍ୟୁଆଇ ୩୬୭ ରେକର୍ଡ କରାଯାଇଥିଲା । ଆନନ୍ଦ ବିହାରରେ ସବୁଠାରୁ ଅଧିକ ଏକ୍ୟୁଆଇ ୩୭୦ ରେକର୍ଡ କରାଯାଇଛି । ସେହିପରି ବଜିରପୁରରେ ଏହା ୩୨୮, ଜାହାଙ୍ଗିରପୁରରେ ୩୨୪ ଓ ଅକ୍ଷରଧାମରେ ୩୬୯ ଥିଲା । ଦିଲ୍ଲୀ-ଏନ୍‌ସିଆରରେ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି-୧) ଲାଗୁ କରିଛି । ଏକ୍ୟୁଆଇ ୨୧୧ ପାର କରିଥିବା ଅଞ୍ଚଳରେ କମିଶନ ଏହାକୁ ଲାଗୁ କରିଛି । ଯେତେବେଳେ ଏକ୍ୟୁଆଇ ୨୦୦ରୁ ୩୦୦ ମଧ୍ୟରେ ରହିଥାଏ ସେତେବେଳେ ଗ୍ରେଡେଡ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି)-୧ ଲାଗୁ ହୋଇଥାଏ । ଏହା ଅନୁସାରେ ଏନ୍‌ସିଆରରେ ସବୁ ସମ୍ପର୍କିତ ଏଜେନ୍ସିକୁ ୨୭ଟି ନିରୋଧକ ଉପାୟ ଲାଗୁ କରିବାକୁ କୁହାଯାଇଛି । ଏଥିରେ ଆଣ୍ଟି ସ୍ମଗ୍ ଗନ୍‌ର ବ୍ୟବହାର, ପାଣି ଛିଞ୍ଚାଡିବା ସହ ସଡ଼କ ନିର୍ମାଣ, ମରାମତି ଯୋଜନା ଓ ରକ୍ଷାଣବେକ୍ଷଣ କାର୍ଯ୍ୟରେ ଧୂଳି ଉଡିବାକୁ ନିୟନ୍ତ୍ରଣ କରିବା ସାମିଲ ରହିଛି । କିଛି ସ୍ଥାନରେ ଏନ୍‌୯୫ କିମ୍ବା ଡବଲ୍ ସର୍ଜିକାଲ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି ।

**୩୫୦ ପାର କଲା ଏକ୍ୟୁଆଇ ସ୍ତର**



# ଆଫଗାନିସ୍ତାନରେ ପୁଣି ପାକ୍ ଆକ୍ରମଣ

## ୩ କ୍ରିକେଟରଙ୍କ ସମେତ ୧୭ ମୃତ



କାବୁଲ, ୧୮ ।୧୦(ଏଜେନ୍ସି): ଆଫଗାନିସ୍ତାନ ଉପରେ ପାକିସ୍ତାନ ବାୟୁସେନା ପୁଣିଥରେ ଆକ୍ରମଣ କରିଛି । ଆଫଗାନିସ୍ତାନର ପ୍ରକ୍ତିକା ରାଜ୍ୟରେ ଶୁକ୍ରବାର ହୋଇଥିବା ଏହି ଆକ୍ରମଣରେ ୩ ଜଣ କ୍ରିକେଟର ଓ ଅନ୍ୟ ୧୪ ଜଣ ନାଗରିକ ପ୍ରାଣ ହରାଇଛନ୍ତି ଓ ୧୬ ଜଣ ଆହତ ହୋଇଛନ୍ତି । ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ୪୮ ଘଣ୍ଟିଆ ଅସ୍ତ୍ରବିରତି ଶୁକ୍ରବାର ସନ୍ଧ୍ୟା ୬ଟାରେ ଶେଷ ହୋଇଥିଲା । ଏହି ଅସ୍ତ୍ରବିରତିକୁ ଆଗକୁ ବଢ଼ାଇବାକୁ ସହମତି ପ୍ରକାଶ ପାଇଥିଲା । କିନ୍ତୁ କିଛି ଘଣ୍ଟା ପରେ ପାକିସ୍ତାନ ଏୟାର ଷ୍ଟ୍ରାଇକ୍ କରିଥିଲା । ଅର୍ଗୁନ ଓ ବର୍ମାଲ ଜିଲ୍ଲାରେ କିଛି ଘରକୁ ଲକ୍ଷ୍ୟକରି ପାକିସ୍ତାନ ଏହି ଆକ୍ରମଣ କରିଥିଲା ବୋଲି ଆଫଗାନ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି । ଏହି ଅଞ୍ଚଳ ଦୁଇଦେଶର ସୀମା ଡୁରାଣ୍ଡ ଲାଇନ୍‌ର ପାଖରେ ଅବସ୍ଥିତ । ପୂର୍ବରୁ ପାକିସ୍ତାନ ବୁଧବାର କାବୁଲରେ ଦୁଇଟି ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲା । ପାକିସ୍ତାନର ଆକ୍ରମଣରେ ଆଫଗାନିସ୍ତାନରେ ଏପର୍ଯ୍ୟନ୍ତ ୩୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୪୨୫ଜଣ ଆହତ ହୋଇଛନ୍ତି ବୋଲି ଜାତିସଂଘ ତରଫରୁ କୁହାଯାଇଛି । ସଧାରଣ ନାଗରିକଙ୍କୁ ପାକିସ୍ତାନ ଆକ୍ରମଣ କରୁଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି । କିନ୍ତୁ ପାକିସ୍ତାନ ଏହାକୁ ଖଣ୍ଡନ କରିଛି । କେବଳ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ ହେଉଛି ବୋଲି ପାକିସ୍ତାନ କହିଛି । ଆଫଗାନିସ୍ତାନର ନିଷ୍ପତ୍ତି ଭାରତ ରାଜଧାନୀ ଦିଲ୍ଲୀରୁ ନିଆଯାଉଛି ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସେତେବେଳେ କହିଥିଲେ ।

### ଆଫଗାନ୍ ନାଗରିକ ପାକିସ୍ତାନରୁ ଫେରିଯାଆନ୍ତୁ: ଖ୍ୱାଜା ଆସିଫ୍

ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ପୁଣିଥରେ ଆଫଗାନିସ୍ତାନକୁ ନେଇ କଡ଼ା ମନ୍ତବ୍ୟ ଦେଇଛନ୍ତି । ପାକିସ୍ତାନରେ ରହୁଥିବା ଆଫଗାନିସ୍ତାନ ନାଗରିକ ଯଥାଶୀଘ୍ର ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ଏକ ସାକ୍ଷାତକାର ଦେବା ଅବସରରେ ସେ କହିଛନ୍ତି । ଆଫଗାନିସ୍ତାନ ସହିତ ଥିବା ପୁରୁଣା ମଧୁର ସମ୍ପର୍କର ଯୁଗ ଶେଷ ହୋଇଛି । ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଭଲ ସମ୍ପର୍କ ରହିଛି । କିନ୍ତୁ ଏବେ ଆଫଗାନିସ୍ତାନ ସହ ପାକିସ୍ତାନର କୌଣସି ଭଲ ସମ୍ପର୍କ ନାହିଁ । ଏହା ସତ୍ତ୍ୱେ ପାକିସ୍ତାନରେ କୋଟି କୋଟି ଲୋକ ଶରଣ ନେଇଛନ୍ତି । ଯଦି ଭାରତ ସହିତ ଭଲ ସମ୍ପର୍କ ରହିଛି, ତେବେ ପାକିସ୍ତାନରେ ରହୁଥିବା ଆଫଗାନ ନାଗରିକ ଭାରତକୁ ସ୍ଥାନାନ୍ତର କାହିଁକି ହେଉ ନାହାନ୍ତି ବୋଲି ସେ କହିଛନ୍ତି । ଭାରତ ଏମାନଙ୍କୁ ପାଳୁ । ପାକିସ୍ତାନ କାହିଁକି ଏମାନଙ୍କ ବୋଝ ଉଠାଇବ ବୋଲି ସେ ପ୍ରଶ୍ନ କରିଛନ୍ତି । ପାକିସ୍ତାନ ପାଖରେ ନିଜ ଲୋକଙ୍କ ପାଇଁ ଭରପୂର ସମ୍ବଳ ନାହିଁ । ଆମ ମଧ୍ୟରେ ବନ୍ଧୁତ୍ୱ ନ ଥିଲେ ମଧ୍ୟ ଆମେ ପଡୋଶୀ ଭାବେ ଦାୟିତ୍ୱ ସମ୍ପାଦନ କରିଛୁ । ଏବେ ଭାରତ ଏମାନଙ୍କର ଭରଣପୋଷଣ କରୁ ବୋଲି ସେ କହିଛନ୍ତି । ତାଲିବାନ ଶାସନକୁ ଆସିବା ପୂର୍ବରୁ ମଧ୍ୟ ଆଫଗାନିସ୍ତାନ ସହ ଆମର ଭଲ ସମ୍ପର୍କ ନ ଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି ।

# ବ୍ରହ୍ମୋସ୍ ରେଞ୍ଜ୍‌ରେ ସମଗ୍ର ପାକିସ୍ତାନ: ରାଜନାଥ



ଲକ୍ଷ୍ନୌ, ୧୮ ।୧୦(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌରେ ପାକିସ୍ତାନକୁ ପୁଣି ଥରେ ଚେତାବନୀ ଦେଇଛନ୍ତି । ଅପରେସନ ସିନ୍ଦୂର ଶେଷ ହୋଇନାହିଁ । ପାକିସ୍ତାନର ପ୍ରତି ଇଞ୍ଚର ସ୍ଥାନ ବ୍ରହ୍ମୋସ କ୍ଷେପଣାସ୍ତ୍ର ରେଞ୍ଜ ପରିସରରେ ରହିଛି । 'ଅପରେସନ ସିନ୍ଦୂର'ରେ ଯାହା ହୋଇଥିଲା ତାହା ମାତ୍ର ଟ୍ରେଲର ଥିଲା । ଭାରତ ପାକିସ୍ତାନକୁ ଯଦି ଜନ୍ମ ଦେଇପାରେ, ତେବେ ... ଆଗକୁ କିଛି କହିବାର ଆବଶ୍ୟକତା ନାହିଁ । ଆପଣ ଏହାକୁ ବୁଝି ପାରୁଥିବେ ବୋଲି ସେ କହିଛନ୍ତି । ରାଜନାଥ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ଏରୋସ୍ପେସ୍ ୟୁନିଟ୍‌ରେ ଧନତେରାଶ ଦିନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ପର୍ଯ୍ୟାୟର ବ୍ରହ୍ମୋସ ମିସାଇଲକୁ ସବୁଜ ପତାକା ଦେଖାଇ ଦେଶକୁ ସମର୍ପିତ କରିଥିଲେ । ଏଥିସହ ଦୁଇ ନେତା ବ୍ରହ୍ମୋସ ଏରୋସ୍ପେଶ ୟୁନିଟ୍‌ରେ ଥିବା ବୁଷ୍ଟର ଓ ୱାରହେଡ ବିଲ୍ଡିଂକୁ ଉଦ୍‌ଘାଟନ କରିଥିଲେ । ଦୁଇଜଣ ସୁଖୋଇ ଲଢୁଆ ବିମାନରେ ବ୍ରହ୍ମୋସ ମିସାଇଲ୍‌ର ଆଭାସୀ ଆକ୍ରମଣକୁ ଦେଖିଥିଲେ । ଅନ୍ୟପଟେ ଯେକୌଣସି ସମୟରେ 'ଅପରେସନ ସିନ୍ଦୂର: ୨.୦' ଆରମ୍ଭ ହୋଇପାରେ ବୋଲି ସେନାମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ।

# ଆତଙ୍କ ଖେଳାଉଛି ଭାରତ: ମୁନୀର

ଇସଲାମାବାଦ୍, ୧୮ ।୧୦(ଏଜେନ୍ସି): ପାକିସ୍ତାନ ସେନା ମୁଖ୍ୟ ଅସିମ ମୁନୀର ପୁଣିଥରେ ଭାରତ ବିରୋଧରେ ଉତ୍ତେଜକ ମନ୍ତବ୍ୟ ଦେଇଛନ୍ତି । ଭାରତ ପାକିସ୍ତାନରେ ଆତଙ୍କ ଖେଳାଉଛି ବୋଲି ସେ କହିଛନ୍ତି । ଆକାରରେ ବଡ଼ ହୋଇଥିବାରୁ ସୁରକ୍ଷିତ ଅଛି ବୋଲି ଭାରତ ଭାବୁଛି, କିନ୍ତୁ ଏହା ଭ୍ରମ । ପାକିସ୍ତାନ ପାଖରେ ଏଭଳି ଅସ୍ତ୍ର ଅଛି ଯାହାଦ୍ୱାରା ଭାରତର ଯେକୌଣସି ସ୍ଥାନରେ ଆକ୍ରମଣ କରିହେବ । ସେନା ଏକାଡେମୀ ପାସିଂ ପରେଡ୍‌ରେ ଯୋଗ ଦେବା ଅବସରରେ ମୁନୀର ଏହି କଥା କହିଛନ୍ତି । ଭାରତ ଓ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରହିଛି । ତେଣୁ ଏଭଳି ସ୍ଥିତିରେ ଯୁଦ୍ଧର କୌଣସି ସ୍ଥାନ ନାହିଁ । ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ପାକିସ୍ତାନ ଆଶାଠାରୁ ଅଧିକ ଆକ୍ରମଣ କରିବ ବୋଲି ସେ ଭାରତକୁ ସତର୍କ କରାଇ କହିଛନ୍ତି । ସାମାଜିକ ଗଣମାଧ୍ୟମରେ ମୁନୀରଙ୍କ ଏହି ଭିଡିଓ ଭାଇରାଲ ହୋଇଛି । ପାକିସ୍ତାନର ଏକ ଇଞ୍ଚ ବି ଶତ୍ରୁଦେଶକୁ ଦିଆଯିବ ନାହିଁ । ପାକିସ୍ତାନ ନିଜର ସୀମାକୁ ରକ୍ଷା କରିବାରେ ସମର୍ଥ । ଏଥିସହ ଜମ୍ମୁ-କଶ୍ମୀରରେ ଚାଲିଥିବା ଆତଙ୍କବାଦ ଓ ଅତ୍ୟାଚାରକୁ ମୁନୀର ନିନ୍ଦା କରିଥିଲେ ।

# ଆର୍ଥିକ ସକ୍ଷମଙ୍କୁ ମିଳିବନି ଭରଣପୋଷଣ: ହାଇକୋର୍ଟ

ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଶନିବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଆର୍ଥିକ ଭାବେ ଆତ୍ମନିର୍ଭର ତଥା ସକ୍ଷମ ଏବଂ ସ୍ୱାଧୀନ ଜୀବନସାଥିଙ୍କୁ ଭରଣପୋଷଣ ଦିଆଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି । ସ୍ଥାୟୀ ଭରଣପୋଷଣ ସାମାଜିକ ନ୍ୟାୟର ଏକ ମାଧ୍ୟମ । ସକ୍ଷମ ଲୋକଙ୍କୁ ଧନୀ ବନାଇବାକୁ କିମ୍ବା ଆର୍ଥିକ ସମାନତାର ଏହା ମାଧ୍ୟମ ନୁହେଁ । ଜଷ୍ଟିସ ଅନିଲ କ୍ଷେତ୍ରପାଳ ଏବଂ ଜଷ୍ଟିସ ହରିଶ ବୈଧ୍ୟନାଥନ ଶଙ୍କଙ୍କ ଡିଭିଜନ ବେଞ୍ଚ କହିଥିଲେ ଯେ ଭରଣପୋଷଣ ବାବଦକୁ ଆର୍ଥ ମାଗୁଥିବା ସାଥିଙ୍କୁ ଆର୍ଥିକ ସହାୟତାର ଆବଶ୍ୟକତା ଥିବା ଦର୍ଶାଇବାକୁ ପଡ଼ିବ । ଏହି ମାମଲାରେ ପତ୍ନୀ ରେଲୱେ ଗ୍ରୁପର ଜଣେ ଅଧିକାରୀ । ସେ ବି ପର୍ଯ୍ୟାପ୍ତ ଆୟ କରୁଛନ୍ତି । ଭରଣପୋଷଣ ମାଗିଥିବା ଜଣେ ମହିଳାଙ୍କ ଦାବିକୁ ଖାରଜ କରି ହାଇକୋର୍ଟ ଏହି ଟିପ୍ପଣୀ ଦେଇଥିଲେ । ସ୍ୱାମୀ ଉତ୍ପୀଡ଼ନ ଦେଉଥିବା ଦର୍ଶାଇ ଛାଡ଼ପତ୍ର ଦାବି କରିଥିଲେ । ସେ ୧୨ କୋଟି ଟଙ୍କା, ମୁମ୍ବଇରେ ଏକ ଫ୍ଲାଟ ଏବଂ ବିଏମଡବ୍ଲ୍ୟୁ କାର ମାଗିଥିଲେ ।

**'ଏହା ନ୍ୟାୟର ଏକ ମାଧ୍ୟମ; ଧନୀ ହେବାର ନୁହେଁ'**

ତେବେ ପରିବାର କୋର୍ଟ ଭରଣପୋଷଣ ଦେବାକୁ କହିଥିଲେ । ମାତ୍ର ସ୍ୱାମୀ ଏହାକୁ ବିରୋଧ କରି ହାଇକୋର୍ଟ ଯାଇଥିଲେ । ହାଇକୋର୍ଟ ଏହି ମାମଲାରେ କହିଥିଲେ ଯେ ଆବେଦନକାରୀ ଆର୍ଥିକ ଭାବେ ଆତ୍ମନିର୍ଭର ଥିଲେ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନ୍ୟାୟିକ ବିବେକକୁ ବ୍ୟବହାର କରାଯାଇପାରିବ ନାହିଁ । ସୂଚନା ଅନୁଯାୟୀ ମହିଳା ରେଲୱେ କର୍ମଚାରୀ ଥିବାବେଳେ ତାଙ୍କ ପତି ଜଣେ ଓକିଲ । ଉଭୟେ ୨୦୧୦ ଜାନୁଆରୀରେ ବିବାହ କରି ୧୪ ମାସ ପରେ ଅଲଗା ହୋଇଯାଇଥିଲେ । ମାନସିକ କ୍ରୁରତା, ଶାରୀରିକ ନିର୍ଯାତନା, ଅପମାନଜନକ ଭାଷା ବ୍ୟବହାର କରୁଥିବା ମହିଳା ଅଭିଯୋଗ କରିଥିଲେ । ପରିବାର କୋର୍ଟ ମହିଳାଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ଥିଲେ । ତେବେ ହାଇକୋର୍ଟ ଭିନ୍ନ ରାୟ ଦେଇ କହିଥିଲେ ଯେ ମହିଳା ନିଜ ଶାଶୁଶଶୁରଙ୍କ ପ୍ରତି ଅପମାନଜନକ ଭାଷା ପ୍ରୟୋଗ କରିଛନ୍ତି । ଏହା ମଧ୍ୟ ମାନସିକ ଉତ୍ପୀଡ଼ନ ସହ ସମାନ । ଶେଷରେ ସ୍ଥାୟୀ ଭରଣପୋଷଣ ଭତ୍ତା ଦେବାକୁ କୋର୍ଟ ମନା କରିଦେଇଥିଲେ ।

# ଦୁର୍ନୀତି ପାଇଁ ୯ ଚୀନ୍ ସେନା ଅଧିକାରୀ ବରଖାସ୍ତ

ବେଜିଂ, ୧୮ ।୧୦(ଏଜେନ୍ସି): ଦୁର୍ନୀତି ଅଭିଯୋଗରେ ଚୀନ୍‌ରେ ଦୁଇଜଣ ଆଗଧାଡ଼ିର ଅଫିସରଙ୍କ ସମେତ ମୋଟ ୯ଜଣ ସେନା ଅଧିକାରୀଙ୍କୁ ବରଖାସ୍ତ କରାଯାଇଛି । ଏମାନଙ୍କ ମଧ୍ୟରେ ଜେନେରାଲ ହେ ୱେଇଡଙ୍ଗ ଓ ନୌସେନା ଆଡମିରାଲ ମିଆଓ ସାମିଲ ଅଛନ୍ତି । ଦୁର୍ନୀତି ଅଭିଯୋଗରେ ଏମାନଙ୍କୁ ସେନା, କମ୍ୟୁନିଷ୍ଟ ପାର୍ଟିରୁ ବିଦା କରାଯାଇଛି । ୨୦୨୩ରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଦୁର୍ନୀତି ନିବାରଣ ଅଭିଯାନ ଆରମ୍ଭ ହେବା ପରେ ଏହା ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ବୋଲି କୁହାଯାଉଛି । ୱେଇଡଙ୍ଗ ଚୀନର ସେଣ୍ଟ୍ରାଲ ମିଲିଟାରୀ କମିଶନ (ସିଏମ୍‌ସି) ଭାଇସ ଚେୟାରମ୍ୟାନ ଦାୟିତ୍ୱରେ ଥିଲେ । ଚୀନ ପିପୁଲ୍ସ ଲିବେରସନ ଆର୍ମିର ଏହା ଦ୍ୱିତୀୟ ସମ୍ମାନଜନକ ତଥା ମର୍ଯ୍ୟାଦାସମ୍ପର୍ଣ୍ଣ ପଦ ବିବେଚିତ ହେଉଛି । ସେହିପରି ମିଆଓ ଜଣେ ନୌସେନା ଆଡମିରାଲ ଓ ସେନାର ପୂର୍ବତନ ରାଜନୈତିକ ବ୍ୟକ୍ତିତ୍ୱ ।

# 'ଇଣ୍ଡିଆ' ମେଣ୍ଟରେ ଫାଟ: ୧୦ ଆସନରେ ମୁହାଁମୁହିଁ, ଏକାକୀ ଲଢ଼ିବ ଜେଏମ୍ଏମ୍

ପାଟନା, ୧୮।୧୦ (ଏଜେନ୍ସି): ବିହାର ନିର୍ବାଚନ ପାଇଁ 'ଇଣ୍ଡିଆ' ମେଣ୍ଟର କଳି ଛିଡ଼ିପାରୁ ନାହିଁ । ଏପରି ସମୟରେ ଏହି ବିରୋଧୀଙ୍କ ମହାମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି । ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ମେଣ୍ଟରୁ ସମ୍ପର୍କ ଛିନ୍ନ କରିଛି । ବିହାରରେ ଏକାକୀ ନିର୍ବାଚନ ଲଢ଼ିବାକୁ ଜେଏମଏମ ପକ୍ଷରୁ ଶନିବାର ଘୋଷଣା କରାଯାଇଛି । ଦଳ ୬ଟି ଆସନରେ ପ୍ରାର୍ଥୀ ଦେବ ବୋଲି କୁହାଯାଇଛି । ଜେଏମଏମ ସାଧାରଣ ସମ୍ପାଦକ ସୁପ୍ରିୟା ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦଳ ନିଜ କ୍ଷମତା ବଳରେ ବିହାରରେ ଲଢିବାକୁ ନିଷ୍ପତ୍ତି ନେଇଛି । ଚକାଇ, ଧମଦାହବା, କଟୋରିଆ, ମନିହାରୀ, ଜମୁଇ ଏବଂ ପିରପେଣ୍ଟୋରେ ନିଜ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିବ । ଏଥିପାଇଁ ୨୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଜାରି କରାଯାଇଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହାର ନେତୃତ୍ୱ ନେବେ । ଜେଏମଏମର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ମହାମେଣ୍ଟକୁ ଲଢ଼ିବା ପାଇଁ ସିଟ୍ ଦେବାକୁ କୁହାଯାଇଥିଲା । କିନ୍ତୁ ଇଣ୍ଡିଆ ମେଣ୍ଟ ଜେଏମଏମକୁ ଆସନ ଦେବାକୁ ମନା କରିଦେଇଥିଲା । ତେଣୁ ଦଳ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲା ।

ପୂର୍ବରୁ ମହାମେଣ୍ଟରେ ଆସନ ବୁଝାମଣାକୁ ନେଇ ଟଣାଓଟରା ଜାରି ରହିଛି । ଏବେ କଂଗ୍ରେସ କଳି ଖୋଲାଖୋଲି ଭାବେ ସାମ୍‌ନାକୁ ଆସିଯାଇଛି । ଟିକଟ ପାଇ ନ ଥିବା ଗୋଷ୍ଠୀ ଶନିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଶୀଘ୍ର ମହାମେଣ୍ଟ ଭାଙ୍ଗିଯିବ ବୋଲି କହିଛନ୍ତି । ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ ଏବଂ ପ୍ରଭାରୀ କୃଷ୍ଣା ଅଲାବରୁ ଟିକଟ ବିକ୍ରି କରୁଥିବା ଅସନ୍ତୁଷ୍ଟ ନେତମାନେ ଅଭିଯୋଗ କରୁଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଖଗଡ଼ିଆ ବିଧାୟକ ଛତ୍ରପତି ଯାଦବ, ବରବିଘାରୁ ଗଜାନନ୍ଦ ସାହି, ଯୁବ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ନାଗେନ୍ଦ୍ର ପାଶ୍ୱାନ, ବାଙ୍କା ଜିଲ୍ଲାଧ୍ୟକ୍ଷ କଞ୍ଚନା କୁମାରୀ ସିଂହଙ୍କ ସମେତ ଅନ୍ୟ ନେତା ଉପସ୍ଥିତ ଥିଲେ । କଂଗ୍ରେସ ନେତା ବଣ୍ଟି ଚୌଧୁରୀ କହିଥିଲେ ଯେ ମେଣ୍ଟ ଖୁବଶୀଘ୍ର ଭାଙ୍ଗିଯିବ । ପ୍ରଭାରୀଙ୍କ ପାଇଁ ଏପରି ହୋଇଛି । ସେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିନାହାନ୍ତି । ଏମାନେ 'ଭୋଟ ଚୋର, ଗଦି ଛାଡ଼' ସ୍ଲୋଗାନ ଦେଇଥିଲେ, କିନ୍ତୁ ଆମେ 'ଟିକଟ ଚୋର, ପଦ ଛାଡ଼' କଥା କହୁଛୁ ।

ତେବେ ୧୦ ଆସନରେ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟର ୧୨୧ ସିଟ୍ ପାଇଁ ମହାମେଣ୍ଟର ୧୨୫ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଆରଜେଡି ୭୨, କଂଗ୍ରେସ ୨୪, ବାମଦଳ ୨୧, ଭିଆଇପି ୬ ଏବଂ ଆଇଆଇପି ୨ ସିଟରେ ନାମାଙ୍କନ ଦାଖଲ କରିଛି । ବୈଶାଳୀ, ଲାଲଗଞ୍ଜ, ବାରିସଲିଗଞ୍ଜ, କହଲଗାଁଓରେ ଆରଜେଡି ଓ କଂଗ୍ରେସ, ତାରାପୁର, ଗୌରା ବୌରମରେ ଆରଜେଡି ଓ ଭିଆଇପି, ବଛୱାଡ଼ା, ରାଜାପକଡ, ରୋସଡା, ବିହାର ସରିଫରେ ସିପିଆଇ ଓ କଂଗ୍ରେସ ଅଲଗା ଅଲଗା ପ୍ରାର୍ଥୀ ଦେଇଛନ୍ତି ।

## ଏନ୍‌ଡିଏ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ

ବିହାରର କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ବଡ଼ ଝଟ୍‌କା ଲାଗିଛି । ନିର୍ବାଚନୀ ଲଢ଼େଇ ପୂର୍ବରୁ ଏନ୍‌ଡି ହିଟ୍‌ୱିକେଟ ହୋଇଯାଇଛି । ଏନ୍‌ଡିଏ ଗୋଟିଏ ଆସନ ହରାଇ ଦେଇଛି । ଏନ୍‌ଡିଏ ମେଣ୍ଟର ସଦସ୍ୟ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାଶ)କୁ ଛପରା ଜିଲ୍ଲା ମଢୌରା ଆସନ ମିଳିଥିଲା । ଏହି ଆସନରୁ ଏଲଜେପିଆର ଅଭିନେତ୍ରୀ ସୀମା ସିଂହଙ୍କୁ ପ୍ରାର୍ଥୀ କରିଥିଲା । କିନ୍ତୁ ସୀମାଙ୍କ ପାର୍ଥିପତ୍ର ନାକଚ ହୋଇଯାଇଛି । ଫଳରେ ରାଜନୀତିର ମୈଦାନରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସୀମା ହିଟ୍-ୱିକେଟ ହୋଇଯାଇଛନ୍ତି । ପ୍ରାର୍ଥିପତ୍ରର ଯାଞ୍ଚ ସମୟରେ ସୀମା ଦେଇଥିବା ପ୍ରମାଣପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା ।

# କୋର୍ଟରୁ ଡେଇଁ ମହିଳା ଷ୍ଟେନୋଙ୍କ ଆତ୍ମହତ୍ୟା

କାନପୁର, ୧୮।୧୦ (ଏଜେନ୍ସି): ଉତ୍ତର ପ୍ରଦେଶ କାନପୁର କୋର୍ଟର ଷଷ୍ଠ ମହଲାରୁ ଡେଇଁ ଜଣେ ମହିଳା ଷ୍ଟେନୋ ଆତ୍ମହତ୍ୟା କରିଛନ୍ତି । ମହିଳା ପଡ଼ିବା ପରେ କୋର୍ଟରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା । ଗୁରୁତର ଅବସ୍ଥାରେ ପୁଲିସ କର୍ମଚାରୀ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇ ଥିଲେ । କୌଣସି ଏକ ମାମଲାକୁ ନେଇ ମହିଳା ଦୀର୍ଘ ଦିନ ହେଲା ଚିନ୍ତିତ ଥିଲେ ବୋଲି କୁହାଯାଉଛି । ତେବେ କୋର୍ଟ କର୍ମଚାରୀ ଉତ୍ପୀଡ଼ନ ଦେଇଥିବା ପୀଡ଼ିତାଙ୍କ ଜେନେ ଅଭିଯୋଗ କରିଛନ୍ତି । ସେ କହିଥିଲେ ଯେ ୪ ମାରସ ହେଲା ନାତୁଣୀ ଏଠାରେ ଚାକିରି କରିଥିଲା । ସେ ନିଜ ମାଆଙ୍କୁ ଫୋନ କରି ସବୁ କଥା କହିଥିଲା । ନାତୁଣୀ ଆତ୍ମହତ୍ୟା କରିନାହିଁ । ଷଷ୍ଠ ମହଲାରୁ ପକାଇ ତାକୁ ହତ୍ୟା କରାଯାଇଛି । ଏହି ମାମଲାର ଯାଞ୍ଚ ହେବା ଉଚିତ । ପ୍ରଥମେ ଆମକୁ ଦୁର୍ଘଟଣା ହୋଇଥିବା ସୂଚନା ଦିଆଯାଇଥିଲା । ଏହି ସୂଚନା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିବା କୋତୱାଲି ପୁଲିସ ଏବଂ ଫରେନସିକ ଟିମ୍ ମାମଲାର ତଦନ୍ତ କରୁଛି । ସୂଚନା ଅନୁଯାୟୀ ଘାଟମପୁରର କୋଟରା ମକରନ୍ଦପୁର ବାସିନ୍ଦା ନେହା (୩୦) ସିଭିଜ ଜଜ୍ ସିନିୟର ଡିଭିଜନ କୋର୍ଟରେ ଷ୍ଟେନୋ ଭାବେ କାର୍ଯ୍ୟ କରୁଥିଲେ । ସେ ଶନିବାର ଦ୍ୱିପହରେ ଏଭଳି ଚରମ ପଦକ୍ଷେପ ନେଇଥିଲେ । ପୁଲିସ କମିଶନର ରଘୁବୀର ଲାଲ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ଚାନ୍ଦଶୈଳୀ ଘାଟୀରୁ ଖସିଲା ଗାଡ଼ି; ୮ ଶ୍ରଦ୍ଧାଳୁ ମୃତ

ମୁମ୍ବାଇ, ୧୮ ।୧୦(ଏଜେନ୍ସି): ମହାରାଷ୍ଟ୍ରର ନନ୍ଦୁରବାର ଜିଲ୍ଲାର ଚାନ୍ଦଶୈଳୀ ଘାଟୀରେ ଶନିବାର ଏକ ଗାଡ଼ି ଖାଇକୁ ଖସିପଡ଼ିଥିଲା । ଏଥିରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି ବୋଲି କୁହାଯାଉଛି । ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି । ଅଷ୍ଟମ୍ବା ଋଷି ତୀର୍ଥସ୍ଥଳ ଭ୍ରମଣ କରି ଶ୍ରଦ୍ଧାଳୁମାନେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଶାହାଦା ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା । ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା ଓ ଡାକ୍ତରମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଛନ୍ତି । ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ପୂର୍ବରୁ ମଧ୍ୟ ଚାନ୍ଦଶୈଳୀ ଘାଟୀ ରାସ୍ତାରେ ବୁଲାଣି ଓ ଗଡ଼ାଣି ଥିବା କାରଣରୁ ଏକାଧିକ ବାର ଦୁର୍ଘଟଣା ଘଟିଛି । ଗାଡ଼ିରେ ବସିଥିବା ସବୁ ଲୋକ ନନ୍ଦୁରବାର ଜିଲ୍ଲାର ନିବାସୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ତେବେ ଦୁର୍ଘଟଣାର ପ୍ରକୃତ କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳିନାହିଁ ।

# ଢାକା ବିମାନ ବନ୍ଦରରେ ନିଆଁ; ସବୁ ଉଡ଼ାଣ ବାତିଲ୍



ଢ଼ାକା, ୧୮ ।୧୦(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ହଜରତ ଶାହାଜଲାଲ ଅନ୍ତର୍ଜାତୀୟ ବିମାନ ବନ୍ଦରର କାର୍ଗୋ ଅଞ୍ଚଳରେ ଶନିବାର ଅପରାହ୍ଣ ୩ଟାରେ ନିଆଁ ଲାଗିଛି । ନିଆଁ ଦ୍ରୁତଗତିରେ ବ୍ୟାପୀ ଯାଇଥିଲା । ଫଳରେ ବିମାନ ବନ୍ଦର କର୍ତ୍ତୃପକ୍ଷ ସବୁ ବିମାନର ଉଡ଼ାଣକୁ ବାତିଲ କରିଥିଲେ । ଦିଲ୍ଲୀରୁ ଢ଼ାକା ଯାଉଥିବା ବିମାନର ରୁଟ୍ ପରିବର୍ତ୍ତନ କରାଯାଇଛି ଓ ଏହାକୁ କୋଲକାତା ପଠାଯାଇଛି । ଅପରାହ୍ଣ ୨.୩୦ରେ ୮ ନଂ ଗେଟ୍ ନିକଟରେ ଥିବା କାର୍ଗୋ ଭିଲେଜରେ ନିଆଁ ଲାଗିଥିଲା ବୋଲି ଫାୟାର ସର୍ଭିସ ତରଫରୁ କୁହାଯାଇଛି । ଏପର୍ଯ୍ୟନ୍ତ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି । କିନ୍ତୁ ବହୁ ପରିମାଣର ଜିନିଷ କ୍ଷତିଗ୍ରସ୍ତ ହୋଇଛି । ନିଆଁ ଲାଗିବା ପରେ ପ୍ରବଳମାତ୍ରାରେ କଳା ଧୂଆଁ ବାହାରିଥିଲା ଓ ଆଖପାଖରେ ବାୟୁ ପ୍ରଦୂଷିତ ହୋଇଥିଲା । ଫଳରେ ଲୋକେ ନିଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ବିମାନ ବନ୍ଦର ସବୁ ବିମାନ ସୁରକ୍ଷିତ ରହିଛି ବୋଲି କୁହାଯାଇଛି ।

# ଗରିବ ରଥ ଟ୍ରେନ୍‌ରେ ଲାଗିଲା ନିଆଁ



ଲୁଧିଆନା, ୧୮ ।୧୦ (ଏଜେନ୍ସି): ପଞ୍ଜାବ ଲୁଧିଆନାରୁ ବିହାରର ସହରସା ଯାଉଥିବା ଗରିବ ରଥ ଟ୍ରେନ୍‌ରେ ଶନିବାର ସକାଳେ ନିଆଁ ଲାଗିଛି । ପଞ୍ଜାବର ସରହିନ୍ଦ ଷ୍ଟେସନ ନିକଟରେ ଏହି ଘଟଣା ଘଟିଛି । ଟ୍ରେନ୍‌ର ୧୯ ନଂ ଏସି ବଗିରେ ସର୍ଟ ସର୍କିଟ କାରଣରୁ ନିଆଁ ଲାଗିଛି ବୋଲି କୁହାଯାଇଛି । ଏହି ଟ୍ରେନ୍‌ରେ ଲୁଧିଆନାର କେତେଜଣ ବଡ଼ ବ୍ୟବସାୟୀ ଯାତ୍ରା କରୁଥିଲେ । ୧୯ ନଂ ବଗିରେ ନିଆଁ ଲାଗିବା ମାତ୍ରେ ଯାତ୍ରୀ ଚେନ୍ ଟାଣି ଟ୍ରେନ୍‌କୁ ରୋକିବାକୁ ସକ୍ଷମ ହୋଇଥିଲେ । ଟ୍ରେନ୍ ରହିବା ପରେ ଯାତ୍ରୀମାନେ ତଳକୁ ଓହ୍ଲାଇ ନିଜ ଜିନିଷ ଛାଡି ସେଠାରୁ ଦୌଡ଼ିବାକୁ ଆରମ୍ଭ କରିଥିଲେ । ତରବରର ଏହି ପ୍ରକ୍ରିୟାରେ କେତେଜଣ ଯାତ୍ରୀ ଆହତ ମଧ୍ୟ ହୋଇଥିଲେ । ଜଣେ ଯାତ୍ରୀ ଗୁରୁତର ଭାବେ ଆହତ ହୋଇଛନ୍ତି । କେତେକ ଯାତ୍ରୀ ନିଜ ପିଲାଙ୍କ ଯାତ୍ରା କରୁଥିଲେ । ସେପଟେ ସୂଚନା ମିଳିବା ମାତ୍ରେ ହିଁ ଦମକଳ ଦଳ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏକ ଘଣ୍ଟା ମଧ୍ୟରେ ନିଆଁକୁ କାବୁ କରାଯାଇଥିଲା । ୧୯ ନଂ ବଗି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା । ୧୮ ନଂ ବଗି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଜଳିଯାଇଥିବା ବଗିକୁ ହଟାଇବା ପରେ ଟ୍ରେନ୍ ପୁଣି ଚାଲିଥିଲା ।

# ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର,୧୮।୧୦(ସମିସ): ରାଜଧାନୀ ଭୁବନେଶ୍ୱରର ଅଶୋକ ନଗର ଅଞ୍ଚଳରେ ଶୁକ୍ରବାର ଜଣେ ୧୭ ବର୍ଷୀୟ ଝିଅକୁ ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମହିଳା ଜନତା ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ, ବରିଷ୍ଠ ସାଧାରଣ ସମ୍ପାଦକ ସୁମିତ୍ରା ଜେନା ଏବଂ ସାଧାରଣ ସମ୍ପାଦକ ରଞ୍ଜିତା ସାହୁ ଗତ ୧୬ ମାସର ବିଜେପି ଶାସନରେ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ସୁଲତା ଦେଓ କହିଛନ୍ତି ଯେ ରାଜଧାନୀ ଭୁବନେଶ୍ୱରର ଛାତି ଉପରେ ଜଣେ ୧୭ ବର୍ଷର ଝିଅକୁ ଗଣଦୁଷ୍କର୍ମ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗି ଦିଆଯାଉଛି; କିନ୍ତୁ ପୁଲିସ ପ୍ରଶାସନ ଜାଣି ପାରୁନି। ରାଜଧାନୀର ଛାତି ଉପରେ ଯଦି ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସରକାର ସକ୍ଷମ ନୁହଁନ୍ତି, ତା'ହେଲେ ଅନ୍ୟ ଜାଗାରେ କିଭଳି ସୁରକ୍ଷା ପ୍ରଦାନ କରି ପାରିବେ। ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ପ୍ରତିଦିନ ଖବର କାଗଜରେ ଶିରୋନାମା ପାଲଟୁଛି। ରାଜ୍ୟରେ ଗତ ୧୬ ମାସରେ ୩୭,୭୫୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ଯାହା ଭିତରେ, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଇତ୍ୟାଦି ଘଟଣା ରହିଛି। ବିରୋଧୀ ଦଳମାନଙ୍କ ପକ୍ଷରୁ ଏଥିନେଇ ବିଧାନସଭାରେ ଓ ବାହାରେ ସ୍ୱର ଉତ୍ତୋଳନ କରାଯାଇ ଆସୁଥିଲେ ମଧ୍ୟ ସ୍ଥିତିରେ ସୁଧାର ଆଣିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି।

ସୁମିତ୍ରା ଜେନା କହିଥିଲେ ଯେ ଅଶୋକ ନଗର ଗଣଦୁଷ୍କର୍ମ ଘଟଣାରେ ପୁଲିସ ସ୍ପଷ୍ଟୀକରଣ ଦେଇ ଏହା ଏକ ସେକ୍ସ ରାକେଟ ମାମଲା ବୋଲି କହୁଛି। କିନ୍ତୁ ଯଦି ରାଜଧାନୀର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରେ ସେକ୍ସ ରାକେଟ ଚାଲୁଛି, ତା'ହେଲେ ପୁଲିସ ଏଠାରେ କରୁଛି କଣ? ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି; କିନ୍ତୁ ସରକାରଙ୍କର ଏଥିପ୍ରତି ନିଘା ନାହିଁ।

ରଞ୍ଜିତା ସାହୁ କହିଥିଲେ ଯେ ପଶ୍ଚିମବଙ୍ଗରେ ଓଡ଼ିଆ ଝିଅର ଗଣଦୁଷ୍କର୍ମ ଘଟଣାରେ ରାଜ୍ୟ ସରକାର ତତ୍ପରତା ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ପୀଡ଼ିତା ସହିତ କଥା ହୋଇ ତାଙ୍କ ବାର୍ତ୍ତାଳାପର ଭିଡିଓ ଗଣମାଧ୍ୟମରେ ଛାଡ଼ିଲେ। ରାଜ୍ୟ ମହିଳା କମିସନ ସେଠାକୁ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଲେ। କିନ୍ତୁ ରାଜ୍ୟରେ ପ୍ରତିଦିନ କେହି ନା କେହି ମହିଳା ଦୁଷ୍କର୍ମର ଶୀକାର ହେଉଛନ୍ତି। ନା ମୁଖ୍ୟମନ୍ତ୍ରୀ ସେମାନଙ୍କ ସହିତ କଥା ହେଉଛନ୍ତି ନା ରାଜ୍ୟ ମହିଳା କମିସନ ସେମାନଙ୍କ ନିକଟକୁ ଯାଉଛନ୍ତି। ଦୁଃଖ ଓ ପରିତାପର ବିଷୟ ଯେ ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣାରେ ସରକାର ରାଜନୀତି କରିବାକୁ ପଛାଉ ନାହାନ୍ତି। ପଶ୍ଚିମବଙ୍ଗରେ ଦୁଷ୍କର୍ମ ମାମଲାରେ ରାଜ୍ୟ ସରକାର ତତ୍ପରତା ଦେଖାଉଥିବା ବେଳେ ରାଜ୍ୟରେ ହେଉଥିବା ମାମଲା ଗୁଡିକରେ ନିରବତା ଅବଲମ୍ବନ କରୁଛନ୍ତି। ଏହା ରାଜ୍ୟ ସରକାରଙ୍କ ହୀନ ରାଜନୀତି ବୋଲି ଶ୍ରୀମତୀ ସାହୁ କହିଥିଲେ।



- ୧୬ ମାସରେ ୩୭,୦୦୦ରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା
- ରାଜଧାନୀର ଛାତି ଉପରେ ଗଣଦୁଷ୍କର୍ମ କରି ଫିଙ୍ଗି ଦିଆଯାଉଛି
- ପଶ୍ଚିମବଙ୍ଗ ଦୁଷ୍କର୍ମ ମାମଲାରେ ତତ୍ପରତା; ରାଜ୍ୟ ମାମଲାରେ ନିରବତା

# ସାଇବର ଅପରାଧ ରୋକିବା ପାଇଁ ସଚେତନତା ସବୁଠୁ ଶକ୍ତିଶାଳୀ ଅସ୍ତ୍ର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୧୦(ସମିସ): ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି। ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବ୍‌ଶୀଘ୍ର ଆଉ ୨୦ଟି ନୂତନ ସାଇବର ପୁଲିସ ଷ୍ଟେସନ କାର୍ଯ୍ୟକ୍ଷମ ହେବ। ଏଥିସହ ପୂର୍ବରୁ ଥିବା ୧୪ଟି ସାଇବର ପୁଲିସ ଷ୍ଟେସନର ଆଧୁନୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୁଲିସ ପଦ ସୃଷ୍ଟି କରାଯିବା ସହ ୧୭୦ଜଣ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ। କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ରାଜ୍ୟ ସ୍ତରୀୟ ସଚେତନତା ଅଭିଯାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶ୍ର ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି। ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୁଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି। କିନ୍ତୁ ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ। ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ। ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୬ଟି ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅତିଥି, ସରକାରୀ ଅଧିକାରୀ ଓ ଛାତ୍ରଛାତ୍ରୀମାନଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ଏକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ମନୋଜ ଆହୁଜା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

- ସାଇବର ସୁରକ୍ଷା ପାଇଁ ସୃଷ୍ଟି ହେବ ୧୧୨୭ ପୁଲିସ ପଦ
- ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ




**ମୁଗୁପୁର ୪ ଭାଇଙ୍କୁ ହତ୍ୟା ମାମଲା**

# ଦୁଇ ଜଣଙ୍କୁ ଆଜୀବନ

ଆନନ୍ଦପୁର, ୧୮।୧୦(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ମୁଗୁପୁର ଗ୍ରାମର ବହୁଚର୍ଚ୍ଚିତ ଚାରି ଭାଇଙ୍କୁ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସମହାପାତ୍ର ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଦ୍ୱୟ ହେଲେ, ଦାମୋଦର ଓଝା(୪୯) ଓ ଧନେଶ୍ୱର ଓଝା(୫୨)। ସେହିପରି ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ଏହି ମାମଲାରେ ଅନ୍ୟ ଚାରି ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିବା ଜଣାଯାଇଛି।

ଗତ ୨୦୦୨ ମସିହାରେ ଏହି ବର୍ବରୋଚିତ ହତ୍ୟାକାଣ୍ଡ ଘଟିଥିଲା। ମୁଗୁପୁରର ୪ ଭାଇଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ସମ୍ପର୍କରେ ସାନଭାଇ ମାଧବାନନ୍ଦ ଦଳେଇ ଆନନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଆନନ୍ଦପୁରର ଅତିରିକ୍ତ ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ଓ ସ୍ୱତନ୍ତ୍ର ସରକାରୀ ଓକିଲ ବାଇଧର ସେଠୀ ମାମଲା ପରିଚାଳନା କରୁଥିଲେ।

■ ଦ୍ୱାରାଶୁଣି ଘାଟିରେ ପୁଣି ଅଘଟଣ

# କାର୍ ଉପରେ ଓଲଟି ପଡ଼ିଲା ବସ୍

ବାରିପଦା, ୧୮।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ୪୯ନଂ ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟ ଦ୍ୱାରାଶୁଣି ଘାଟିରେ ଶୁକ୍ରବାର ଅପରାହ୍ଣରେ ଏକ ଚଳନ୍ତା କାର୍ ଉପରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଏଥିରେ କାର୍ ଚାଳକଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅଗ୍ନିଶମବାହିନୀ ସହାୟତାରେ ବାଙ୍ଗିରିପୋଷି ପୁଲିସ ଆହତମାନଙ୍କୁ ପ୍ରଥମେ ବାଙ୍ଗିରିପୋଷି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ପରେ ସେଠାରୁ ୨ ଗୁରୁତରଙ୍କୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାର୍‌କୁ ଜବତ କରିଛି। ସୂଚନାନୁଯାୟୀ, ଦ୍ୱାରାଶୁଣି ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ କିଛି ଦିନ ହେବ ଟ୍ରାଫିକ ଜାମ ଲାଗି ରହିଛି। ଶନିବାର ଅପରାହ୍ଣରେ ଶ୍ରୀ ଗଣେଶ ନାମକ ଯାତ୍ରୀବାହୀ ବସ୍ ତିରିଂରୁ ବାରିପଦା ଅଭିମୁଖେ ଆସୁଥିଲା। ଘାଟି ରାସ୍ତାରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ମାଡ଼ିଯାଇ ପାହାଡ଼ ସହ ଧକ୍କା ହୋଇ ଚଳନ୍ତା କାର୍ ଉପରେ ଓଲଟି ପଡ଼ିଥିଲା। କାର୍ ଭିତରେ ଚାଳକ ଦେବବ୍ରତ ମହାପାତ୍ର ଓ ମୁକେଶ ବିଶ୍ୱାଳ ଥିଲେ। ଦୁହେଁ ଏକ ଔଷଧ କମ୍ପାନୀର ପ୍ରତିନିଧି। ରାଇରଙ୍ଗପୁରରୁ କାମ ସାରି ସେମାନେ ବାଲେଶ୍ୱର ଫେରୁଥିବା ବେଳେ ଏହି ଅଘଟଣ ଘଟିଥଲା।

# ଜଳପ୍ରପାତରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ମୃତ

ବାରିପଦା,୧୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ପାଦଦେଶ ଖୁଣ୍ଟା ଥାନା ଭୋଲଗଡ଼ିଆ ପଞ୍ଚାୟତ ଅଧୀନରେ ଥିବା ଟୁଙ୍କି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ, ମୁର୍ଗାବାଡିର ଅମିତ କୁମାର ପାତ୍ରଙ୍କ ପୁଅ ସୌମିତ(୧୮)। ସେ ବାରିପଦାର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଦ୍ୱିତୀୟବର୍ଷ ଛାତ୍ର।

ଶନିବାର ସୌମିତ ତାଙ୍କ ସାଙ୍ଗ ଭଞ୍ଜପୁର ଅଞ୍ଚଳର ସଚ୍ଚିଦାନନ୍ଦ କର ସ୍କୁଟିରେ ଟୁଙ୍କି ଜଳପ୍ରପାତ ବୁଲି ଯାଇଥିଲେ। ପହଁରା ଜାଣିନଥିବା ସୌମିତ ମଧ୍ୟାହ୍ନରେ ରିଲ୍ କରିବା ବେଳେ ଜଳପ୍ରପାତ କୁଣ୍ଡରେ ବୁଡି ଯାଇଥିଲେ। ୧୦ ଫୁଟ୍ ଗଭୀରରୁ ଖୁଣ୍ଟା ଦମକଳ ବାହିନୀ ସୌମିତଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁଣ୍ଟା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଜଳପ୍ରପାତ ଓ ଝରଣାରେ ପ୍ରତିବର୍ଷ ଏକାଧିକ ଯୁବକଙ୍କ ଏପରି ମୃତ୍ୟୁ ଘଟୁଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ସତର୍କ ସୂଚନା ବା ସଚେତନତା ବାର୍ତ୍ତା, ଗାଇଡଲାଇନ୍ ଅବଲମ୍ବନ ଜରୁରୀ ହୋଇପଡ଼ିଛି।

# ମାଓନେତା ସବ୍ୟସାଚୀ ଆଉଏକ ମାମଲାରେ ନିର୍ଦ୍ଦୋଷରେ ଖଲାସ

ଗୁଣପୁର, ୧୮।୧୦ (ସମିସ): ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ଥାନା ଅନ୍ତର୍ଗତ ଡିମିରିଗୁଡ଼ା ଅଞ୍ଚଳରୁ ବିଭିନ୍ନ ଲୋକଙ୍କ ଜମିରୁ ଧାନ ଜୋରଜବରଦସ୍ତ କାଟି ନେବା ମାମଲାରେ ମାଓ ନେତା ସବ୍ୟସାଚୀ ପଣ୍ଡା ନିର୍ଦୋଷରେ ଖଲାସ ହୋଇଛନ୍ତି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶନିବାର ଏହି ମାମଲାର ରାୟ ଶୁଣାଇଛନ୍ତି। ଏହି ମାମଲାରେ ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଥିଲେ। ୨୦୦୧ ମସିହା ନଭେମ୍ବର ୧୧ରେ ଗୁଡ଼ାରୀ ଥାନା ଅଧୀନ ଡିମିରିଗୁଡ଼ା ଅଞ୍ଚଳର ୩ଜଣ ବ୍ୟକ୍ତିଙ୍କ ଧାନ ଜମିରୁ ଗ୍ରାମବାସୀ ଓ ମାଓବାଦୀ ଜୋରଜବରଦସ୍ତ ଧାନ ନେବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ମାମଲାରେ ମାଓନେତା ସବ୍ୟସାଚୀଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇ ଗୁଡ଼ାରୀ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅଦାଲତ ମାଓନେତା ସବ୍ୟସାଚୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି।

# କାର୍ତ୍ତିକ ପରେ ରତ୍ନ ଅଳଙ୍କାର ଗଣତିମଣତି

**କାର୍ତ୍ତିକ ସରିବାର ୧୫ ଦିନ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ**

ପୁରୀ, ୧୮।୧୦ (ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତିମଣତି କାର୍ତ୍ତିକ ମାସ ପରେ କରାଯିବ। ରତ୍ନଭଣ୍ଡାରର ମରାମତି ଶେଷ ହୋଇ ଅଳଙ୍କାର ମୂଳ ରତ୍ନଭଣ୍ଡାରକୁ ଫେରିଛି। ଏବେ କାର୍ତ୍ତିକ ମାସ ଯୋଗୁଁ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ସହ ଭକ୍ତଙ୍କ ଭିଡ଼ ରହିଛି। ତେଣୁ କାର୍ତ୍ତିକ ପରେ ଗଣତିମଣତି କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ସୂଚନା ଦେଇଛନ୍ତି। ଶନିବାର ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏପରି କହିଛନ୍ତି। ସେହିପରି ଧାଡ଼ି ଦର୍ଶନ ସଂପର୍କରେ ସେ କହିଛନ୍ତି ଯେ କାର୍ତ୍ତିକ ମାସ ଶେଷ ହେବାର ପନ୍ଦର ଦିନ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ପ୍ରଥମେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ଏବେ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେଉଛି। ତେଣୁ କାର୍ତ୍ତିକ ମାସ ପରେ ଏହା ଆରମ୍ଭ ହେବ।

ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତିମଣତିକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡୁଛି। ରତ୍ନଭଣ୍ଡାର ମରାମତି ପାଇଁ ବାହାରକୁ ରତ୍ନ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ସେତେବେଳେ ବି ଗଣତିମଣତି କରାଯାଇ ପାରିଥାଆନ୍ତା। ହେଲେ ତାହା କରାଗଲା ନାହିଁ। ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରତ୍ନ ଅଳଙ୍କାର ରହିବା ପରେ ଉଭୟ ଭିତର ଓ ବାହାର ଭଣ୍ଡାର ଘର ମରାମତି ହୋଇଥିଲା। ମରାମତି ଶେଷ ହେବା ପରେ ପୁନଶ୍ଚ ଅସ୍ଥାୟୀ ଭଣ୍ଡାରଘରୁ ରତ୍ନ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି। ସେତେବେଳେ ମଧ୍ୟ ଗଣତିମଣତି କରାଯାଇ ଏହାକୁ ସୁରକ୍ଷିତ ଭାବେ ରଖାଯାଇ ପାରିଥାଆନ୍ତା। ହେଲେ ତାହା ମଧ୍ୟ କରାଗଲା ନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କୁ ବିରୋଧୀ, ଏପରିକି ଶ୍ରଦ୍ଧାଳୁମାନେ ମଧ୍ୟ ପ୍ରଶ୍ନ କରୁଛନ୍ତି। ଏପରିସ୍ଥଳେ ମନ୍ତ୍ରୀଙ୍କ ଆଜିର ଘୋଷଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ସେହିପରି ମନ୍ତ୍ରୀଙ୍କ ଧାଡ଼ି ଦର୍ଶନ ବ୍ୟବସ୍ଥା ସଂପର୍କରେ ଘୋଷଣା ନୂଆ ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି। କାରଣ ପୂର୍ବରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ତାରିଖ ପରେ ତାରିଖ ଦିଆଯାଇଛି। ଆଇନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲ୍ଲାପାଳ ବିଭିନ୍ନ ତାରିଖକୁ ନେଇ ଗଣମାଧ୍ୟମ ସମ୍ମୁଖରେ ମତ ରଖିଛନ୍ତି। ହେଲେ, ଏ ପର୍ଯ୍ୟନ୍ତ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ନେଇ ଅନ୍ଧାରରେ ଅଛନ୍ତି ଭକ୍ତ ଓ ସେବାୟତ। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ଏହି ବ୍ୟବସ୍ଥା ଲାଗୁ କରିବାକୁ ଯାଉଥିବା କହୁଥିବା ବେଳେ ବାସ୍ତବରେ ଏହା କେତେଦୂର ଫଳପ୍ରଦ ହେବ, ତାହା ସମୟ କହିବ।



# ଛାତ୍ରୀଛାତ୍ରଙ୍କୁ ଲୋକଲୋଚନକୁ ଆଣୁଛି 'ସୁରଭି'



ଦେଓଗାଁ,୧୮ ।୧୦(ସମିସ): ଦେଓଗାଁ ପଞ୍ଚାୟତ ସମିତି ଆବାସିକ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାଦ୍ୱାରା ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଅନେକ ପ୍ରତିଭା ଲୋକଲୋଚନକୁ ଆସିପାରୁଛି ବୋଲି ଅତିଥିଗଣ କହିଥିଲେ । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟା ମୀନା କୁମାରୀ ସା, ମୁଖ୍ୟ ବକ୍ତା ଭାବେ ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଗୋପବନ୍ଧୁ ମେହେର, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ୧୬୭ ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ । ସ୍ଥାନୀୟ କ୍ଲଷ୍ଟରର ସିଆରସିସି ସୁଶାନ୍ତ ମହାନ୍ତି ସଂଯୋଜନା କରିଥିଲେ । ନାଇକେନସିରା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

**କଣ୍ଟାବାଞ୍ଜି:** ସ୍ଥାନୀୟ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କଣ୍ଟାବାଞ୍ଜି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଣ୍ଟାବାଞ୍ଜି ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦିନେଶ ମହାନନ୍ଦଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, କୁଇଜ, ନୃତ୍ୟଗୀତ ଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, କଣ୍ଟାବାଞ୍ଜି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ତୁରେକେଲ ବ୍ଲକ୍ ଶିକ୍ଷା ଅଧିକାରୀ ଗୌତମ ପଟେଲ, କଣ୍ଟାବାଞ୍ଜି ଭିକେସନାଲ କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜେଶ ମହାନ୍ତି, ବାଳିକା ଉଚ୍ଚ ବିଦ୍ୟାଳୟ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଜେଶ୍ୱରି ପୁଝାରୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

ଶିକ୍ଷକ ରାଧେଶ୍ୟାମ କୁମ୍ଭାର ଓ ଶିକ୍ଷୟିତ୍ରୀ ଅଞ୍ଜଳୀ ମାଝୀ ମଞ୍ଚ ପରିଚାଳନା କରି ଥିଲେ । ଶିକ୍ଷକ ମନୋଜ ମଲ୍ଲିକ, ସୁଧୀର ସଗ୍ରୀୟା, ବିଦୁର ଶିଖା, ଭାସ୍କର ମେହେର, କ୍ରିଷ୍ଣା ମେହେର, ନିହାରିକା ନାଗ, ସବିତା ମହାପାତ୍ର, ସ୍ୱର୍ଣ୍ଣଲତା ଦାସ, ସବିତା ରଣା, ନିରୂପମା ମିଶ୍ର, ଶାନ୍ତିଲତା ଭୋଇ, ବୀଣାପାଣି ଦାଶ, କୁସୁମ ମଞ୍ଜରୀ ନାଗ, ସୁଭାଷିନୀ ମେହେର, ଲାବଣ୍ୟା ବତୀ ଧରୂଆ, ସଂଘମିତ୍ରା ପାଣିଗ୍ରାହୀ, ଦୂତିଆ ମଲ୍ଲିକ ଓ କ୍ଲଷ୍ଟର ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।



# ନାବାର୍ଡ ମହାପ୍ରବନ୍ଧକଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ



ଟିଟିଲାଗଡ,୧୮ ।୧୦(ସମିସ): ନାବାର୍ଡ ମହାପ୍ରବନ୍ଧକ ସଞ୍ଜୟ କୁମାର ତାଲୁକଦା ଶୁକ୍ରବାର ଟିଟିଲାଗଡ ଗସ୍ତରେ ଆସି ଆଞ୍ଚଳିକ ସମୃଦ୍ଧି ସାଧନା ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ପରିଦର୍ଶନ କରିଛନ୍ତି । ଟିଟିଲାଗଡ ସ୍ୱାଗତ ଜଳ ବିଭାଜିକା ପ୍ରକଳ୍ପ ଅଧୀନ ବିଭିନ୍ନ କାର୍ଯ୍ୟ ଓ ଚାଷଜମି ଦେଖିବା ସହ ସଂପୃକ୍ତ ଚାଷୀଙ୍କ ସହ ଉନ୍ନତ ଚାଷ ପ୍ରଣାଳୀ ବିଷୟରେ ଶ୍ରୀ ତାଲୁକଦା ଆଲୋଚନା କରିଥିଲେ । ଏଥିସହ ଜୈବିକ ଖତ ପ୍ରସ୍ତୁତି ପ୍ରଣାଳୀ, ବ୍ୟବହାର ପ୍ରକ୍ରିୟା ଓ ଏହାର ଉପକାରିତା ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଜାଡେନ ଏଫପିଓର ଦୀପାବଳୀ ଷ୍ଟଲକୁ ମହାପ୍ରବନ୍ଧକ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଉପ ମହାପ୍ରବନ୍ଧକ ଡ. ସମୀର ସାମନ୍ତରାୟ, ଜିଲ୍ଲା ବିକାଶ ଅଧିକାରୀ ବିବେକ ନାୟକ, ଆଶା ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ପଟ୍ଟନାୟକ ପ୍ରମୁଖଙ୍କ ସହ ଜାଡେନ୍ ଏଫ୍‌ପିଓ ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକ, କୃଷକ ଉନ୍ନୟନ ଏଫ୍‌ପିଓ ଅଧ୍ୟକ୍ଷ ଗୁପ୍ତେଶ୍ୱର ମାଝୀ, ସମ୍ବଲଶକ୍ତି ଅଧ୍ୟକ୍ଷ କାଳିନ୍ଦ୍ରି ରଣା ଓ ଆଶା ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଗୁରୁ ଦିଲ୍ଲେଶ୍ୱର ତ୍ରିପାଠୀଙ୍କ ଅଷ୍ଟମ ପୁଣ୍ୟ ତିଥି ପାଳିତ



ବଲାଙ୍ଗିର,୧୮ ।୧୦(ସମିସ) : ଆଦର୍ଶ ଶିକ୍ଷକ, ନାଟ୍ୟ ସଂକୀର୍ତ୍ତନ ଗୁରୁ, ଗୀତିକାର, ମୃଦଙ୍ଗ ବାଦକ ତଥା ବାନ୍ଧନଘୋର ଶ୍ରୀରାମ ମନ୍ଦିରର ପ୍ରତିଷ୍ଠାତା ଦିଲ୍ଲେଶ୍ୱର ତ୍ରିପାଠୀଙ୍କ ଅଷ୍ଟମ ପୁଣ୍ୟ ତିଥି ତଥା ଶ୍ରାଦ୍ଧ ଦିବସ ବଲାଙ୍ଗିର ବ୍ଲକ୍ ବାନ୍ଧନଘୋରରେ ଅନୁଷ୍ଠିତ ହୋଇଯାଇଛି । ମଳୟ ଆନନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମବାସୀ ଓ କଳାକାରଙ୍କ ସମାଗମ ହୋଇଥିଲା । ବରିଷ୍ଠ ସଂକୀର୍ତ୍ତନଗୁରୁ ପରମାନନ୍ଦ ମାଝି, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସ୍ୱଦାନ ବିଶ୍ୱ, ଗୁରୁ ଦିଲୀପ ପାଣ୍ଡିଆ, କଳା ସଂଗଠକ ବିକାଶ ରଞ୍ଜନ ରଥ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଗୁରୁ ଧ୍ରୁବ ଠାକୁର, ସୁଲଭ ଭୁଏ, ମୋହନ ଜୁଆଡି, ଲମ୍ବୋଦର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁରୁ ମନ୍ମୟ ତ୍ରିପାଠୀ, ନିର୍ଦ୍ଦେଶକ ଅରୁଣ ଖାଡିଆଙ୍କ ପରି.ଳନାରେ ଗାୟିକା ବୃନ୍ଦାବତୀ ଷାଣ୍ଢ, ଆନନ୍ଦିନୀ ନାଏକ, ବାୟକ ସପନ ମେହେର, ଶିଶୁ ବଗର୍ତ୍ତି ଓ କଳାକାରଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ଗୁରୁ ନିଳାମ୍ବର ନାଏକ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ । ଶ୍ରୀମୟ ତ୍ରିପାଠି, ଟିଙ୍କୁ ପ୍ରଧାନ, ସର୍ବଜିତ ତ୍ରିପାଠି, ସୁରେଶ ବୁଡେକ, ଅନାଦି ମାଝି, ଗୋପାଳ ପଧାନ, ମୁଖୀ ମାଝି, ହିମାଂଶୁ ମେହେର, ବାନ୍ଧନଘୋର ଗ୍ରାମବାସୀ ଓ ଆଖପାଖ ଅଞ୍ଚଳବାସୀ ସହଯୋଗ କରିଥିଲେ ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ବଲାଙ୍ଗିର,୧୮ ।୧୦(ସମିସ): ସିନ୍ଦୂରବାହାଲ ଶିବ ମନ୍ଦିର ପରିସରରେ ସର୍ବ ଭାରତୀୟ ଅବସରପ୍ରାପ୍ତ କେନ୍ଦ୍ର କର୍ମ.ରୀ ସଂଘ ବଲାଙ୍ଗିର ଶାଖା ବଲାଙ୍ଗିର ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ମଧୁ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ସେକ୍ରେଟାରୀ ବୃଷଭ ସା, କୋଷାଧ୍ୟକ୍ଷ ରାହାସ ବିହାରି ଭୋଇ ଏବଂ ସଂଘର କର୍ମକର୍ତ୍ତା ବିଦେଶୀ ସାହୁ, ରମାକାନ୍ତ ପାଣିଗ୍ରାହୀ, ଚମ୍ପେଶ୍ୱର ମିଶ୍ର, ନିଳମଣି ପଟେଲ, ମନୋରଂଜନ ତ୍ରିପାଠି, ଯଜ୍ଞକର ବାରି, ବିପିନ ବିହାରୀ ନେଗି ଓ ପ୍ରେମାଲାଲ ହରପାଲ ଯୋଗ ଦେଇଥିଲେ । ରମାକାନ୍ତ ପାଣିଗ୍ରାହୀ ସହଯୋଗ କରିଥିଲେ ।

## ତୁରେକେଲାରେ ଚତୁର୍ଥ ମାସିକ କ୍ଲଷ୍ଟର ବୈଠକ

କଣ୍ଟାବାଞ୍ଜି,୧୮ ।୧୦(ସମିସ): ସେମଲା ଆଶ୍ରମ ବିଦ୍ୟାଳୟରେ ତୁରେକେଲା କ୍ଲଷ୍ଟରର ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ତୁରେକେଲା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ୧୧ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଏଫଏଲଏନ ଶିକ୍ଷକ ଯୋଗ ଦେଇଥିଲେ । ବୈଠକରେ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟାଜ୍ଞାନ ଉପରେ ଆଦର୍ଶ ଶିକ୍ଷା ଦାନ ଦିଆଯାଇଥିଲା । ଯୁକ୍ତାକ୍ଷର ଶିକ୍ଷା, ବର୍ଣାଳି, ୟୁଡାଇସ, ଡ୍ରପଆଉଟ, ନବ ସାକ୍ଷରତା କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଶିକ୍ଷକ ଭ୍ରମରବର ମହାପାତ୍ର, ରାଜୀବ ଦାସ, ରବୀନ୍ଦ୍ର ରଥ, ପାର୍ଥବ ମହାନନ୍ଦ, ପ୍ରଫୁଲ୍ଲ ମାଝୀ, ଦେବ ବଗର୍ତ୍ତି, ପୀତାମ୍ବର ଲୁହା, ପ୍ରଦୀପ ମେହେର, ଡମ୍ବୁରୁ ମେହେର, ସୁରୁମଣି ମେହେର, ଗୋପାଳ ଧରୁଆ, ଶିକ୍ଷୟିତ୍ରୀ କୁନି ସାହୁ, ମାଧବୀଲତା ସାହୁ, ସୁଦୀପ୍ତା ଜେନା, ସୁଭଦ୍ରା ମେହେର, ବିନୋଦିନି ତାଣ୍ଡି ଯୋଗ ଦେଇଥିଲେ ।

# ଗ୍ରୀନ ପାସେଜ୍ ସ୍କିମ୍‌କୁ ପ୍ରଶାସନର ଅବହେଳା

ବଲାଙ୍ଗିର,୧୮ ।୧୦(ସମିସ): ଗ୍ରୀନ ପାସେଜ୍ ସ୍କିମ୍‌କୁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଅବହେଳା କରୁଛି । ସମସ୍ତ ସରକାରୀ, ବେସରକାରୀ କଲେଜରେ ଏହା କାର୍ଯ୍ୟକାରୀ ହେଉନି । ଏଣୁ ଛାତ୍ରଛାତ୍ରୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି ।

ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ଓ ନାଗରିକ । ତେଣୁ ଭାରତ ସରକାର ମହିଳା ଓ ଶିଶୁ ସୁରକ୍ଷା ମନ୍ତ୍ରଣାଳୟ ବିଭାଗ ତରଫରୁ ଜାତୀୟସ୍ତରରେ ଶିଶୁ ସୁରକ୍ଷା କମିଶନ ରହିଛି । ରାଜ୍ୟସ୍ତରରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ କାମ କରୁଛି । ଜିଲ୍ଲାସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଇଛି । କିଶୋର ନ୍ୟାୟ ଆଇନ୍-୨୦୧୫ ଅନୁଯାୟୀ ଭାରତ ବର୍ଷର ସମସ୍ତ ଜିଲ୍ଲାରେ ମିଶନ ବାତ୍ସଲ୍ୟ ମାର୍ଗଦର୍ଶିକା ଅଧୀନରେ ଶିଶୁଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରାଯାଉଛି ।

ମହାମାରୀ କରୋନା-୨୦୧୯ ସମୟରେ ରାଜ୍ୟ ସରକାର ପିତୃହିନ ଶିଶୁଙ୍କ ପାଇଁ ଆଶୀର୍ବାଦ ଭଳି ଯୋଜନା କାର୍ଯ୍ୟକାରୀ କରିଥିଲେ । ଏହା ଫଳରେ ହଜାର ହଜାର ପିତୃହିନ ଶିଶୁ ଲାଭବାନ ହୋଇ ପାଠ ପଢ଼ି ପାରୁଛନ୍ତି । ସେହିଭଳି ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଯୁଗ୍ମ ସଚିବ ଧୀରେନ୍ଦ୍ର ନାଥ କର ଚିଠି ନମ୍ବର ୪୩୮୦୦ ଅନୁସାରେ ୧୮ ।୧୦ ।୨୦୨୨ରେ ଏକ ନିର୍ଦ୍ଦେଶ ଜାରି କରିଥିଲେ । ସମସ୍ତ ଜିଲ୍ଲପାଳମାନଙ୍କୁ କୋଭିଡ୍-୧୯ ସମୟରେ ୧।୪ ।୨୦୨୦ରୁ ୧୫ ।୯ ।

**● ସମସ୍ତ ସରକାରୀ, ବେସରକାରୀ କଲେଜରେ କାର୍ଯ୍ୟକାରୀ ହେଉନି**

୨୦୨୧ରେ ମୃତ୍ୟୁ ଘଟିଥିବା ପରିବାରର ଶିଶୁଙ୍କ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗ୍ରୀନ ପାଶେଜ୍ ସାର୍ଟିଫିକେଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସ୍କିମରେ ଶିଶୁମାନେ ଉଚ୍ଚ ଶିକ୍ଷା ପାଇଁ ପାଇଁ ନାମ ଲେଖା ଫି, ପୁନଃ ନାମ ଲେଖା, ହଷ୍ଟେଲ ନାମ ଲେଖା ଫି, ଟିଉସନ୍ ଫି, ଲେବୋରେଟରି ଫି, ଲାଇବ୍ରେରୀ ଫି, କଲେଜ୍ ଡେଭଲପମେଣ୍ଟାଲ ପାଣ୍ଠି, ଫ୍ରି ରହିବା, ଖାଇବା ପାଇଁ ବ୍ୟବସ୍ଥା ଅଛି । ବଲାଙ୍ଗୀର ଜିଲ୍ଲାରେ ୧୦୦ରୁ ଅଧିକ ଶିଶୁଙ୍କୁ ଏହି ଗ୍ରୀନ ପାସେଜ୍ ସାର୍ଟିଫିକେଟ ଦିଆଯାଇଛି । ଏହି ନିର୍ଦ୍ଦେଶ ଅନୁସାରେ ତତ୍କାଳୀନ ଜିଲ୍ଲାପାଳ ଚଞ୍ଚଳ ରାଣା ୯ ।୮ ।୨୦୨୩ରେ ପତ୍ର ସଂଖ୍ୟା ୭୨୦(୨) ଅନୁସାରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟକୁ ଏକ ଚିଠଇ କରିଥିଲେ । ତେବେ ଜିଲ୍ଲାର ସମସ୍ତ ଘରୋଇ କଲେଜ୍ ଓ ଏଡେଡ କଲେଜ୍, ସରକାରୀ କଲେଜରେ ଗ୍ରୀନ ପାସେଜ୍ ସ୍କିମକୁ କାର୍ଯ୍ୟକାରୀ କରିବାକୁ କୁହାଯାଇଛି; କିନ୍ତୁ ଏହି ସ୍କିମରେ କେବଳ ରାଜେନ୍ଦ୍ର ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ବଲାଙ୍ଗିର ଆଇଟିଆଇ, ପଲିଟେକ୍‌ନିକରେ କାର୍ଯ୍ୟକାରୀ ହେଉଛି । ଅନ୍ୟ କୌଣସି କଲେଜ୍‌ରେ ଏହା କାର୍ଯ୍ୟକାରୀ ହେଉନି । ଭାରତୀ ପୁଟା, ଅନସ୍ତା କୁଅର, କ୍ଷୀରୋଦ ମନହୀରା, ଚୁମକି ରାଣୀ ଭୋଇ, ଅଂଶିକା ପଣ୍ଡା, ପୀୟୂଷ ଜୈନ ପ୍ରମୁଖ ଛାତ୍ରଛାତ୍ରୀ ଏହି ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ପିତୃ ହିନ ଶିଶୁଙ୍କ ପାଇଁ ଏହି ସ୍କିମ କାର୍ଯକାରୀ ହେଉ ନ ଥିବା ଏହା ଦୁଃଖ ଓ ପରିତାପର ବିଷୟ ବୋଲି ସୂଚନା ଅଧିକାରୀ କର୍ମୀ ନୀଳମଣି ଯୋଶୀ କହିଛନ୍ତି । ଏତତ୍ ବ୍ୟତୀତ ରାଜ୍ୟ ସରକାର ଯଶୋଦା ଯୋଜନାରେ ମଧ ବଲାଙ୍ଗିର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ୭୦୦୦ରୁ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ପାଠ୍ୟ ଅନୁସାରେ ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଏହା ମଧ ଜିଲ୍ଲାରେ ଠିକ୍ ଭାବରେ କାର୍ଯକାରୀ ହେଉନି । ବର୍ଷ ବର୍ଷ ଧରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ଦୌଡ଼ିଲେ ମଧ ଏହାର ସୁଫଳ ମିଳୁ ନ ଥିବା ପୂର୍ଣ୍ଣଚନ୍ଦ୍ର ବିଶାଳ ନାମକ ଜଣେ ବ୍ୟକ୍ତି କହିଛନ୍ତି । ପ୍ରିୟଙ୍କା ବାଗ ନାମ୍ନୀ ଜଣେ ଛାତ୍ରୀ ୯ ମାସରୁ ଅଧିକ ହେବ ଯଶୋଦା ଯୋଜନାରେ ଟଙ୍କା ପାଇ ନାହାନ୍ତି । ଏ ନେଇ ସେ ଉପଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି । ଗୋଟିଏ ସପ୍ତାହ ବିତି ଯାଇଥିଲେ ମଧ ଏହି ଟଙ୍କା ମିଳି ନ ଥିବା ସେ କହିଛନ୍ତି । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ କାର୍ଯ୍ୟରତ ହିସାବ ରକ୍ଷକ ଠିକ୍ ଭାବେ କାର୍ଯ କରୁ ନ ଥିବା ଏହା ପ୍ରମାଣ କରୁଛି । ଏହି ଯୋଜନା ଗୁଡିକ ଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ପିତୃମାତୃ ହିନ ଶିଶୁମାନେ ଉପକୃତ ହୁଅନ୍ତେ । ଏହି ଫାଇଲଗୁଡ଼ିକୁ କିଏ ଚାପି କରି ରଖିଛି ତାହା ତଦନ୍ତ ହେଲେ ଅସଲ ମୁଖ ଖୋଲିବ ବୋଲି ସୂଚନା ଅଧିକାରୀ କର୍ମୀ ନୀଳମଣି ଯୋଶୀ କହିଛନ୍ତି ।

# ରୁଫ୍‌ଟପ୍ ସୋଲାର ପ୍ୟାନେଲ ସ୍ଥାପନ



ବଲାଙ୍ଗିର,୧୮ ।୧୦(ସମିସ) : ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପଶ୍ଚିମ ଓଡ଼ିଶାରେ ପ୍ରଚଳିତ ଉଲା ମଡେଲ୍ ଅଧୀନରେ ପ୍ରଥମ ଏକ କିଲୋୱାଟ୍ ରୁଫଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇଛି । ବଲାଙ୍ଗିର ଜିଲ୍ଲା ପୁଇଁନ୍ତଳା ବ୍ଲକ୍ ମହିମୁଣ୍ଡା ଗ୍ରାମର ଶାନ୍ତିଲତା ମେସୁଆ ଏହି ଉଲା ମଡେଲର ପ୍ରଥମ ସୋଲାର୍ ଉପଭୋକ୍ତା ହୋଇଛନ୍ତି । ତାଙ୍କ ଘରର ଛାତ ଉପରେ ମାତ୍ର ୮ ହଜାର ୭୪୭ ଟଙ୍କା ବ୍ୟୟରେ ଏହି ସୌର ପ୍ୟାନେଲ ସ୍ଥାପନ କରାଯାଇଛି । ଏହାକୁ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ଗୌରବ ଶିବାଜୀ ଇସଲୱାର ଫିତା କାଟି ଉଦ୍‌ଘାଟନ କରିଛନ୍ତି । ଏହି ଉଦ୍‌ଘାଟନୀ ଉତ୍ସବରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା, ପୁଇଁନ୍ତଳା ବିଡିଓ ଅମରେନ୍ଦ୍ର ସ୍ୱାଇଁ ଏବଂ ମହିମୁଣ୍ଡା ସରପଞ୍ଚ ରଞ୍ଜିତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ତେବେ କେବଳ ଏକ କିଲୋୱାଟ୍ ବିଦ୍ୟୁତ୍ ସଂଯୋଗ ଚୁକ୍ତି କରିଥିବା ପଶ୍ଚିମ ଓଡ଼ିଶାର ଜଣେ ବିଦ୍ୟୁତ୍ ଗ୍ରାହକ ଏହି ଉଲା ମେଡଲ ଯୋଜନା ଅଧୀନରେ ମାତ୍ର ୫୦୦୦ ଟଙ୍କା ଏବଂ ସୋଲାର ମିଟର୍ ବାବଦକୁ ୩ ହାଜର ୭୪୭ ଟଙ୍କା ସର୍ବମୋଟ୍ ୮ ହଜାର ୭୪୭ ଟଙ୍କା ବିନିମୟରେ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିପାରିବେ । ଗ୍ରାହକମାନେ ଏହି ଯୋଜନା ଅଧୀନରେ ସୋଲର ପ୍ୟାନେଲ ସ୍ଥାପନ କରିବା ପାଇଁ ବିଦ୍ୟୁତ୍ ବିତରକ କମ୍ପାନୀକୁ ଏକ ସ୍ୱାକ୍ଷରିତ ସମ୍ମତି ପତ୍ର ପ୍ରଦାନ କରିବେ । ଏହା ଫଳରେ ବିଦ୍ୟୁତ୍ ବିତରକ କମ୍ପାନୀ ସମ୍ପୂର୍ଣ୍ଣ ଯନ୍ତ୍ରପାତି ପ୍ରଥମେ ଗ୍ରାହକଙ୍କ ଛାତ ଉପରେ ସ୍ଥାପନ କରି ଭାରତର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୫୫ ହଜାର ଟଙ୍କା (ଭାରତ ସରକାରଙ୍କ ରିହାତି ୩୦ ହାଜର ଏବଂ ରାଜ୍ୟ ସରକାରଙ୍କ ରିହାତି ୨୫ ହଜାର) ଗ୍ରାହକଙ୍କ ତରଫରୁ ପ୍ରାପ୍ତ କରିବେ । ଏହି ସୋଲର ସିଷ୍ଟମ୍ ଲଗାଇ ଗ୍ରାହକ ହାରହାରି ମାସକୁ ୧୦୦ ୟୁନିଟ୍ ବିଜୁଳି ଉତ୍ପାଦନ କରିବା ସହ ବର୍ଷରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍‌ରୁ ବଞ୍ଚାଇ ପାରିବେ ।

ପ୍ରକାଶଥାଉ କି, ଏହି ଯୋଜନା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁପ୍ତ ବିଜୁଳି ଯୋଜନାର ଏକ ଅଂଶ । ଏହା କେବଳ ଏକ କିଲୋୱାଟ୍ ଚୁକ୍ତି କରିଥିବା ବିଦ୍ୟୁତ୍ ଘରୋଇ ଗ୍ରାହକଙ୍କ ପାଇଁ ଏକ କିଲୋୱାଟ୍ ସୋଲାର ସିଷ୍ଟମ ପାଇଁ ପ୍ରଯୁଜ୍ୟ ।

# ସଙ୍କୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

ଲୋଇସିଂହା,୧୮ ।୧୦(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ବିଦ୍ୱତ ପରିଷଦ ଆଲୋଚନା ଚକ୍ର ଓ ବୁଦ୍ଧିଜୀବୀ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି । ଅବସର ପ୍ରାପ୍ତ ଅଧ୍ୟାପକ କାହ୍ନୁଚରଣ ଦର୍ଜୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅବସରପ୍ରାପ୍ତ ବିଇଓ ଦିଲୀପ ପାଠୀ ଯୋଗଦେଇ ସାମାଜିକ ସମରସତା, ସ୍ୱବୋଧ କୁଟୁମ୍ବ ପ୍ରବୋଧନ ଉପରେ ଆଲୋକପାତ କରିଥିଲେ । ଶିଶୁ ବିଦ୍ୟା ମନ୍ଦିର ଲୋଇସିଂହାର ପରିଚାଳନା ସମିତି ସଭାପତି ବଂଶୀଧର କାଲସାଏ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ପ୍ରଶାନ୍ତ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ପଟେଲ, ବିମଳ ଚରଣ ହୋତା, ସଦାନନ୍ଦ ସାହୁ, ଉମାକାନ୍ତ ପଟେଲ କୃପାସିନ୍ଧୁ ନାୟକ, ଗୌର ନିତାଇ ପଥରୀମାଳି, ସୁବାସ ସାହୁ, ଧର୍ମସିଂହ ମିଶ୍ର, ଯୋଗିନ୍ଦ୍ର ଦାଶ, ହିମାଂଶୁ ସାହୁ, ସରୋଜ ପଧାନ, ରାମଗୋପାଳ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଲୋଇସିଂହା ସଙ୍କୁଳର ୭ଟି ଯାକ ବିଦ୍ୟାଳୟର ବିଦ୍ୱାନ ତଥା ଗୁଣିଜ୍ଞାନୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ତଥା ଲୋଇସିଂହା ସଙ୍କୁଳ ସଂଯୋଜକ ଶିବ ବାରିକ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କୁଶଙ୍ଗ ପ୍ରଧାନ ଆଚାର୍ଯ୍ୟ ଭାଗ୍ୟଦତ୍ତ ମିଶ୍ର ସଂଯୋଜନା କରିଥିଲେ । ପରିଚାଳନା ସମିତି ଉପ ସଭାପତି ମୁକୁନ୍ଦ ନାରାୟଣ ସିଂହଦେଓ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



# ମୁକୁନ୍ଦପୁରରେ ନୂଆଁଖାଇ ଭେଟ୍

ଦେଓଗାଁ,୧୮ ।୧୦(ସମିସ): ମୁକୁନ୍ଦପୁରରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପଞ୍ଚାୟତର ଲକ୍ଷେଘର ଗଣ୍ଡା ସମାଜର ସଭାପତି ମହାଦେବ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶା ଲକ୍ଷେଘର ଗଣ୍ଡା ସମାଜର ସଭାପତି ଓମପ୍ରକାଶ କୁମ୍ଭାର, ମୁଖ୍ୟ ବକ୍ତା ଭାବେ ଲକ୍ଷେଘର ଗଣ୍ଡା ସମାଜର ଉନ୍ନୟନ ଉପସଭାପତି ଅରୁଣ ହରପାଲ, ସମ୍ମାନୀତ ଅତିଥି ଭାବେ ଦେଓଗାଁ ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଲକ୍ଷେଘର ଗଣ୍ଡା ସମାଜର ଗୁଡଭେଲା ବ୍ଲକ ଉପଦେଷ୍ଟା ଟୁଟୁ ନାଗଙ୍କ ସମେତ ପ୍ରଭାତ ମହାନନ୍ଦ, ଦେବାର ଜାଲ, ରିଜନ ବାଗ, ଚିତ୍ରସେନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ପରିଶେଷରେ ମନବୋଧ ହରପାଲ ଧନ୍ୟବାଦ ଅର୍ପଣ କରିଥିଲେ । ଗଡତ୍ୟା ବାଗ, ସୂର୍ଯ୍ୟମଣି ବାରିକ, ସୁରେଶ ଦୀପ, ହାଡୁ ନନ୍ଦ, ପାରିଜାତ ସୁନା, ଶଶିକାନ୍ତ ହରପାଲ, ବସନ୍ତ ବାଗ, ମୋତିଲାଲ ସୁନା, ପ୍ରଶାନ୍ତ ହରପାଲ, ଚନ୍ଦ୍ରଶେଖର ହରପାଲ, ଜଗାକାଳିଆ ସୁନା ପ୍ରମୁଖ ସହଯୋଗ କରିଥିଲେ ।

## ସମଲେଶ୍ୱର ମନ୍ଦିର ଭୁଶୁଡ଼ିବା ୫ ବର୍ଷ ପୂରିଲା

# ଦେବାଳୟ ସୁରକ୍ଷା କମିଟି ପ୍ରଶାସନର ଦ୍ୱାରସ୍ଥ


ବଲାଙ୍ଗିର,୧୮ ।୧୦(ସମିସ) : ମାଁ ସମଲେଶ୍ୱରୀ ମନ୍ଦିରର ଉନ୍ନତିକରଣ ଲାଗି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ପ୍ରଶାସନର ଦ୍ୱାରସ୍ଥ ହୋଇଛି । ମନ୍ଦିର ଉନ୍ନତି କାର୍ଯର୍‌ୟ ଶୀଘ୍ର ସାରିବା ସହ ଅଧିକ ଅର୍ଥ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଏଥିରେ କମିଟିର ଉପଦେଷ୍ଟା ସୁରେନ୍ଦ୍ର ନେଗୀ, ପ୍ରକାଶ ବରାଇ, ବରୁଣ ବାଗ ଓ ଉପସଭାପତି ପ୍ରଶାନ୍ତ ମହାକୁର ଓ ରିଣ୍ଟୁ ସାହୁ ଉପସ୍ଥିତ ଥିଲେ ।



ଏହି ମନ୍ଦିରଟି ପାଟଣା ଶାସନ ସମୟରେ ୧୯୧୫ ମସିହାରେ ମହାରାଜ ପୃଥ୍ୱୀରାଜ ସିଂହଦେଓ ନିଜର ଗଚ୍ଛିତ ଧନରେ ନିର୍ମାଣ କରିଥିଲେ । ଏହି ମନ୍ଦିର ଏବେ ପ୍ରାୟ ୧୧୦ ବର୍ଷ ପ୍ରଦର୍ପଣ କରିଛି । ୨୧ ।୧୦ ।୨୦୨୧ରେ ମନ୍ଦିର ଭୁଷୁଡି ପଡିଥିଲା । ଏ ନେଇ ଭକ୍ତ ଓ ବୁଦ୍ଧିଜୀବୀ ଏବଂ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଆନ୍ଦୋଳନ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଜାନୁୟାରୀ ୩ରେ ମନ୍ଦିର ଉନ୍ନତିକରଣ ଲାଗି ଶିଳାନ୍ୟାସ କରିଥିଲେ । ବଲାଙ୍ଗିର ଜିଲ୍ଲା ପ୍ରଶାସନ ଓ ଦେବୋତ୍ତର ବିଭାଗ ସୋ÷÷ଦର୍ଯ୍ୟକରଣ ଓ ପୁନଃରୁଦ୍ଧାର ପାଇଁ ଡିପିଆର ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ ହୋଇଥିଲା । ତତ୍ ସଙ୍ଗେ ଜାଗା ଚିହ୍ନଟ ଓ ଡିଜାଇନ ପ୍ରସ୍ତୁତ ହୋଇଥିଲା । ଏହା ବଲାଙ୍ଗିର ଜନସାଧାରଣଙ୍କ ମନରେ ଖୁସିର ଲହର ଖେଳି ଯାଇଥିଲା । କିଛି ଦିନ ତଳେ ସ୍ଥାନୀୟ ବିଧାୟକ ସମୀକ୍ଷା ଓ ପରିଦର୍ଶନ କରିଥିଲେ ।

**ଅଧାରେ ଅଟକିଛି ଉନ୍ନତିକରଣ**

ବିଭିନ୍ନ ସମୟରେ ବର୍ଷା ପାଣି ମନ୍ଦିରକୁ ପ୍ରବେଶ କରୁଥିବାରୁ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବାରୁ ଘନ ଘନ ସମୀକ୍ଷା ବୈଠକ ହେଉଥିଲା; କିନ୍ତୁ ଏବେ ବି କାର୍ଯ୍ୟ ଅଧପନ୍ତରିଆ ହୋଇ ମନ୍ଥରଗତିରେ କାମ .ଲିଛି । ୩କୋଟି ୭୫ଲକ୍ଷ ଟଙ୍କା ଉନ୍ନତିକରଣ ପାଇଁ ଆସିଥଲା । ମନ୍ଦିର ଭୂଷୁଡିବା ୫ ବର୍ଷ ବିତିଗଲାଣି । ମାଁ ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ କାମ ଅଧାରେ ଅଟକି ରହିଛି ।



■ ଛିଲିପା ଓ କୁଟୁରୁଘାଟରୁ ବେଧଡକ ବାଲି ଚାଲାଣ

# କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ଉପନିର୍ଦ୍ଦେଶକଙ୍କୁ ଦାବିପତ୍ର

**ଧର୍ମଗଡ଼, ୧୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାରେ ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି ।ଜିଲ୍ଲାର ଅନେକ ନଦୀରୁ ପ୍ରତିଦିନ ହଜାର ହଜାର ଟନ୍ ବାଲି ଚୋରା ଚାଲାଣ ହେଉଥିବା ବେଳେ ସରକାର ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ଏହି କାରବାରରେ ବାଲି ମାଫିଆ ଓ କେତେକ ସରକାରୀ କର୍ମଚାରୀ ମାଲାମାଲ ହେଉଥିବା ବେଳେ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି ହେଉଛି ।ଜିଲ୍ଲା ସାରା ବାଲି ଚୋରା ଚାଲାଣ କଥା ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଛି । ଏଥିରୁ ବର୍ତ୍ତି ନାହିଁ ଧର୍ମଗଡ଼ ବ୍ଲକ । ଧର୍ମଗଡ଼ ତହସିଲ ଅଧୀନରେ ଥିବା ଛୀଲିପା, କୁଟୁରୁ ବାଲିଘାଟରେ ବେଧଡକ ଭାବରେ ବାଲି ଚୋରା ଚାଲାଣ ଚାଲିଥିବା ଅଭିଯୋଗ ହୋଇଛି । ଉକ୍ତ ବାଲିଘାଟରୁ ହାଇୱା ଯୋଗେ ଛାତିଶଗଡ଼ଏବଂ ଆନ୍ଧ୍ରପ୍ରଦେଶ କୁ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ପ୍ରଶାସନ ସବୁ ଜାଣି ନିରବ ରହୁଥିବାରୁ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବା ଜରୁରୀ ବୋଲି ଶନିବାର ଏସ୍‌ସି-ଏସଟି ଓବିସି ସଂଗଠନ ପକ୍ଷରୁ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କଳାହାଣ୍ଡି ର ଦ୍ୱାରସ୍ଥ ହୋଇ ବାଲି ଚୋରା ଚାଲାଣ ରୋକିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଆଇନ ପରାମର୍ଶ ଦାତା ଦିଗାମ୍ବର ଦୁରିଆ, ଡାକେ ଲହଜଳ, କ୍ଷେତ୍ର ମୋହନ ଶତନାମୀ, ସୋମ୍ୟ ରଞ୍ଜନ ନାଏକ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ମୌଳିକ ସୁବିଧାରୁ ଲତାବାଞ୍ଜି ଗ୍ରାମବାସୀ ବଞ୍ଚିତ

# ଦୀର୍ଘ ବର୍ଷ ପରେ ବି ନିର୍ମାଣ ହୋଇପାରୁନି ପୋଲ

**ଗୋଲାମୁଣ୍ଡା, ୧୮ ।୧୦(ସମିସ)**

ସରକାର ଦୁର୍ଗମ ଅଞ୍ଚଳର ବସବାସ କରୁଥିବା ଆଦିବାସୀଙ୍କ ପାଇଁ ଅନେକ ଯୋଜନା କରୁଥିବା ବେଳେ ଆଜି ବି ଆଦିବାସୀମାନେ ଅଭିଶପ୍ତ ଜୀବନ ଜିଉଁଛନ୍ତି । ଏବେ ବି ବିକାଶ ଅପହଞ୍ଚ ହୋଇଛି । ଆଜି ବି ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ, ପାନୀୟଜଳ, ମୋବାଇଲ ନେଟୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ ଚେରଗାଁ ପଞ୍ଚାୟତ ଦୁର୍ଗମ ତଥା ମାଓ ଅଧ୍ୟୁଷିତ ଲତାବାଞ୍ଜି ଗ୍ରାମରେ ଦେଖିବାକୁ ମିଳିଛି । ଜନବସତିର ଦଶନ୍ଧି ଦଶନ୍ଧି ପରେ ମଧ୍ୟ ପୋଲଟିଏ ନିର୍ମାଣ ହୋଇପାରୁନି । ଫଳରେ ଆଦିବାସୀମାନେ ଜୀବନକୁ ବାଜି ଲଗାଇ ଯାତାୟତ କରୁଛନ୍ତି । ଏହି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ ନିର୍ମାଣ କରାଯାଇ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯାଉଛି । ଏହି କେନାଲ ପଛପଟେ ୧୦ଟି ଆଦିବାସୀ ପରିବାର ବସବାସ କରନ୍ତି । ଏହି କେନାଲର ଆର ପଟରେ ରାସ୍ତା ଥିବା ହେତୁ ଦୈନନ୍ଦିନ କେନାଲ ପାର ହୋଇ ଯିବା ଆସିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । କେନାଲରେ ପାଣି ପ୍ରବାହିତ ହେଲେ ପିଲାମାନେ ସ୍କୁଲ ଯାଇ ପାରନ୍ତି ନାହିଁ । ଏବେ ବି ଗର୍ଭବତୀ କି ପ୍ରସୂତୀ ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥାନ୍ତି । ପୋଲ ନ ଥିବା ଯୋଗୁଁ ଗ୍ରାମବାସୀ ବାଇକ୍ କିମ୍ବା ସାଇକଲକୁ ନାଳ କଡରେ ରଖି ଓ ଚାଲିଚାଲି ନାଳ ପାର ହୋଇ ଯାଇଥାନ୍ତି । ନାଳ ଉପରେ ପୋଲ ନିର୍ମାଣ ପାଇଁ ଜୁନାଗଡ଼ ବିଧାୟକଙ୍କୁ ଅନେକଥର ଗୁହାରୀ କରିଥିବା କଥା ପ୍ରକାଶ କରିଛନ୍ତି ଗ୍ରାମବାସୀ । ହେଲେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲି ଯାଆନ୍ତି । ସେହିଭଳି ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ନିର୍ବାଚନ ସମୟରେ ଭୋଟ ଭିକ୍ଷା ପାଇଁ ଆସି ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି । କିନ୍ତୁ ଭୋଟ ସରିବା ପରେ ଆଉ ୫ ବର୍ଷ ଦେଖା ଦେଇ ନଥାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।ସରକାର ଆଦିବାସୀମାନଙ୍କ ଦାବିକୁ ଗ୍ରହଣ କରି ପୋଲ ନିର୍ମାଣ କରିବେ ତାହା ଦେଖିବାକୁ ବାକି ରହିଲା ।



# କାର୍ଯ୍ୟରେ ଅବହେଳା, ଅବକାରୀ କନେଷ୍ଟବଳ ନିଲମ୍ବିତ

**ନୂଆପଡ଼ା, ୧୮ ।୧୦(ସମିସ):** ନିର୍ବାଚନ ସମୟରେ କୌଣସି ବି କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲାପାଳ ତାଗିଦ କରିଛନ୍ତି । ଦୀର୍ଘ ଦିନ ଧରି କାର୍ଯ୍ୟରେ ଅବହେଳା କରିଛନ୍ତି ବୋଲି ଅବକାରୀ ଥାନା ନୂଆପଡ଼ାରେ କାର୍ଯ୍ୟରତ କନେଷ୍ଟବଳ କ୍ଷେତ୍ରମଣି ବାଗଙ୍କୁ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି । ଏହା ଉପରେ ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷକ ସଙ୍ଘମିତ୍ରା ପ୍ରଧାନଙ୍କୁ ପଚାରିବାରୁ କନେଷ୍ଟବଳ ବାଗ ଗତ ମାସ ୨୮ ତାରିଖଠାରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି । ତାଙ୍କୁ ବାରମ୍ବାର ନୋଟିସ କରାଯିବା ସତ୍ତ୍ୱେ ଆସୁନାହାନ୍ତି । ଶେଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାନୁଷ୍ଠାନ କରାଯାଇଛି ବୋଲି କହିଛନ୍ତି ।

# ହାତୀବନ୍ଧା ଉଚ୍ଚ ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ ଘୋଷଣା

**ସିନାପାଲି, ୧୮ ।୧୦ ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ସେଣ୍ଟର୍ ଫର ଏନଭାରମେଣ୍ଟ ଏବଂ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା ସଭାରେ ପ୍ରୋଜେକ୍ଟ ଅଫିସର ଡ. ରାଜେଶ କୁମାର ମହନ୍ତ, ପ୍ରୋଜେକ୍ଟ ଡିଜାଇନର୍ ସତ୍ୟ ନାରାୟଣ ଦାସ, ପ୍ରୋଜେକ୍ଟ କୋଡିନେଟର ସୁଶାନ୍ତ ଲେଙ୍କା, ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେର, ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ରୂପେଶ କୁମାର ମେହେର ଯୋଗଦେଇ ଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ହିମାଦ୍ରୀ ମେହେର ମଞ୍ଚ ପରିଚାଳନା କରିଥିଲେ । ଏ ଅବସରରେ ଏକ ସଚେତନାତ୍ମକ ଶୋଭାଯାତ୍ରା ହାତୀବନ୍ଧା ନଗର ପରିକ୍ରମା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିସହ ହାତୀବନ୍ଧା ଉଚ୍ଚ ବିଦ୍ୟାଳୟକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ ଭାବରେ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



# ଏଓଏସ୍‌ସିଅଫ୍ ଓ ଏମବିଏମ୍‌ଏମ୍ କଳାହାଣ୍ଡି ପକ୍ଷରୁ ପ୍ରତିବାଦ ସଭା

**ଭବାନୀପାଟଣା, ୧୮ ।୧୦(ସମିସ):** ଅଲ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡ଼ରେସନ (ଏଓଏସସିଅଫ) ଓ ବହୁଜନ ମୂଳନୀବାସୀ ମିଳିତ ମହାସଂଘ କଳାହାଣ୍ଡିର ମିଳିତ ଆନୁକୂଲ୍ୟରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ କୋର୍ଟ ଚାଲିଥିବା ସମୟରେ ଜୋତା ଫିଙ୍ଗିବା ଘଟଣା ଓ ହରିୟାଣାର ଆଇପିଏସ ଅଧିକାରୀ (ଏଡିଜିପି) ୱାଇ. ପୁରନ କୁମାରଙ୍କ ଉପରେ ଜାତିଗତ ନିର୍ଯାତନା ଓ ଶୋଷଣ ସହି ନ ପାରି ନିଜ ମୁଣ୍ଡରେ ଗୁଳିକରି ଆତ୍ମହତ୍ୟା ତଥା ସାରା ଦେଶରେ ଏସସି, ଏସଟି, ଓବିଶି ଓ ସଂଖ୍ୟାଲଘୁଙ୍କ ଉପରେ ଦେଶରେ ହେଉଥିବା ଅମାନୁଷିକ ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ସାମ୍ବିଧାନିକ ଆଇନ ଆଧାରରେ ତଦନ୍ତ କରି ବହୁଜନ ସମାଜର ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ଶନିବାର କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ପ୍ରତିବାଦ ସଭା ଓ ଗଣଧାରଣା ଦେବା ସହ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏଓଏସସିଅଫ ର ଜିଲ୍ଲା ସଭାପତି ଦିଗାମ୍ବର ଲୁହା, ମହାସଚିବ ଯତୀନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ତଥା ବହୁଜନ ମୂଳନୀବାସୀ ମିଳିତ ମହାସଂଘର ରାଜ୍ୟସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ଆଇନ ପରାମର୍ଶ ଦାତା ଛବିଲାଲ ନିଆଲ, ଯାଦବ, ବରୁଣ ନାଏକ, ଲୋକନାଥ ନାଗ, କୀର୍ତ୍ତନ ନାଏକ ଯାଦବ, ଅଭିରାମ ନନ୍ଦ, ସତ୍ୟାନନ୍ଦ ନାଗ, ଚିତ୍ତରଞ୍ଜନ ନିଆଲ, ଜୟପ୍ରକାଶ ଜାଲ, ଯୁଧେଷ୍ଠି ଭଗତ, ଧିରେନ ସୁନାନୀ, ନାରୀ ନେତ୍ରୀ ପ୍ରତିମା ମହାନନ୍ଦ, ଦୀନେଶ କୁମାର ମଲ୍ଲିକ, ଉପ ସଭାପତି ଧବଳେଶ୍ୱର ନାଗ, ଲେଲିଙ୍ଗ କୁମାର, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ବହୁଜନ ମୂଳନୀବାସୀ ମିଳିତ ମହାସଂଘର ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାକୁଡ଼, ଯୁବ ସଭାପତି ଡାକେଶ୍ୱର ଲହଜଳ, ଜିଲ୍ଲା ସମ୍ପାଦକ ଢଗ ନାଏକ, ସୋମ୍ୟରଞ୍ଜନ ନାଏକ, ଉପଦେଷ୍ଟା ଜଗଦୀଶ ଯାଦବ, ଉପଦେଷ୍ଟା ଆଦିତ୍ୟ ହଂସ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଏଓଏସସିଅଫ ମହାସଚିବ ତଥା ଯତୀନ୍ଦ୍ର କର ପରିଚାଳନା କରିଥିଲେ ।




# ବିଦ୍ୟାଳୟରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**କର୍ଲାମୁଣ୍ଡା, ୧୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶନିବାର ଚତୁର୍ଥ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୋଡାଲ କ୍ଲଷ୍ଟର ଚତୁର୍ଥ କ୍ଲଷ୍ଟର ସ୍ତରୀୟ ବୈଠକ ରାଜପୁର ପଞ୍ଚାୟତ ସିଆଲପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା । ବୈଠକରେ ସିଆରସିସି ପ୍ରସନ୍ନ କୁମାର ସାହୁ ଯୋଗ ଦେଇ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ, ଶ୍ରେଣୀ ପରି ଚାଳନା, ଓ ଛାତ୍ରୀଛାତ୍ରଙ୍କୁ ବହୁ ଶ୍ରେଣୀ ଶିକ୍ଷା ଦାନ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । କ୍ଲଷ୍ଟରର ଆଠ ଗୋଟି ବିଦ୍ୟାଳୟରୁ ୮ ଜଣ ପ୍ରଧାନଶିକ୍ଷକ ଓ ୮ ଜଣ ଏଫଏଲ୍‌ଏନ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସେହିପରି ଜୋରାଡ଼ବରା କ୍ଲଷ୍ଟର ପକ୍ଷରୁ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଜୋରାଡ଼ବରା ବୋରପଦର ଠାରେ ମଧ୍ୟ କ୍ଲଷ୍ଟରସ୍ତରୀୟ ଚତୁର୍ଥ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ସିଆରସିସି ଯୁଗଳ କିଶୋର ନାଗ ଯୋଗଦେଇ ଶିକ୍ଷା କ୍ୟାଲେଣ୍ଡର, ନିପୁଣ ସପ୍ତାହ, ବହୁ ଶ୍ରେଣୀ ପରିଚାଳନା ଓ ଜିଲ୍ଲା ଭିତ୍ତିକ ଶୈକ୍ଷିକ ବିଷୟରେ ଆଲୋଚନା କରିଥିଲେ । ଜୋରାଡ଼ବରା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ । ବୈଠକରେ ପ୍ରଧାନ ଶିକ୍ଷକ ତରୁଣ ଜାନୀ, ପ୍ରଫୁଲ୍ଲ କୁମାର ବଡ଼ମାଳି, ଉଗ୍ରସେନ ସାହୁ ସହଯୋଗ କରିଥିଲେ ।

# ବସ୍‌କୁ ଧକ୍କା ଦେଲା ଟ୍ରକ୍: ୮ ଗୁରୁତର

**ଲାଞ୍ଜିଗଡ଼, ୧୮ ।୧୦(ସମିସ):** ଯାତ୍ରୀବାହି ବସକୁ ମାଲବାହୀ ଟ୍ରକ୍ ଧକ୍କା ଦେବାରୁ ଭୟଙ୍କର ଦୁର୍ଘଟଣା ଘଟିଛି । ଏଥିରେ ୮ ଜଣ ଗୁରୁତର ଆହାତ ହୋଇଥିବା ସୂଚନା ମିଳିଛି । ଆହତଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏଭଳି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଭବାନିପାଟଣାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ଢେପଗୁଡ଼ା ମଙ୍ଗଳା ମନ୍ଦିର ଘାଟିରେ ଘାଟି ରାସ୍ତାରେ ଗାଡ଼ି ଜାମ୍ ଯୋଗୁଁ ଏପି୩୧ଇଉ-୬୪୯୮ ମାଲବାହୀ ଟ୍ରକ୍ ପଛକୁ ଫେରି ଆସି ବସ୍‌କୁ ଧକ୍କା ଦେବା ଫଳରେ ଦୁର୍ଘଟଣା ଘଟିଥିଲା । ବସରେ ପ୍ରାୟ ୩୫ଜଣ ଯାତ୍ରୀ ରହିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଘଟଣାସ୍ଥଳରେ ବିଶ୍ୱନାଥପୁର ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କରିଥିଲେ । ବସ୍ ଭବାନୀପାଟଣାରୁ ବିଷମକଟକ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛି । ସମସ୍ତ ଗୁରୁତରଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।









# ପ୍ରାଣ ପ୍ରତିଷ୍ଠା



ବିଚିତ୍ର ବିଶ୍ୱାଳ

ନୂଆ କରି ତିଆରି ହୋଇଥିବା ଏକ ଭବ୍ୟ ମନ୍ଦିରର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଯାଉଥିଲେ ମନ୍ତ୍ରୀ ମହୋଦୟ ଓ ମୁଖ୍ୟ ପୁରୋହିତ । ପାଞ୍ଜି ଦେଖି ଓ ଗ୍ରହ ନକ୍ଷତ୍ରଙ୍କ ଚଳନକୁ ଆକଳନ କରି ବିଗ୍ରହରେ ପ୍ରାଣ ପ୍ରତିଷ୍ଠାର ସମୟ ନିର୍ଘଣ୍ଟ ହୋଇଥିଲା । ଆଉ ଅଳ୍ପ ସମୟ ଥିବାରୁ ଦ୍ରୁତ ଗତିରେ ଚାଲୁଥିଲା ମନ୍ତ୍ରୀଙ୍କ ଗାଡ଼ି ।

ରାସ୍ତାରେ ଜଣେ ମା' ବିକଳ ହୋଇ ସାହାଯ୍ୟ ଭିକ୍ଷା କରୁଥିଲେ । ତାଙ୍କ ଛୋଟ ପୁଅଟି ଦୁର୍ଘଟଣାର ଶିକାର ହୋଇ ରାସ୍ତା କଡ଼ରେ ପଡ଼ିଥିଲା । ବହୁତ ରକ୍ତ ବୋହିଯାଇଥିଲା । ତାକୁ ତୁରନ୍ତ ଡାକ୍ତରଖାନା ନେବା ଦରକାର ଥିଲା । ତାହେଲେ ହୁଏତ ଛୋଟ ପିଲାଟିର ପ୍ରାଣ ବଞ୍ଚିଯାଇ ପାରେ । ମା' ଜଣକ ନିଜେ ଆହତ ହୋଇ ମଧ୍ୟ ହାତ ହଲେଇ ଚିତ୍କାର କରି ତା' ପୁଅର ପ୍ରାଣ ବଞ୍ଚାଇବା ପାଇଁ ଆକୁଳ ନିବେଦନ କରୁଥିଲେ ।

ମନ୍ତ୍ରୀଙ୍କ ଗାଡ଼ି ଡ୍ରାଇଭର ଯନ୍ତ୍ରବତ୍ ଗାଡ଼ି ଅଟକାଇ ଦେଲା ମା' ଜଣକ ପାଖରେ । ମା'ର ଆଖିରେ ଆଶା ଜାଗି ଉଠିଲା । କିଛି ଚିନ୍ତା ନକରି ଡ୍ରାଇଭର ଜଣକ ଗାଡ଼ିରୁ ଓହ୍ଲେଇ ଗଲା । ପୁଅର ପ୍ରାଣ ବଞ୍ଚିଯିବ ବୋଲି ମା'ର ଆଶା ସଂଚାର ହେଲା ।

ହଠାତ୍ ଗାଡ଼ି ଭିତରୁ ଏକା ସାଙ୍ଗରେ ଚିଲ୍ଲେଇ ଉଠିଲେ ମନ୍ତ୍ରୀ ଓ ପୁରୋହିତ । ଆରେ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ି ଯାଉଛି । ଡେରି ହେଲେ ବିଘ୍ନ ହୋଇଯିବ । ଗାଡ଼ି ରଖି ସିଆଡ଼େ କୁଆଡ଼େ ଯାଉଛୁ? ଶୀଘ୍ର ଆସି ଷ୍ଟିଅରିଂ ଧର ।

ମାଲିକଙ୍କ ଚିତ୍କାର ଶୁଣି ଡ୍ରାଇଭରର ପାଦ ଯୋଡ଼ିକ ଅଟକି ଗଲା । ମା' ଜଣକ କାନ୍ଦି କାନ୍ଦି କହୁଥିଲେ, "ମୋ ପୁଅକୁ ଟିକେ ଶୀଘ୍ର ଡାକ୍ତରଖାନାକୁ ନେଇ ତା' ପ୍ରାଣ ବଞ୍ଚେଇ ଦିଅନ୍ତୁ ଆଜ୍ଞା... ।"

ମା'ଟିର ବିକଳ ଚିତ୍କାର ମନ୍ତ୍ରୀ ଓ ପୁରୋହିତଙ୍କ ପ୍ରାଣକୁ ଭେଦି ପାରିଲା ନାହିଁ । ଗାଡ଼ି ଭିତରୁ ଡ୍ରାଇଭର ଉଦ୍ଦେଶ୍ୟରେ ମନ୍ତ୍ରୀ ଗର୍ଜ୍ଜନ କଲେ, ଏଇ ଶୀଘ୍ର ଆସି ଗାଡ଼ି ଚଲା । ପ୍ରାଣ ପ୍ରତିଷ୍ଠା ସମୟ ଗଡ଼ିଯାଉଛି । ହଜାର ହଜାର ଲୋକ ସେପଟେ ଅପେକ୍ଷା କରିଛନ୍ତି । ଶୀଘ୍ର ଆସ୍ । ମନ୍ତ୍ରୀଙ୍କ ତାଗିଦରେ ବିଚରା ଡ୍ରାଇଭର ପଛକୁ ଫେରି ଗାଡ଼ି ଭିତରକୁ ଆସିଲା । ମା' ଜଣକ ଛାତିରେ ହାତ ବାଡ଼େଇ ବାଡ଼େଇ ତା' ପୁଅର ପ୍ରାଣ ରକ୍ଷା ପାଇଁ ବିକଳ ମିନତି କରୁଥିଲା । କିନ୍ତୁ ମନ୍ତ୍ରୀ ଓ ପୁରୋହିତ ମନ୍ଦିର ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ପାଇଁ ଶୀଘ୍ର ଶୀଘ୍ର ଚାଲିଗଲେ ।

ନୀରବରେ ଡ୍ରାଇଭର ଗାଡ଼ି ଚଳାଉଥିଲା । ତା' ମନ ଭିତରେ ଗୋଟିଏ କଥା ବାରମ୍ବାର ବାଡ଼େଇ ହେଉଥିଲା, ଗୋଟେ ଜୀବନ୍ତ ପିଲାର ପ୍ରାଣ ରକ୍ଷାକୁ ପଛ କରି ଏମାନେ କେଉଁ ପଥର ଦେହରେ ପ୍ରାଣ ପ୍ରତିଷ୍ଠା କରିବାକୁ ଯାଉଛନ୍ତି!

ବିଗ୍ରହ ଦେହରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ସାରି ଫେରିଲେ ମନ୍ତ୍ରୀ । ଡ୍ରାଇଭର ଆଖିରେ କିନ୍ତୁ ନାଚି ଉଠୁଥିଲା ପ୍ରାଣ ରକ୍ଷା ପାଇଁ ସଂଘର୍ଷ କରୁଥିବା ଛୋଟ ପିଲାଟିର ରକ୍ତାକ୍ତ ଶରୀର ଓ ଶୁଖିଲା ମୁହଁ । ■

ଭିରଙ୍ଗ, ତିରଣ
ଜଗତସିଂହପୁର- ୭୫୪୧୩୮
ମୋ: ୯୪୩୮୪୬୮୪୭୪

# ପକ୍ଷହୀନ ଜଟାୟୁ ମୁଁ



କୁନଳତା ତ୍ରିପାଠୀ

ବୟୋବୃଦ୍ଧ ଜଟାୟୁ ମୁଁ
ସମୟ ସରସୀର ପ୍ରଭାବିତ ସ୍ରୋତେ ପକ୍ଷହୀନ
ଭାସି ଭାସି ଅଙ୍କା ବଙ୍କା ସର୍ପିଳ ପଥେ
ଝଡ଼ ଝଞ୍ଜା ସହି ସହି ଅରଣ୍ୟ ବାସରେ
ଅନେକ ଅନୁଭୂତିରେ ଜୀବନକୁ ପରଖିଛି ମୁଁ
କେତେ ବ୍ୟଥା ବେଦନାର ସ୍ୱର ଆଙ୍କି ହୋଇ
ସମୟ ପୃଷ୍ଠାରେ ଅଲିଭା ସ୍ୱାକ୍ଷରେ,,
କେତେ ଅବା ଧୋଇ ହୋଇ
ହିସାବ କି ଦେଇ ମୁଁ ପାରିବି?
ନିରେଖି ପାରିନି ତାହା ଆବଶ୍ୟକ ଅନାବଶ୍ୟକ ଭେଦେ
ମାତ୍ର ଇତିହାସ ମୂକସାକ୍ଷୀ ହୋଇ ରୂପରେଖ ଦେଇଥାଏ ତା'ର,
ଜାଣିଛି ମୁଁ ତାହା
ମୃତ୍ୟୁକୁ ଆପଣେଇ ପାରିନି ମୁଁ
ଭୀଷଣ ଏ ଚନ୍ଦ୍ରହାସ ଖଡ଼୍ଗର ଆଘାତେ,
ବଞ୍ଚିଛି ମୁଁ ବଞ୍ଚିଥିବି କର୍ମକ୍ଳାନ୍ତ ଜୀବନେ ମୋ ଅପାରଗ ହୋଇ,
ରାବଣର ବିଦ୍ରୂପ ହସରେ ଯଦିଓ ପ୍ରତାରିତ ମୁଁ - ମାତ୍ର ପ୍ରଚୋଦିତ
ଅପେକ୍ଷମାଣ ମୁଁ ସମ୍ବେଦନାର ସମ୍ମୋହନ ମନ୍ତ୍ରେ,
ହୁଏତ ଏ ହୋଇପାରେ ମୋର ଅନ୍ତିମ ପ୍ରତୀକ୍ଷା,
ମାତ୍ର ନୁହେଁ ଶେଷ ସ୍ୱର
ଅଥଚ ମୋ ଜୀବନର ସର୍ବମୂଲ୍ୟ ଶେଷ ଆଶା ଭରସାର
ଭୂମିକାଟିଏ ନିଭାଇବା ପାଇଁ ।
ରାବଣର ଅଟ୍ଟହାସ୍ୟ,
ବିଚଳିତ କରିପାରିନି ମୋତେ
ମାରି ମରିବାର ପଣ ମୋ' ଭିତରେ
ଶୂନ୍ୟତାରେ ପୂର୍ଣ୍ଣତାର ଉପଲବ୍ଧି ଦେଇ ।

ଅନ୍ତ ହେବ ଦୁରାଚାର
ଅବସାନ ଘଟିବ ଭ୍ରଷ୍ଟର
ଧର୍ମ ସଂସ୍ଥାପନ ପାଇଁ ଯୁଗେ ଯୁଗେ
ଅନ୍ତିମ ଅଭିଳାଷ ନେଇ
ଯୁଗେ ଯୁଗେ ଜନମେ ଜନମେ
ପକ୍ଷହୀନ ଜଟାୟୁ ମୁଁ ଏବେ ବି ବଞ୍ଚିଛି
ପ୍ରତୀକ୍ଷାର ଘଟିନାହିଁ ଅନ୍ତ । ■

କଟକ
ମୋ: ୮୩୩୯୦୫୧୧୭୩



# ରେ ଜୀବନ!



ପବିତ୍ର ମୋହନ ଦାଶ

ତୁ ନିମନ୍ତ୍ରଣ ଦେଇଯାଉ
ଆକାଶରେ ପହଁରିବା ପାଇଁ
ମୋର ଡେଣା ଗଜୁରେ ନାହିଁ,
ତୁ ପ୍ରେରଣା ଦେଉ
ନଦୀ ସହ ସ୍ୱର ସାଧନା ପାଇଁ
ଗଳାରେ କର୍କଟ ମୋର
କଣ୍ଠ ଫିଟେ ନାହିଁ,
ତୁ ଆଦେଶ ଦେଉ
ତୋଫାନ ସହ ମାତି ଉଠିବା ପାଇଁ
ରକ୍ତରେ ମୋ ନିଶା ମିଶେ ନାହିଁ,
ତୁ ଉତ୍ସାହିତ କରୁ
ସମୁଦ୍ର ସହ ନାଚିବା ପାଇଁ
ପକ୍ଷାଘାତ ଗ୍ରସ୍ତ ମୋର ଗୋଡ଼
ପାଦ ଚଳେ ନାହିଁ,
ରେ ଜୀବନ!
ତୁ କହୁ ଅଜ୍ଞାତ ସହିତ
ଘର ଛାଡ଼ି ଚାଲି ଯିବା ପାଇଁ
ମୁଁ ନାଚାର ଖୋଲେନା କବାଟ
କେଜାଣି କିମ୍ପାଇଁ? ■

ଇଂରାଜୀ ବିଭାଗ
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ
ବାଲିପୁଟ, ପୁରୀ - ୭୫୨୦୪୫

# ସୁରେନ୍ଦ୍ରଙ୍କ ଗଳ୍ପରେ ବୌଦ୍ଧ ଚେତନା



ଡକ୍ଟର ବାସନ୍ତୀ ମହାନ୍ତି

କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଗଭୀର ଜୀବନ ଜିଜ୍ଞାସା ଓ ତା'ର ଉପଲବ୍ଧି ହେଲା - "ଜୀବନ ପବିତ୍ର ଓ ଅନାବିଳ । ଜ୍ୟୋସ୍ନାର ପ୍ରତିଫଳନ ଏଇ ଶିଶିର ବିନ୍ଦୁରେ ଯେତିକି ଲୋଭନୀୟ ନର୍ଦ୍ଦମାରେ ସୁଦ୍ଧା ସେତିକି ରମଣୀୟ । ପୁଣ୍ୟ ମଧ୍ୟରେ ଜୀବନ ଯେପରି ଶୁଭ୍ର, ସୁନ୍ଦର, ପାପ ମଧ୍ୟରେ ଜୀବନ ମଧ୍ୟ ସେହିପରି ସ୍ୱଚ୍ଛ ଓ ରମଣୀୟ । ଦେହର ଜାନ୍ତବ କ୍ଷୁଧା ମଧ୍ୟରେ ମଧ୍ୟ ଜୀବନର ପୁଣ୍ୟମୟ ଉପଲବ୍ଧି ଅଛି ।" ଜୀବନର ଏ ଗୂଢ଼ ତତ୍ତ୍ୱକୁ ନିଷ୍କପଟ ଭାବରେ ସେ ତାଙ୍କ ବହୁ ସୃଷ୍ଟିରେ ଉପସ୍ଥାପନା କରିଛନ୍ତି । ଏହି ଚିନ୍ତାଧାରାକୁ ସମ୍ବଳିତ କରି ସୁରେନ୍ଦ୍ରଙ୍କର ବୌଦ୍ଧ ଯୁଗର ଗଳ୍ପଗୁଡ଼ିକ ସମୃଦ୍ଧ । ଏ ପ୍ରକାର ଗଳ୍ପଗୁଡ଼ିକ ସଂଖ୍ୟା ସର୍ବମୋଟ ଛଅଟି । ସେଗୁଡ଼ିକ ହେଉଛି – 'ସାରୀପୁତ୍ତ', 'ଅମ୍ବାପଲ୍ଲୀ', 'ମଧୁମତ୍ତାର ରାତ୍ରୀ', 'ପିତା ଓ ପୁତ୍ର', 'ମହାନିର୍ବାଣ' ଓ 'ଉଦ୍ରରାମପୁତ୍ର' ।

ଉଦ୍ରରାମପୁତ୍ର ମହାଯୋଗୀ ବୌଦ୍ଧ ସନ୍ନ୍ୟାସୀ କଳିଙ୍ଗର ଅଧିବାସୀ ଥିଲେ । ତାଙ୍କ ସମ୍ପର୍କରେ "ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ବିବରଣୀରେ (ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ) ମହାନଦୀ (M.O.-HO-River) ତଟବର୍ତ୍ତୀ ମହାକାନ୍ତାରରେ ମହାଯୋଗୀ ଉଦ୍ର ରାମପୁତ୍ରଙ୍କ ବିବରଣୀ ବର୍ଣ୍ଣିତ ଅଛି ।" ବୌଦ୍ଧଯୁଗର ଗୋଟିଏ ସତ୍ୟ ଆଧାରିତ ଚରିତ୍ରକୁ ନେଇ 'ଉଦ୍ର ରାମପୁତ୍ର' ଗଳ୍ପଟିର ପରିକଳ୍ପନା ହୋଇଛି । ଗଳ୍ପଟିର ବିଷୟବସ୍ତୁ କିନ୍ତୁ ରାମାୟଣ ଯୁଗର ରାଜା ଦଶରଥଙ୍କ ରାଜ୍ୟରେ ଅନାବୃଷ୍ଟିର ନିରାକରଣ ପାଇଁ ଆଜନ୍ମ ବ୍ରହ୍ମଚାରୀ ଋଷ୍ୟଶୃଙ୍ଗଙ୍କ ପଦସ୍ପର୍ଶ ଅଯୋଧ୍ୟା ରାଜ୍ୟରେ କରାଇବା ଓ ରାଜକନ୍ୟା ଶାନ୍ତାଙ୍କୁ ଅର୍ପଣ କରିବା ଉପାଖ୍ୟାନ ସହ ସାମଞ୍ଜସ୍ୟ ରଖେ । ଏ ଗଳ୍ପରେ କଥାବସ୍ତୁ ପ୍ରଧାନ ନୁହେଁ; କିନ୍ତୁ ଜଣେ ସଂସ୍କାରକ ସାଧନା-ନିଷ୍ଠ, ଜିତେନ୍ଦ୍ରୀୟ ନିର୍ବାଣ କାମୀ ବୌଦ୍ଧଭିକ୍ଷୁ ବିଶ୍ୱକଲ୍ୟାଣ ପାଇଁ ତାର ସକଳ ତପଃଫଳ ଉତ୍ସର୍ଗ କରିଦେଇ ପରିଶେଷରେ କିପରି ଜୀବନର ଚିରନ୍ତନ ମଧୁର ଅନୁଭବ ଜାନ୍ତବ କାମନା ନିକଟରେ ଆତ୍ମସମର୍ପଣ କରିଛି ସେହି ଭାବ ସମ୍ପଦ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଜୀବନର ଏକ ଚିରନ୍ତନ ସତ୍ୟ ହିଁ ଗଳ୍ପଟିରେ ମାର୍ମିକ ଭାବରେ ବର୍ଣ୍ଣିତ ହୋଇଛି ।

ସୁରେନ୍ଦ୍ର ମହାନ୍ତିଙ୍କ 'ସାରୀପୁତ୍ତ' ଜୀବନକୁ ବନ୍ଦନା କରୁଥିବା ଅନ୍ୟ ଏକ ସାର୍ଥକ ବୌଦ୍ଧ ଗଳ୍ପ । ଗୌତମ ବୁଦ୍ଧ ଯନ୍ତ୍ରଣା କ୍ଲିଷ୍ଟ ଜୀବନର ଅସାରତା ଓ ନିର୍ବାଣ ତତ୍ତ୍ୱରେ ପ୍ରଭାବିତ ହୋଇ ସାରୀପୁତ୍ତ ଗୃହତ୍ୟାଗୀ ହୋଇ ସଂଘଭୁକ୍ତ ହୋଇଛି । ମା' ରୂପଶ୍ରୀର କୋମଳ ମାତୃ ହୃଦୟ ପୁତ୍ର ବିଚ୍ଛେଦରେ ଖଣ୍ଡବିଖଣ୍ଡିତ ହୋଇପଡ଼ିଛି । ଦିନ ଦିନ ଧରି ସେ ପୁତ୍ରର ଘର ବାହୁଡ଼ାକୁ ପ୍ରତୀକ୍ଷା କରି ଯନ୍ତ୍ରଣା ଜର୍ଜରିତ ମୁହୂର୍ତ୍ତମାନଙ୍କୁ ଅତିବାହିତ କରୁଛି । ପୁତ୍ର, ପୁତ୍ରବଧୂ, କଳତ୍ରମାନଙ୍କୁ ନେଇ ଏକ ଭରପୂର ସଂସାରିକ ଜୀବନରେ କାଳ୍ପନିକ ମୋହରେ ସେ ମୋହଗ୍ରସ୍ତ ହୋଇ ପଡ଼ିଛି । ରିଷ୍ଟ ଖଣ୍ଡନ ପାଇଁ ବ୍ରାହ୍ମଣ ଦେବତାଙ୍କୁ ପୂଜା ଆରାଧନା ଅର୍ଘ୍ୟ ଦେଇଛି । ଅବଶେଷରେ ସାରୀପୁତ୍ତ ଫେରିଛି କିନ୍ତୁ ପୁତ୍ର ରୂପରେ ନୁହେଁ ଭିକ୍ଷୁ ରୂପରେ । ଗୌତମୀ ପ୍ରଜାପତିଙ୍କ ସହକର୍ମିଣୀ ପାଇଁ ସେ ମାତା ରୂପଶ୍ରୀଙ୍କୁ ଭିକ୍ଷା ରୂପରେ ଚାହିଁଛନ୍ତି । ସାରୀପୁତ୍ତଙ୍କର ଏ ଭିକ୍ଷାରେ ରୂପଶ୍ରୀର ମାତୃ ହୃଦୟ ଆର୍ତ୍ତନାଦ କରି ଉଠୁଛି । ସେ ନିର୍ବାଣ ନୁହେଁ ଜୀବନ ଚାହାନ୍ତି ବୋଲି ନିଷ୍ଠୁର ଭାବରେ ବହୁବାଞ୍ଛିତ ପୁତ୍ରକୁ ରିକ୍ତ ହସ୍ତରେ ଫେରେଇ ଦେଇଛନ୍ତି । ଜୀବନର ଏ ମହାର୍ଘ ଜୟଗାନ ଭିତରେ ବୁଦ୍ଧଙ୍କର ସକଳ ଧର୍ମୋପଦେଶ, ନିର୍ବାଣୋନ୍ମୁଖୀ କାମନା ଓ ଜୀବନକୁ ଯନ୍ତ୍ରଣାମୁକ୍ତ କରିବାର ପ୍ରଚେଷ୍ଟା ମ୍ଳାନ ହେଲା ଭଳି ଅନୁଭୂତ ହୁଏ, କାରଣ ଜୀବନ ଥିଲେ ଯନ୍ତ୍ରଣା ଅଛି, କାମନା ଅଛି ପୁଣି ଆନନ୍ଦବୋଧ ଅଛି ।

'ଅମ୍ବାପଲ୍ଲୀ' ଗଳ୍ପ ତତ୍କାଳୀନ ସାମାଜିକ ବିଧି ବ୍ୟବସ୍ଥା ନିକଟରେ ସମର୍ପିତା ଅସହାୟ ନାରୀତ୍ୱର ଆହତ ଆତ୍ମଲିପି । ବୌଦ୍ଧ ଧର୍ମଦର୍ଶନର ପୃଷ୍ଠପଟିକାରେ ଗଳ୍ପଟି ଅବସ୍ଥା ବାଧ ନାରୀତ୍ୱର ହାହାକାର ଗଳ୍ପର ଭାବସମ୍ପଦ । ରୂପଶ୍ରୀ ଭଳି ଗଣତନ୍ତ୍ରର ବର୍ବର ସାମୂହିକ ନିଷ୍ପତ୍ତି ତାର ନାରୀତ୍ୱକୁ ଅବମାନନା କରିଛି । ସେ ଗଣ ଭୋଗ୍ୟା ହୋଇଛି । ବୈଶାଳୀର ସ୍ୱାର୍ଥ ପାଇଁ ସେ ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟ ସ୍ୱପ୍ନ ଓ ସମ୍ଭାବନାକୁ ବିସର୍ଜନ ଦେଇଛି । 'ଥେରୀ ଗାଥା'ରେ ଅମ୍ବାପଲ୍ଲୀର ସ୍ୱରଚିତ ଗୋଟିଏ ଆତ୍ମକାହାଣୀ ମୂଳକ କବିତାରେ ଏହିପରି ଗୋଟିଏ ଗଣିକାର ବ୍ୟର୍ଥ ନାରୀତ୍ୱର ଅଶ୍ରୁଳ ଚିତ୍ର ବର୍ଣ୍ଣିତ ହୋଇଛି । ଅମ୍ବାପଲ୍ଲୀ ଥିଲା ବିଦୂଷୀ । ଜୀବନର ବ୍ୟର୍ଥତା ଓ ହା'ହତାଶକୁ ତିଳତିଳ ଉପଲବ୍ଧି କରି ପ୍ରାଚୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ବିଭୂତି ସତ୍ତ୍ୱେ ସେ ଜୀବନ ବିଦ୍ୱେଷୀ ହୋଇପଡ଼ିଛି । ତା'ର ବଞ୍ଚିତ ମାତୃତ୍ୱର ଆହତ ସ୍ୱାକ୍ଷର 'ଜୀବକ' ଯାହାକୁ ଦିନେ ସେ ଆହତ ଅଭିମାନରେ ପରିତ୍ୟାଗ କରିଦେଇଥିଲା, ତାକୁ ଅତି ନିକଟରେ ପାଇ ସୁଦ୍ଧା ମାତୃତ୍ୱର ଉତ୍ତାପ ପ୍ରଶମିତ କରିପାରୁ ନାହିଁ । ଦେହ ସର୍ବସ୍ୱ ହେବା ପାଇଁ ତତ୍କାଳୀନ ସମାଜ ତାକୁ ଅନୁବନ୍ଧିତ କରିଥିଲେ ସୁଦ୍ଧା ଆତ୍ମାର ତୀବ୍ର ଆହ୍ୱାନ ତାକୁ ଉନ୍ମନା କରିଛି । ଏକ ପକ୍ଷରେ ତା' ଶରୀରକୁ ବନ୍ଦନା କରୁଥିବା ବିମ୍ବିସାର ଓ ଅନ୍ୟ ପକ୍ଷରେ ଶରୀରର କାମନା ବାସନାକୁ ତୁଚ୍ଛ କରି ଆତ୍ମାର ଊର୍ଦ୍ଧ୍ୱଗତି ପାଇଁ ସନ୍ଦେଶ ପ୍ରଦାନ କରୁଥିବା ଗୌତମବୁଦ୍ଧ, ଭୁବନ ମୋହିନୀ ବେଶରେ ସଜ୍ଜିତା ଆମ୍ରପାଲ୍ଲୀ ଜୀବନର ବହୁବାଞ୍ଛିତ ନିଷ୍ପତ୍ତିକୁ ଗ୍ରହଣ କରିନେଇଛି ।

'ମଧୁମତ୍ତାର ରାତ୍ରୀ' କିନ୍ତୁ ନାରୀ ପ୍ରତି ଚିରାଚରିତ ବିଚାର ଧାରାର ଏକ ନୀରବ ବିଦ୍ରୋହ । ଏ ଜନ୍ମରେ ନହେଲେ ସୁଦ୍ଧା ନାରୀ ପ୍ରତି ସାମାଜିକ ବିଧି ବ୍ୟବସ୍ଥାକୁ ମୌନ ପ୍ରତିବାଦ କରି ପରଜନ୍ମରେ ନାରୀତ୍ୱର ମହନୀୟ ଆବେଦନକୁ ଗଣଭୋଗ୍ୟା ନାରୀଟିଏ ଅନୁଭବ କରିବା ପାଇଁ ବ୍ୟାକୁଳ ହୋଇପଡ଼ିଛି । ସେଥିପାଇଁ ସେ ନିର୍ବାଣ ତତ୍ତ୍ୱର ମହିମା ପ୍ରଚାର କରୁଥିବା ବୌଦ୍ଧ ସନ୍ନ୍ୟାସୀମାନଙ୍କୁ ବାରମ୍ବାର ପରଜନ୍ମ ସମ୍ପର୍କରେ ଉତ୍ପୀଡ଼କ ପ୍ରଶ୍ନ ପ୍ରଚାରି ଅସ୍ଥିର କରିଦେଇଛି । ତପୋକ୍ଲିଷ୍ଟ ସଂଯମପିଣ୍ଡିତ ଏ ବୌଦ୍ଧ ଭିକ୍ଷୁମାନଙ୍କ ସାଧନାକୁ ନିଜର ମଧୁମତ୍ତ ଆକର୍ଷଣରେ ମୋହଗ୍ରସ୍ତ କରି ସେହି ବିଦ୍ରୋହ ବ୍ୟଞ୍ଜକ ପ୍ରଶ୍ନ କରିଛି । 'ଅନ୍ୟର ପାଦତଳେ କେବଳ ଅସହାୟ ଭାବରେ ନିବେଦିତ ହେବା ହିଁ କ'ଣ କୁସୁମର ଭବିତବ୍ୟ'? ଏ ଗଭୀର ଜିଜ୍ଞାସା ଅନ୍ତରାଳରେ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟରେ ଆଜୀବନ ପ୍ରତିପାଳିତା ଓ ନାରୀତ୍ୱକୁ ଅନ୍ୟର ପାଦତଳେ ନିବେଦିତ କରୁଥିବା ନାରୀଟିଏ 'ହୁଏତ କାମନା କରୁଥିଲା ଏକ ନାମହୀନ ଜନପଦର ଅଖ୍ୟାତ ଅଜ୍ଞାତ କୋଣରେ କେଉଁ ଏକ ସାମାନ୍ୟ ଗୃହସ୍ଥଳୀର ପରିଚ୍ଛନ୍ନ, ଶୁଭ୍ର ଅଙ୍ଗନ ।'

'ପିତା ଓ ପୁତ୍ର' ଗଳ୍ପ ସୁରେନ୍ଦ୍ର ମହାନ୍ତିଙ୍କ ଏକ ବହୁ ଚର୍ଚ୍ଚିତ ଗଳ୍ପ । ରୁଚିପୂର୍ଣ୍ଣ ସମ୍ଭ୍ରାନ୍ତ ଭାଷା ଶୈଳୀ ଓ ବିଷୟବସ୍ତୁର ନାଟକୀୟ ଉପସ୍ଥାପନାରେ ଉକ୍ତ ଗଳ୍ପଟି ତାଙ୍କ ସୃଷ୍ଟି ଅନ୍ୟ ସମସ୍ତ ଗଳ୍ପଠାରୁ ଅଗ୍ରଗଣ୍ୟ ମନେହୁଏ । ଗଳ୍ପଟିର କଥାବସ୍ତୁ ଅପେକ୍ଷା ଆଙ୍ଗିକ ଶୈଳୀ ବେଶ୍ ଆକର୍ଷଣୀୟ । ତାଙ୍କର ଅନ୍ୟାନ୍ୟ ବୌଦ୍ଧଯୁଗୀୟ ଗଳ୍ପ ଭଳି ଏଥିରେ ବୌଦ୍ଧ ଧର୍ମ ଦର୍ଶନର ବ୍ୟାଖ୍ୟା ନାହିଁ । ମଗଧର ରାଜା ଅଜାତଶତ୍ରୁଙ୍କର ପୁତ୍ର ଉଦାୟୀ ଓ ତାଙ୍କର ପରବର୍ତ୍ତୀ ତିନିଜଣ ବଂଶଧର ପିତୃହନ୍ତା ଥିଲେ । ପ୍ରଜାମାନେ ଏଥିରେ ଉତ୍ତେଜିତ ହୋଇ କାଶୀରାଜା ଶିଶୁନାଗଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରିଥିଲେ । ଇତିହାସର ଏହି ସତ୍ୟକୁ ଆଧାର କରି ପିତା ଓ ପୁତ୍ର ଗଳ୍ପ ପରିକଳ୍ପିତ ହୋଇଛି । ସ୍ରଷ୍ଟା ଯେତେ ନିଷ୍ଠୁର ନିର୍ମମ ନିଷ୍କରୁଣ ହେଲେ ସୁଦ୍ଧା ନିଜ ସୃଷ୍ଟି ନିକଟରେ ସେ ସର୍ବଦା ଅସହାୟ, କ୍ଷମାସ୍ନିଗ୍ଧ ଓ କରୁଣାମୟ । କିନ୍ତୁ ପିତୃତ୍ୱର ଅନୁଭବ ନହେବା ପର୍ଯ୍ୟନ୍ତ ସ୍ରଷ୍ଟାର ଏ ଅମୃତମୟ ଉପଲବ୍ଧି ଆସେ ନାହିଁ । ଉକ୍ତ ଗଳ୍ପରେ ଏହି ସତ୍ୟ ଉପସ୍ଥାପିତ ହୋଇଛି ।

'ମହାନିର୍ବାଣ' ଗଳ୍ପ ନାୟକ ବୌଦ୍ଧଭିକ୍ଷୁ ନୀଳୋତ୍ପଳ ଶତ ସାଧନା ଓ ସଂଯମ ଭିତରେ ଯେଉଁ ଅନିର୍ବଚନୀୟ, ଅଦ୍ୱୟ ଶୂନ୍ୟତାର ଅନୁଭବ ପାଇ ନଥିଲେ ମଧୁବ୍ରତାର ପେଲବ କରତଳ ସ୍ପର୍ଶ କରି ତାହା ପାଇଛନ୍ତି ବୋଲି ସ୍ୱୀକାର କରନ୍ତି । ଦେହର କ୍ଷୁଧାରେ ଆତ୍ମାର ଅଭୀପ୍ସା ମଳିନ ହୋଇପଡ଼ିଛି । ଏ ମହାସୁଖର ଅନୁଭବ ଭିତରେ ସେ ନିର୍ବାଣର ମହାଶୂନ୍ୟତା ଉପଲବ୍ଧି କରିଛନ୍ତି । ପ୍ରବୃତ୍ତି ଓ ନିବୃତ୍ତିର ସଂଘର୍ଷ ଭିତରେ ପ୍ରବୃତ୍ତି ଜୟଲାଭ କରିଛି । ନିର୍ବାଣ ଅପେକ୍ଷା ଜୀବନ ହୋଇ ଉଠିଛି ଅଧିକ କାମ୍ୟ । ବୌଦ୍ଧ ଦର୍ଶନ ତତ୍ତ୍ୱରେ ଏସବୁ କିନ୍ତୁ ସ୍ଖଳନ । ସେଥିପାଇଁ ବ୍ରହ୍ମଦଣ୍ଡ ଭୋଗିବାକୁ ପଡ଼େ । ଜୀବନର କ୍ଷଣଭଙ୍ଗୁରତା ଉପଲବ୍ଧି ପାଇଁ ଘୋର ଶ୍ମଶାନରେ ଅଶୁଭ ଭାବନା ଅଭ୍ୟାସ କରିବାକୁ ହୁଏ । ନୀଳୋତ୍ପଳ ସେହି ଅଶୁଭ ଭାବନା ଅଭ୍ୟାସରେ ସମ୍ପୂର୍ଣ୍ଣ ସିଦ୍ଧି ପ୍ରାପ୍ତ ହୋଇସାରିବା ପରେ ସୁଦ୍ଧା ମଧୁବ୍ରତାର ଶବପିଣ୍ଡ ତାଙ୍କର ସକଳ ଶୀଳ ସଂଯମକୁ ଚୂର୍ଣ୍ଣୀଭୂତ କରିଦେଇଛି । ମଧୁବ୍ରତାର ଉଲଗ୍ନ ଶବ ପିଣ୍ଡକୁ ଆଲିଙ୍ଗନ କରି ସେ ଅଗଣିତ କ୍ଷୁଧିତ ଚୁମ୍ବନରେ ଆଚ୍ଛନ୍ନ କରିଦେଇଛନ୍ତି । ନିର୍ବାଣର ମହାସୁଖକୁ ଅସ୍ୱୀକାର କରି ଜୀବନର କ୍ଷଣଭଙ୍ଗୁରତା ଭିତରେ ସେ ଅମୃତର ସନ୍ଧାନ କରିଛନ୍ତି ।


ସୁରେନ୍ଦ୍ରଙ୍କ ବୌଦ୍ଧଯୁଗୀୟ ଗଳ୍ପଗୁଡ଼ିକରେ ତାଙ୍କର ଗଭୀର ଅଧ୍ୟବସାୟ ଓ ଅଧ୍ୟୟନର ଚିତ୍ର ସୁସ୍ପଷ୍ଟ । ଏ ଗଳ୍ପଗୁଡ଼ିକରେ "ଜୀବନ ସଂଭୋଗର ନହବତରେ ପୁଷ୍କଳ ହେବ କି ତ୍ୟାଗ, ସଂଯମ ଓ କୃଚ୍ଛ୍ର ସାଧନାର ନିରବିଚ୍ଛିନ୍ନ ଯନ୍ତ୍ରଣା ଜର୍ଜରିତ ହୋଇ ନିର୍ବାଣ ନିମନ୍ତେ ବୁଦ୍ଧସଂଘ ଓ ଧର୍ମ ଆଶ୍ରା କରିବ ।" ଏ ଉତ୍ପୀଡ଼କ ଜିଜ୍ଞାସାରେ ବ୍ୟକ୍ତି ଅସ୍ଥିର ହୋଇ ପଡ଼ିଛି । ଏ ଜୀବନ ଜିଜ୍ଞାସା ଓ ଜୀବନର ଅନ୍ୱେଷଣ ଭିତରେ ମନେହୁଏ ଜୀବନ ସଂଭୋଗୀ ସୁରେନ୍ଦ୍ର ମହାନ୍ତି ଜୀବନର ହିଁ ବନ୍ଦନା କରିଛନ୍ତି । ତାଙ୍କ ଚରିତ୍ରଗୁଡ଼ିକ ସାଧନା ପିଣ୍ଡିତ ଜୀବନ ଭିତରେ ଯେତିକି ମର୍ଯ୍ୟାଦାବନ୍ତ ଓ ଗୁରୁଗମ୍ଭୀର ତା'ଠାରୁ ଅଧିକ ରମଣୀୟ ହୋଇଛନ୍ତି । ସ୍ଖଳନ ଓ ପାପାଚାର ମଧ୍ୟରେ ଜୀବନ ହିଁ ତାଙ୍କର ପରମକାମ୍ୟ, ନିର୍ବାଣ ନୁହେଁ । ଏ ସତ୍ୟ ସ୍ପଷ୍ଟ ଓ ନିର୍ଭୀକ ଭାବରେ ବହୁ ଚରିତ୍ରଙ୍କ ମୁହଁରେ ସେ ଉଦ୍‌ଘୋଷଣା କରିଛନ୍ତି । ■

ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍- ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର-୬
ମୋ: ୯୪୩୭୦୩୩୦୭୪

## ପୂଜା ପତ୍ରିକା ପରିଚୟ

### ସୁଚିତ୍ରା

ସଂପାଦକ : କନ୍ଦର୍ପ ବେହେରା




ଡଇଁଚା, ରେଢ଼ାଖୋଲ
ଜି: ସମ୍ବଲପୁର-୭୬୮୧୦୬
ମୂଲ୍ୟ:୫୦ ଟଙ୍କା

ସୃଜନର ସ୍ପନ୍ଦନ 'ସୁଚିତ୍ରା'ର ଶାରଦୀୟ ସଂଖ୍ୟା ୨୦୨୫ ଆମର ହସ୍ତଗତ ହୋଇଛି । କନ୍ଦର୍ପ ବେହେରାଙ୍କ ସଂପାଦନାରେ ପ୍ରକାଶିତ 'ସୁଚିତ୍ରା'ର ଚଳିତ ସଂଖ୍ୟାଟି କେତେ ଜଣ ବରିଷ୍ଠ, ଯୁବ ଲେଖକଙ୍କ କବିତା, ଗପ, ପ୍ରବନ୍ଧ, ଶିଶୁ ସାହିତ୍ୟ, ସାକ୍ଷାତକାରରେ ସମୃଦ୍ଧ ହୋଇଛି । କବିତା ବିଭାଗରେ କ୍ଷମାନିଧି ଭୋଇଙ୍କ 'ତୁମେ', ରମାକାନ୍ତ ଜେନାଙ୍କ 'ଶବ୍ଦ ସହ ସାମ୍ନାସାମ୍ନି', ଦେବାଶିଷ ଚକ୍ରବର୍ତ୍ତୀଙ୍କ 'ନାକ୍‌ଟିଦେଉଳ', ଐଶ୍ୱର୍ଯ୍ୟା ମିଶ୍ରଙ୍କ 'ଶୂନ୍ୟା', ବିକାଶୀ ପ୍ରିୟଦର୍ଶିନୀ ରାଉତଙ୍କ 'ତୋ ଅମୃତ ପରଶରେ', ଇପ୍‌ସିତା ପ୍ରିୟଦର୍ଶିନୀ ପରିଡ଼ାଙ୍କ 'ମୃତ୍ୟୁ ପରର ଆତ୍ମା', ସନ୍ତୋଷିନୀ ଦାଶ (ଗିରି)ଙ୍କ 'ଜୀବନ', ସନ୍ତୋଷ କୁମାର ରଥଙ୍କ 'ସେଲ୍‌ଫି ବ୍ୟାଧି', ଡକ୍ଟର ଅନୀଲ କୁମାର ସାହୁଙ୍କ 'ପ୍ରୀତିପର୍ଣ୍ଣା' ଆଦି କବିତାରେ ସାମାଜିକ ବାସ୍ତବତା, ମଣିଷ ଜୀବନ ନାନା ଦ୍ୱନ୍ଦ୍ୱ, ସଂଘର୍ଷ, ନାରୀ ମନର ଅକୁହା ବେଦନା ପ୍ରତିଫଳିତ ହୋଇଛି । ସେହିପରି ବିପିନ ମହାନନ୍ଦଙ୍କ 'ସେଇ ଝିଅଟିର ଦୁଇ ନୀଳ ଆଖି', ଗାୟତ୍ରୀ ସିଂହଙ୍କ 'ଡୋରି', ସ୍ରୋତସ୍ୱିନୀ ପରିଡ଼ାଙ୍କ 'ଆଖିର କଥା' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ତେବେ ପ୍ରବନ୍ଧ, ପ୍ରଥମ ବହିର ସ୍ମୃତି, ଧର୍ମ, ସାକ୍ଷାତକାର, କଥାବାର୍ତ୍ତା, ପର୍ଯ୍ୟଟନ, ପିଲାଙ୍କ ପୃଷ୍ଠା, ସମ୍ବଲପୁରୀ କବିତା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । 'ସୁଚିତ୍ରା'ର ଶାରଦୀୟ ବିଶେଷାଙ୍କର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଆଗାମୀ ଶତାବ୍ଦୀ

ସଂପାଦକ : ସେକ୍ ମସୁଦ୍ ଅଲି



ଏମ୍-୬୮, ମଧୁସୂଦନ ନଗର
ୟୁନିଟ୍-୪, ଭୁବନେଶ୍ୱର- ୯
ମୂଲ୍ୟ:୫୦ ଟଙ୍କା

ସାହିତ୍ୟ ପତ୍ରିକା 'ଆଗାମୀ ଶତାବ୍ଦୀ'ର ଶାରଦୀୟ ବିଶେଷାଙ୍କ -୨୦୨୫ ସେକ୍ ମସୁଦ୍ ଅଲିଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାର ପ୍ରବନ୍ଧ ବିଭାଗରେ ଡକ୍ଟର ସତ୍ୟ ନାରାୟଣ ମିଶ୍ରଙ୍କ 'ଦୁର୍ଗତିନାଶିନୀ ଦୁର୍ଗତି', ଗୌରହରି ଦାସଙ୍କ 'ସୁରେନ୍ଦ୍ର ମହାନ୍ତିଙ୍କ ସ୍ପର୍ଶରେ ଶିଳା ଶାଳଗ୍ରାମ ପାଲଟୁଥିଲା', ଦାଶ ବେନହୁରଙ୍କ 'ଈଶ୍ୱର ତତ୍ତ୍ୱ', ଡକ୍ଟର ବିଜୟାନନ୍ଦ ସିଂହଙ୍କ 'ପୁଣ୍ୟତୋୟା ବିରୂପା-ଚିତ୍ରୋତ୍ପଳା ଭୂମିରେ ସ୍ୱାଧୀନତା ସଂଗ୍ରାମ', ଡକ୍ଟର ଶିଶିର ବେହେରାଙ୍କ 'ସଖୀତତ୍ତ୍ୱ ଓ ସନ୍ଥ ହାଡ଼ିବନ୍ଧୁ ଦାସ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଚିନ୍ତନଶୀଳ ହୋଇଛି । ସେହିପରି ସଦାଶିବ ଦାଶଙ୍କ 'ଏଇତ ଜୀବନ', ପ୍ରୀତିଧାରା ସାମଲଙ୍କ 'ମାଟିର ସଂସାର', ତୁହିନାଂଶୁ ରଥଙ୍କ 'ମୁଁ ସମୟ ପାଲଟି ଯାଏ', ସୁଶାନ୍ତ କୁମାର ନାୟକଙ୍କ 'ବର୍ଷା ଭିଜା କୋହ', ବିରଜା ରାଉତରାୟଙ୍କ 'ମେଘବର୍ଣ୍ଣା ଅଶ୍ରୁ' ଆଦି କବିତାଗୁଡ଼ିକରେ ମଣିଷ ଜୀବନର ଯନ୍ତ୍ରଣା, ସାଂପ୍ରତିକ ସମୟର ଚିତ୍ର ଅତି ମାର୍ମିକ ଭାବେ ପ୍ରତିଫଳିତ ହୋଇଛି । ଗଳ୍ପ ବିଭାଗରେ ପଞ୍ଚାନନ କାନୁନ୍‌ଗୋଙ୍କ 'ଭଉଁରୀ', ସେକ୍ ମତଲୁବ ଅଲିଙ୍କ 'ଅନନ୍ତ ଅଭିସାର', ମାନସୀ ଦାସଙ୍କ 'ପୁତ୍ର କଳତ୍ର ଧନ ପାଇ', ସୁସ୍ମିତା ରଥଙ୍କ 'ଜୁଆର' ଆଦି ଗଳ୍ପ ହୃଦୟସ୍ପର୍ଶୀ ହୋଇଛି । 'ଆଗାମୀ ଶତାବ୍ଦୀ' ଏହି ସଂଖ୍ୟାର ପ୍ରତିଟି ଲେଖା ବେଶ୍ ଭାବଗର୍ଭକ ଓ ଆକର୍ଷଣୀୟ ହୋଇଛି । ■

### ସୁଗନ୍ଧ

ସଂପାଦକ : ଦୀପ୍ତି ଖଣ୍ଡୁଆଳ



ସିହା, ଏରସମା
ଜଗତସିଂହପୁର-୭୫୪୧୩୯
ମୂଲ୍ୟ:୧୦୦ ଟଙ୍କା

ଦୀପ୍ତି ଖଣ୍ଡୁଆଳଙ୍କ ସଂପାଦନାରେ ପ୍ରକାଶିତ 'ସୃଜନର ସୁଗନ୍ଧ'ର ଦ୍ୱିତୀୟ ବର୍ଷ ପ୍ରଥମ ସଂଖ୍ୟା ପାର୍ବଣ – ୨୦୨୫ ପ୍ରକାଶ ପାଇଛି । ଏହି ସଂଖ୍ୟାରେ 'ସ୍ମରଣୀୟ ଗଳ୍ପ'ରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର', ଅନ୍ନପୂର୍ଣ୍ଣା ମହାରଣାଙ୍କ 'ଦସ୍ୟୁ ହୃଦୟର ଦେବତା' ଦୁଇଟି ହୃଦୟସ୍ପର୍ଶୀ ଗପ ପ୍ରକାଶିତ ହୋଇଛି । 'କବିତା ବିଭାଗ'ରେ ସୀତାକାନ୍ତ ମହାପାତ୍ର, ବନଜ ଦେବୀ, ପ୍ରବାସିନୀ ମହାକୁଡ଼, ପୀତାମ୍ବର ତରାଇ, ସ୍ୱପ୍ନା ମିଶ୍ର, ପିନାକୀ ମିଶ୍ର ପ୍ରମୁଖଙ୍କ କବିତାଗୁଡ଼ିକର ଆତ୍ମିକ ଓ ଆଙ୍ଗିକ ଉଭୟ ବିଭବ ମନଛୁଆଁ ହୋଇଛି । ସେହିପରି ଆର୍ଯ୍ୟ ଯଜ୍ଞଦତ୍ତ, ସତ୍ୟ ମିଶ୍ର, ଗୌରହରି ଦାସ, ଅରବିନ୍ଦ ରାୟ, ଅଜୟ ସ୍ୱାଇଁ, କୃପାସାଗର ସାହୁ ପ୍ରମୁଖଙ୍କ ଗପଗୁଡ଼ିକରେ ସାଂପ୍ରତିକ ସମୟର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । ପ୍ରବନ୍ଧ ବିଭାଗରେ ଡକ୍ଟର ସର୍ବେଶ୍ୱର ସେଣଙ୍କ 'ଚିହ୍ନା ମାଟି: ଅଚିହ୍ନା ମଣିଷ', ଦାଶରଥି ଜେନାଙ୍କ 'ବ୍ରହ୍ମ ଓ ବିଶର ମହାନ୍ତି', ଡ. ସାରଦା ପ୍ରସାଦ କରଙ୍କ 'ଜୀବନ ଜିଇଁବାର ବିକଳ୍ପ କଳା ହସଟିଏ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ମନନଶୀଳ ହୋଇଛି । ସେଭଳି କାଶୀନାଥ ନନ୍ଦୀ ଓ ଗାୟତ୍ରୀ ଦାସଙ୍କ ମିନି ଗପ ଦୁଇଟି ମାର୍ମିକ ହୋଇଛି । ବଙ୍ଗାଳୀ ନନ୍ଦଙ୍କ ଦ୍ୱାରା ଅନୂଦିତ ହଦାତ୍ ହସନ୍ ମଣ୍ଟୋଙ୍କ 'ମିଷ୍ଟର୍ ଆଣ୍ଡ ମିସେସ୍'କୁ ଅନୁବାଦ ଗଳ୍ପ ଆକର୍ଷଣୀୟ ହୋଇଛି । 'ସୁଗନ୍ଧ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବାଣ ବିସ୍ଫୋରଣରେ ଆହତ ଦୁଇ ଯୁବକଙ୍କ ମୃତ୍ୟୁ

ତିଗିରିଆ, ୧୮ ।୧୦ (ସମିସ): ତିଗିରିଆ ବାଣ ବିସ୍ଫୋରଣ ଘଟଣାରେ ଆହତ ଦୁଇ ଯୁବକଙ୍କ ଆଜି ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ତିଗିରିଆ ଥାନା ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମର ତେଲିସାହିର ଜୈନିକ ବ୍ୟକ୍ତି ଙ୍କ ଘରେ ଗତ ୧୪ ତାରିଖ ଦିନ ସକାଳେ ବେଆଇନ ଭାବେ ବାଣ ତିଆରି କରୁଥିବା ସମୟରେ ପୂର୍ବ ପ୍ରସ୍ତୁତ ବାରୁଦ ଗଦା ରେ ନିଆଁ ଲାଗି ଗ୍ରାମର

### ■ ଦୁର୍ଘଟଣା ପରେ ବି ପ୍ରଶାସନ ନିରବ
### ■ ପୁଲିସ ଉପସ୍ଥିତିରେ ଚାଲିଛି ବାଣ ବ୍ୟବସାୟ

ଦୁଇ ଯୁବକ ପାପୁନ ବେହେରା ଓ ବିପ୍ଳବ ସାହୁ ଆହତ ହୋଇଥିଲେ। ପାପୁନଙ୍କ ଶରୀରର ୯୫ ଭାଗରୁ ଅଧିକ ଅଂଶ ପୋଡି ଯାଇଥିବା ବେଳେ ବିପ୍ଳବଙ୍କ ଶରୀରର ମଧ ଅର୍ଦ୍ଧାଧିକ ଅଂଶ ପୋଡି ଯାଇଥିଲା। ଉଭୟ ଆହତଙ୍କୁ ସଙ୍ଗେ ସଙ୍ଗେ ତିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲ କୁ ଚିକିତ୍ସା ପାଇଁ ପଠାଯାଇଥିଲା । ପରେ ସେଠାରୁ ଉଭୟଙ୍କୁ କଟକର ଏକ ଘରୋଇ ମେଡ଼ିକାଲ ରେ ଚିକିତ୍ସା କରାଯାଉଥିଲା । ଚିକିତ୍ସାଧୀନ ଅବସ୍ଥାରେ ଆଜି ଆହତ ଦୁଇ ଯୁବକଙ୍କର ମୃତ୍ୟୁ ହୋଇଛି ।

ମୃତ୍ୟୁ ବରଣ କରିଥିବା ପାପୁନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ପାପୁନ ଘରର ରୋଜଗାରିଆ ପୁଅ ଥିଲେ। ବିବାହ ପାଇଁ ତାଙ୍କର ନିର୍ବନ୍ଧ ସରିଥିବା ବେଳେ ଆଉ କିଛିଦିନ ପରେ ବିବାହ ହୋଇଥାନ୍ତା। ତାଙ୍କର ମୃତ୍ୟୁରେ ପରିବାର ଦୁଃଖରେ ଭାଙ୍ଗିପଡିଛି। ଆଜି ସକାଳେ ମୃତ୍ୟୁ ବରଣ କରିଥିବା ପାପୁନଙ୍କ ଶବ ବ୍ୟବଚ୍ଛେଦ ପରେ ଅପରାହ୍ନ ରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନ ରେ ଶେଷ କୃତ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ବିପ୍ଳବଙ୍କ ଶବ ଗ୍ରାମରେ ପହଞ୍ଚି ନଥିବା ଜଣାପଡିଛି। ଉଭୟ ଯୁବକଙ୍କ ମୃତ୍ୟୁ ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାଣ ବିସ୍ଫୋରଣ କାରଣରୁ ଦୁଇଟି ମୂଲ୍ୟବାନ ଜୀବନ ଚାଲିଗଲାପରେ ମଧ ସ୍ଥାନୀୟ ପ୍ରଶାସନ କିମ୍ବା ପୁଲିସ ଉପରେ ଏହାର କୌଣସି ପ୍ରଭାବ ପଡିବା ଦେଖିବାକୁ ମିଳିନାହିଁ। ଘଟଣା ଘଟିବା ଦିନ ସ୍ଥାନୀୟ ପୁଲିସ ପ୍ରଶାସନ ଲୋକ ଦେଖାଣିଆ ପୁରୁଣା ତିଗିରିଆ ଗ୍ରାମରେ ଚଢ଼ାଉ କରି କିଛି ବାଣ ଜବତ କରିବା ସହିତ ୭ ଜଣଙ୍କୁ ଗିରଫ କରିଥିଲା । ତେବେ ବର୍ତ୍ତମାନ ଗ୍ରାମରେ ବେଧଡକ ବାଣ ବ୍ୟବସାୟ ହେଉଥିବା ଦେଖିବାକୁ ମିଳିଛି। ପୁଲିସର ଉପସ୍ଥିତି ରେ ଲୋକ କାର, ବାଇକ ସାହାଯ୍ୟରେ ଗ୍ରାମକୁ ଆସି ହଜାର ହଜାର ଟଙ୍କାର ବାଣ କିଣି ନେଉଥିବା ଦେଖିବାକୁ ମିଳିଛି। ସଂପୃକ୍ତ ଘଟଣା




ମୃତ ଦୁଇ ଯୁବକ ଓ ତାଙ୍କ ପରିବାର ଲୋକେ ଙ୍କୁ ଉପହାସ ସଦୃଶ ହୋଇଛି। ପୁଲିସ ବାଣ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ବଟି ନେଇ ଖୋଲାଖୋଲି ବେଆଇନ ବାଣ ବ୍ୟବସାୟକୁ ପ୍ରଶୟ ଦେଉଥିବାର ସାଧାରଣ ରେ ଅଭିଯୋଗ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ଲାଞ୍ଚ ଖୋର ପୋଲିସ ଅଧିକାରୀ ଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ବେଆଇନ ବାଣ ବ୍ୟବସାୟ କୁ ଏହି ଥାନା ଅଧିନ ମାନପୁର ଗ୍ରାମ ପରି ସମ୍ପୂର୍ଣ ବନ୍ଦ କରିବା ପାଇଁ ପଦକ୍ଷେପ ଗ୍ରହଣ ପାଇଁ ସାଧାରଣ ରେ ଦାବି ହୋଇଛି ।

### ■ ଚିକିତ୍ସା ସାରି ଡାକ୍ତରଖାନାରୁ ଫେରୁଥିଲେ

## ଦୁର୍ଘଟଣାରେ ୨ ମୃତ, ୬ ଗୁରୁତର

ବଲାଙ୍ଗିର, ୧୮ ।୧୦ (ସମିସ): ଚିକିତ୍ସା ପାଇଁ ସୁଦୂର ବୁର୍ଲା ଭିମସାର୍ ଡାକ୍ତରଖାନାକୁ ଏକ ବୋଲେରୋରେ ଯାଇଥିଲେ। ଡାକ୍ତର ଦେଖାଇବା ସହ ଔଷଧପତ୍ର କିଣି ଘରକୁ ଫେରୁଥିଲେ। ହେଲେ ବାଟ ଅଧରୁ ଟେକିନେଲା କାଳଯମ। ବଲାଙ୍ଗିର-ବରଗଡ଼ ୨୬ନଂ ଜାତୀୟ ରାଜପଥରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ଗୋବିନ୍ଦପୁରର କବିରାଜ ଜଗତ (୫୦) ଏବଂ କଳାହାଣ୍ଡି ଜିଲ୍ଲା ତୁମୁରାର ମନିଜର ସେଠିଆ (୪୫)। ସେହିଭଳି, ଏହି





ଦୁର୍ଘଟଣାରେ ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ, ନୂଆପଡ଼ା ଜିଲ୍ଲା ଗୋବିନ୍ଦପାଲି ଗାଁର ମୋତିରାମ ତାଣ୍ଡି (୪୫), ମକରନ୍ଦ ତାଣ୍ଡି (୫୦), ଲମ୍ବୋଦର ଜଗତ (୬୫), ଚତୁର ତାଣ୍ଡି (୪୪) ଚାଳକ ଡିଙ୍ଗର ଜାଲ ଓ ମୃତ ମନିଜରଙ୍କ ସ୍ତ୍ରୀ ବିଳାସ ସେଠିଆ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସମସ୍ତେ ଏକ ବୋଲେରୋରେ ଗୁରୁବାର ବୁର୍ଲା ଡାକ୍ତରଖାନା ଯାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ନେଇ ଶୁକ୍ରବାର ରାତିରେ ଘରକୁ ଫେରୁଥିଲେ। ରାତିରେ ଫେରିବା ବେଳେ ୨୬ନଂ ଜାତୀୟ ରାଜପଥର ଜାମସରଠାରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ କବିରାଜଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମନିଜର ପ୍ରାଣ ହରାଇଥିଲେ। ଅନ୍ୟ ଗୁରୁତରମାନଙ୍କୁ ପୁଇଁନ୍ତଲା ପୁଲିସ ପହଞ୍ଚି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତେବେ କିଭଳି ଏହି ଦୁର୍ଘଟଣା ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ। ରାସ୍ତାରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ ବୋଲେରୋ ଧକ୍କା ଦେଇଥିବା କୁହାଯାଉଛି। କିନ୍ତୁ ପୁଲିସ ଏ ସଂପର୍କରେ କିଛି ସ୍ପଷ୍ଟ କରିନାହିଁ।

### ■ ଅନୁକମ୍ପା ନିଯୁକ୍ତି ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଆବେଦନ ସମୟସୀମାରୁ ଦସ୍ତାବିଜ୍ ଦାଖଲ ସମୟ ଅବଧି ବାଦ୍ ଦେବାକୁ ନିର୍ଦ୍ଦେଶ

କଟକ, ୧୮ ।୧୦ (ସମିସ): ଅନୁକମ୍ପାମୂଳକ ନିଯୁକ୍ତି ମାମଲାରେ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ମୃତ୍ୟୁ ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଇତ୍ୟାଦି ଦସ୍ତାବିଜ୍ ଦାଖଲ ପାଇଁ ଉତ୍ତରାଧିକାରୀ ନେଇଥିବା ସମୟକୁ ଅନୁକମ୍ପାମୂଳକ ଚାକିରି ପାଇଁ ଆବେଦନ କରିବାର ସମୟସୀମାରୁ ବାଦ୍ ଦେବାକୁ ହାଇକୋର୍ଟ କହିଛନ୍ତି। ଏଥିସହ, ଦସ୍ତାବିଜ୍ ଦାଖଲରେ ବିଳମ୍ବ ଆଧାରରେ ଆବେଦନକାରୀଙ୍କ ଆବେଦନକୁ ଖାରଜ କରାଯିବା ନେଇ ଜାରି ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ରଶ୍ମିତା ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏହି ରାୟ ଦେଇଛନ୍ତି। ଉକ୍ତ ଆବେଦନକୁ ୩ ମାସ ମଧ୍ୟରେ ବିଚାର କରାନଗଲେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ନିଜ ପକେଟରୁ ଦୈନିକ ୫୦୦ଟଙ୍କା ଲେଖାଁଏ ଆବେଦନକାରୀଙ୍କୁ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ଆବେଦନକାରୀଙ୍କ ପିତା ଭଞ୍ଜନଗରର ଏକ କଲେଜରେ ପିଅନ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୧୦ ମସିହାରେ ମୃତ୍ୟୁ ହୋଇଥିଲା। ପରେ ଆବେଦନକାରୀ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିଲେ। ହେଲେ ବିଭିନ୍ନ ପ୍ରମାଣପତ୍ର ହାସଲ ବିଳମ୍ବ ହେତୁ ସେ ଧାର୍ଯ୍ୟ ସମୟରେ ଏଗୁଡ଼ିକ ଦାଖଲ କରିପାରିନଥିଲେ। ଫଳରେ ତାଙ୍କର ଆବେଦନକୁ କର୍ତ୍ତୃପକ୍ଷ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ନ୍ୟାୟିକ ମାମଲାରେ ଯେଉଁଭଳି ଲିମିଟେସନ୍ ଆକ୍ଟ ୧୯୬୩ରେ ସୀମା ଅବଧି ଗଣନା କରିବା ସମୟରେ ରାୟ, ଆଦେଶ ଏବଂ ଡିକ୍ରିର କପି ପାଇବା ପାଇଁ ଲାଗିଥିବା ସମୟକୁ ବାଦ୍ ଦେବା ପାଇଁ ବ୍ୟବସ୍ଥା ରହିଛି, ସେହିଭଳି ବ୍ୟବସ୍ଥା ଅନୁକମ୍ପା ନିଯୁକ୍ତି ପାଇଁ ପ୍ରଯୁଜ୍ୟ ନଥିଲେ ବି ଏଥିରୁ ସମାନ ଜ୍ଞାନ ଆହରଣ କରାଯାଇପାରିବ ବୋଲି ହାଇକୋର୍ଟ କହିଛନ୍ତି।

### ■ ଜୁଡିସିଆଲ ଏକାଡେମୀରେ ଦିନିକିଆ କର୍ମଶାଳା

## ମାନବଚାଲାଣ ଓ ଗୋତି ଶ୍ରମିକ ସମସ୍ୟା ଦୂର ପାଇଁ ସୋସିଆଲ ଅଡିଟ୍ ହେଉ: ମୁଖ୍ୟ ବିଚାରପତି

କଟକ,୧୮ ।୧୦(ସମିସ): ସମ୍ପ୍ରତି ମାନବ ଚାଲାଣ ଓ ଗୋତି ବା ବନ୍ଧକ ଶ୍ରମିକ ସମସ୍ୟା ଚିନ୍ତାର ବିଷୟ ହୋଇଛି। ଏହାର ଦୂରୀକରଣ ପାଇଁ ସୋସିଆଲ ଅଡିଟ୍‌ର ଆବଶ୍ୟକତା ରହିଛି। ବିଶେଷକରି ଏହା ସରକାରଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ନୀତି ପ୍ରଣୟନ ସହ ନିର୍ଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କରିବା ଉଚିତ। ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଦିନିକିଆ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଇକୋର୍ଟର ମୁଖ୍ୟ ବିଚାରପତି

ଜଷ୍ଟିସ ହରୀଶ ଟଣ୍ଡନ ଆଜି ଏହା କହିଛନ୍ତି। କାମ ପାଇଁ ଦେଶାନ୍ତର ହେଉଥିବା ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଚିହ୍ନଟ ସହ ସେମାନଙ୍କୁ ସଚେତନ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଜଷ୍ଟିସ ଟଣ୍ଡନ ଆହ୍ୱାନ ଦେଇଛନ୍ତି।

ସେ କହିଥିଲେ ଯେ ପ୍ରବାସନର ଜାତୀୟ ହାର ୨୧.୬ ପ୍ରତିଶତ ଥିବା ବେଳେ ସେଥିରୁ ଓଡ଼ିଶାର ଅବଦାନ ୭୮ ପ୍ରତିଶତ। ଏଣୁ ପ୍ରବାସନ ଏକ ଚିନ୍ତାଜନକ ବିଷୟ ହୋଇଥିବାରୁ ବାହାରକୁ ପ୍ରବାସନରେ ଯାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ଅଡିଟ କରାଯିବା ଦରକାର। ମାନବଚାଲାଣ ଓ ବନ୍ଧକ ଶ୍ରମିକ ପଛରେ ଗରିବୀ, ସାମାଜିକ ବାଧ୍ୟବାଧକତା ଓ ଉନ୍ନତ ଜୀବନଯାପନ ଓ ଅଧିକ ଅର୍ଥ ଉପାର୍ଜନ କରିବାର ଆଶା ପ୍ରମୁଖ କାରଣ ବୋଲି ସେ କହିଥିଲେ।

କର୍ମଶାଳାରେ ସ୍ୱାଗତ ଭାଷଣ ପ୍ରଦାନ କରି ଜଷ୍ଟିସ୍ କେ.ଆର.ମହାପାତ୍ର ମାନବଚାଲାଣ ରୋକିବା ପାଇଁ ସମ୍ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଇଣ୍ଟରନ୍ୟାସନାଲ ଜଷ୍ଟିସ୍ ମିଶନର ଜାତୀୟ ଉପ-ସଭାପତି ଡାନିଏଲ ଅଜୟ ଭର୍ଗିସ ନିଜର ବକ୍ତବ୍ୟ ମାଧ୍ୟମରେ ରାଜ୍ୟର ମାନବ ଚାଲାଣ ନେଇ ଏନ୍‌ସିଆର୍‌ବିର ତଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ସଭା ପରେ ବୈଷୟିକ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ସଂଜୀବ କୁମାର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ ମାନବାଧିକାର କମିସନ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଜାହାରୀ ପ୍ରମୁଖ ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ଜଗନ୍ନାଥ କୋଇଲା ଖଣିରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି

ତାଳଚେର,୧୮ ।୧୦(ସମିସ): ତାଳଚେର ଜଗନ୍ନାଥ କୋଇଲା ଖଣିରେ ବେଆଇନ କୋଇଲା ଗଚ୍ଛିତ ସହ କୋଇଲାକୁ ମାଟି ଓ ପଥର ଦର୍ଶାଇ ଲୁଟ୍ ହୋଇଛି। ହଜାର ହଜାର କୋଟି ଟଙ୍କାର କୋଇଲାକୁ ନିମ୍ନମାନର ଦର୍ଶାଇ ହଡ଼ପ କରାଯାଉଛି। ଷ୍ଟକ୍‌ରେ ମୁଣ୍ଡା କୋଇଲାକୁ ଗୁଣ୍ଡ କରି ଚାଲାଣ କରାଯାଉଛି।



ଭଲ କୋଇଲାକୁ ପଥର କୋଇଲା ଦର୍ଶାଇ ତା' ଉପରେ ମାଟି ଘୋଡ଼ାଇ ହଡ଼ପ ହେଉଛି। ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ। ତାଳଚେର ବଳଣ୍ଡାସ୍ଥିତ ବ୍ଲାକ୍ ଡାଇମଣ୍ଡ କ୍ଲବ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏପରି ଅଭିଯୋଗ କରିବା ସହ ଏଥିରେ ଖଣି କର୍ତ୍ତୃପକ୍ଷ ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା କହିଛନ୍ତି।

ଜଗନ୍ନାଥ କୋଇଲା ଖଣିର ୪ନମ୍ବର ଷ୍ଟକ୍‌ୟାର୍ଡରେ ଗୁରୁବାର ସନ୍ଧ୍ୟାରେ ଏସ୍‌ଏସ୍ ବିଏଲ୍‌ଏ ନାମକ ଠିକାସଂସ୍ଥା କୌଣସି ଅନୁମତି ନ ଥାଇ କୋଇଲା ଡମ୍ପ କରୁଥିଲା। ଖବର ପାଇ ବିଧାୟକ ଶ୍ରୀ ପ୍ରଧାନ ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ କରିଥିଲେ। ଜଗନ୍ନାଥ କୋଇଲା ଖଣିର ଷ୍ଟକ୍‌ୟାର୍ଡ ଗୋଟିଏ ସ୍ଥାନରେ ଥିବା ବେଳେ ଖଣି ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖଣି ଭିତରେ ବିଭିନ୍ନ ସ୍ଥାନରେ କୋଇଲା ଗଦା କରାଯାଉଥିବା ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ଜଗନ୍ନାଥ କୋଇଲା ଖଣିରେ ଏଭଳି ଘୋଟାଲାକୁ ନେଇ ସେ ଗୋପାଳପ୍ରସାଦ ଥନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ତାଙ୍କ ଏତଲାକୁ ପଞ୍ଜିକୃତ କରାଯାଇନଥିଲା। ଉକ୍ତ ଘଟଣାକୁ ନେଇ ସେ ତାଳଚେର ଖଣି ଉପନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ। ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ କିଛି କୋଇଲା ଖଣ୍ଡକୁ ପରୀକ୍ଷା କରିବା ପାଇଁ ସାଙ୍ଗରେ ନେଇଥିଲେ। ତେବେ ଦୀର୍ଘ ମାସ ଧରି ଖଣି ଭିତରେ ଏପରି ଅନିୟମିତତା ହେଉଥିବା ବିଧାୟକ ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ଜଗନ୍ନାଥ ଖଣିର ମହାପ୍ରବନ୍ଧକ, ପ୍ରକଳ୍ପ ଅଧିକାରୀ, ଖଣି ପରିଚାଳକ ଓ ଠିକାଦାରଙ୍କ ସହ କିଛି ବଡ଼ ଅଧିକାରୀଙ୍କ ହାତ ଥିବା ସେ ଅଭିଯୋଗ

### ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କଲେ ତାଳଚେର ବିଧାୟକ

କରିଛନ୍ତି। ବର୍ଷବର୍ଷ ଧରି ଏଭଳି ଅନିୟମିତତା ଯୋଗୁଁ ସରକାର ହଜାର ହଜାର କୋଟି ଟଙ୍କା ରାଜସ୍ୱ ହରାଉଥିବା ସେ କହିଛନ୍ତି।

ଏ ସଂପର୍କରେ ତାଳଚେର ଜଗନ୍ନାଥ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଶ୍ରୀକାନ୍ତ କୁମାର ମାଣିକଙ୍କୁ ପଚାରିବାରୁ ସେ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ। ଅନ୍ୟପକ୍ଷରେ ତାଳଚେର ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ କହିଛନ୍ତି, ଜଗନ୍ନାଥ କୋଇଲା ଖଣିରେ ହୋଇଥିବା ଅନିୟମିତତା ନେଇ ତଦନ୍ତ ଆରମ୍ଭ ହୋଇଛି। ମାଟିରେ ପୋତାଯାଇଥିବା କୋଇଲାଗୁଡ଼ିକୁ ପରୀକ୍ଷା ପାଇଁ ଅଣାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପନିର୍ଦ୍ଦେଶକ ସାମଲ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶ ପୁଣି...

ତେଣୁ ସେମାନେ ଏହାକୁ କଦାପି ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ଭାବେ ଜଣାଇଦେଇଛନ୍ତି। ତେଣୁ 'ଜୁଲାଇ ଚାର୍ଟର'ରେ ଦସ୍ତଖତ ପୂର୍ବରୁ ଆନ୍ଦୋଳନକାରୀ ଆଜି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଲୋଗାନମାନ ଦେଇ ସେମାନେ ଲୋକ ସଂସଦ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇଦେଇଥିଲେ। ପୁଲିସ ସେମାନଙ୍କୁ ଅଟକାଇବାରୁ ଆହୁରି ଉଗ୍ର ହୋଇପଡ଼ିଥିଲେ। ପୁଲିସ ସହିତ ମଧ୍ୟ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେମାନଙ୍କୁ ଘଉଡ଼ାଇବା ଲାଗି ପୁଲିସ ଲାଠିମାଡ଼ କରିବା ସହିତ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ପୁଲିସକୁ ସାଉଣ୍ଡ ଗ୍ରେନେଡ ମଧ୍ୟ ବ୍ୟବହାର କରିବାକୁ ପଡ଼ିଥିଲା।। ଏଥିରେ ଉତକ୍ଷିପ୍ତ ହୋଇ ବିକ୍ଷୋଭକାରୀମାନେ ପୁଲିସ୍ ଗାଡ଼ି ଓ କଣ୍ଟ୍ରୋଲ ରୁମ୍‌ରେ ନିଆଁ ଲଗାଇ ଦେଇଥିଲେ। ଏହି ହିଂସା ପରେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଛି।

### ଘାରିଲା ଅକ୍ଟୋବର...

ଗତି କରି ଅକ୍ଟୋବର ୨୩ ତାରିଖ ସକାଳ ସୁଦ୍ଧା ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ହେବାକୁ ଥିବା ଏହି ଅବପାତ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବ। ତାପରେ ଏହା ତାମିଲନାଡୁ, ପୁଡୁଚେରୀ ଏବଂ ନିକଟସ୍ଥ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳ ଆଡକୁ ଆଗେଇବ। ଏହାର ପ୍ରଭାବରେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗରେ ଘଣ୍ଟା ପିଛା ପବନର ଗତି ୩୦ରୁ ୪୦ କିମି ପବନ ବହିପାରେ। ୨୨ରେ ଏହା କ୍ରମଶଃ ବଢ଼ି ଘଣ୍ଟାପିଛା ୪୦ରୁ ୫୦ ଓ ୨୩ରେ ୪୫ରୁ ୫୫କିମି ପବନ ବହିବାର ଆଶା କରାଯାଉଛି। ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ପାଇଁ ସତର୍କତା ଜାରି କରାଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ଦକ୍ଷିଣ ବଙ୍ଗୋପସାଗର, ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଅଛନ୍ତି, ସେମାନେ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଉପକୂଳକୁ ଫେରି ଆସିବାକୁ କୁହାଯାଇଛି। ଏହା ସହିତ ମତ୍ସ୍ୟଜୀବୀମାନେ ୨୧ ତାରିଖ ପାଖରୁ ଦକ୍ଷିଣ ବଙ୍ଗୋପସାଗର ଓ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୧୯ ତାରିଖ ଅର୍ଥାତ୍ ରବିବାର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ୩୦ରୁ ୪୦ କିମି ବେଗର ପବନ ସହ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୦ ଓ ୨୧ ତାରିଖରେ ମଧ୍ୟ କେତେକ ଜିଲ୍ଲାରେ ବର୍ଷା ଆକଳନ କରାଯାଇଛି।

### ଏଥର ଦୁଇଦିନ...

କୋର୍ଟ ବନ୍ଦ ରହିବ। ଅନ୍ୟପକ୍ଷରେ, ନୂଆପଡ଼ାରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହୋଇଥିବାରୁ ଏଠାରେ ସରକାରୀ କାର୍ଯ୍ୟାଳୟ ତଥା କୋର୍ଟ ଖୋଲା ରହିବ। ସେହିପରି ନୂଆପଡ଼ା ଜିଲ୍ଲାକୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ଜିଲ୍ଲାରେ ଉଚ୍ଚଶିକ୍ଷା ଏବଂ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏନେଇ ଉଭୟ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଦିଲ୍ଲୀରେ ଲୁଚିଛି...

କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଅଧିକାର ରତ୍ନବାଳା ଶତପଥୀ କହିଛନ୍ତି ଯେ ଚାକିରି ପାଇଁ ପିଲା ଯୋଗାଡ଼ କରିବା ଏବଂ ବସ୍ ରାଜ୍ୟ ବାହାରକୁ ପଠାଇବାରେ ମୁନା ମହାନ୍ତି ଓ ଶ୍ରୀକାନ୍ତ ମହାରାଣାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ରହିଛି। ଅଭିମନ୍ୟୁ ଦୋରା ତାଙ୍କର ଦଶପଲ୍ଲା ଘରେ ମୁନା ଓ ଶ୍ରୀକାନ୍ତଙ୍କୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଥିଲା। ଗତ ସେପ୍ଟେମ୍ବର ୩୦ରେ ତିନୋଟି ବସ୍ ଯାଉଥିବା ୧୧୪ ପ୍ରାର୍ଥୀଙ୍କୁ ମୁନା ହିଁ ଯୋଗାଡ଼ କରିନେଇଥିବା ଅଭିଯୋଗ ରହିଥିବା ସେ କହିଛନ୍ତି।

### ଟିଟିଲାଗଡ଼ ଷ୍ଟେସନ୍‌ରୁ...

ନେଇ ଯାଉଥିଲେ, ସେନେଇ ପଚରାଉଚରା ପରେ ମଧ୍ୟ ଆରପିଏଫ୍ କିଛି ଉତ୍ତର ପାଇ ନଥିଲା। ଦେଶର ବିଭିନ୍ନ ସ୍ଥାନରେ ନିର୍ବାଚନ ଚାଲିଥିବାରୁ ଏତେ ପରିମାଣର ଟଙ୍କା ଜବତକୁ ନେଇ ନାନା ଆଲୋଚନା ଆରମ୍ଭ ହୋଇଛି।

ନୂଆପଡ଼ା ଉପ-ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଗକୁ ବିହାର ନିର୍ବାଚନ ମଧ୍ୟ ରହିଛି। ବିହାର ନିର୍ବାଚନରେ ଏହି ଟଙ୍କା ଖର୍ଚ୍ଚ କରିବାକୁ ନିଆଯାଉଥିବା ଆଲୋଚନା ହେଉଛି। ଯଦିଓ ଏନେଇ ଆର୍‌ପିଏଫ କିମ୍ବା ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କ ପାଖରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ତଥାପି ଏହି ଆଲୋଚନାକୁ ଅସ୍ୱୀକାର କରାଯାଇନପାରେ। ଅନ୍ୟପକ୍ଷରେ ଗତ ସାଧାରଣ ନିର୍ବାଚନ ସମୟରେ ବଲାଙ୍ଗିର ସମେତ ବିଭିନ୍ନ ସ୍ଥାନରୁ କୋଟି କୋଟି ଟଙ୍କା ଜବତ ହୋଇଥିଲା। ବଲାଙ୍ଗିରରେ ଥିବା ମଦଭାଟିରୁ ବିପୁଳ ଟଙ୍କା ଜବତ ହୋଇଥିଲା। ଛତିଶଗଡ଼ରେ ସରକାର ଗଢ଼ିବା ପାଇଁ ତାହା ଠୁଳ କରାଯାଇଥିବା ସେହି ସମୟରେ ଚର୍ଚ୍ଚା ହୋଇଥିଲା। ଏହାସହ ବଲାଙ୍ଗିର ତଥା ଆଖପାଖ ଜିଲ୍ଲାରେ ଥିବା ପ୍ରାୟ ଦେଶୀ ମଦଭାଟି ସହ ବିହାର ଲିଙ୍କ୍ ରହିଛି। ଏଥିପାଇଁ ବିହାର ନିର୍ବାଚନ ପୂର୍ବରୁ ଏହି ସବୁ କାରବାର ଆରମ୍ଭ ହୋଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ଏହି ଟଙ୍କା କେଉଁଠାକୁ ଯାଉଥିଲା, କାହା ପାଖକୁ ଯାଉଥିଲା, କ'ଣ ପାଇଁ ଯାଉଥିଲା; ଏବେ ଏମିତି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।

### ■ ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଘାଟିତ

## ଏଣିକି ଅନ୍‌ଲାଇନ୍‌ରେ ମିଳିବ ଜମି ଡିମାର୍କେସନ୍ ସେବା

ଭୁବନେଶ୍ୱର,୧୮ ।୧୦(ସମିସ): ଜମି ରେଜିଷ୍ଟ୍ରେସନ ପାଇଁ ସ୍ଲଟ୍ ବୁକିଂଠାରୁ ଆରମ୍ଭ କରି ଡିମାର୍କେସେନ ପର୍ଯ୍ୟନ୍ତ ଆଉ ତହସିଲ ଅଫିସକୁ ଯିବାକୁ ପଡ଼ିବ ନାହିଁ। ଯେଉଁଦିନ ଜମି ଡିମାର୍କେଶନ ହେବ, ସେହିଦିନ ଆବେଦନକାରୀଙ୍କୁ ଉପସ୍ଥିତ ରହିବାକୁ ପଡ଼ିବ। ଏଥିପାଇଁ ପ୍ରଥମେ ରାଜସ୍ୱ ବିଭାଗର ଅନ୍‌ଲାଇନ ୱେବସାଇଟକୁ ଯିବାକୁ ପଡିବ। ସେଥିରେ ମୋବାଇଲ ନମ୍ବର ପଞ୍ଜୀକରଣ

### ■ ରାଜସ୍ୱ ଆଇନରେ ସଂଶୋଧନ ଏବଂ ସଂସ୍କାର ଆଣାଯିବା ଜରୁରୀ: ସୁରେଶ ପୂଜାରୀ
### ■ ସରକାରୀ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ

କରି ଜମି ଡିମାର୍କେସେନ ପାଇଁ ଆବେଦନ କରିବାକୁ ହେବ। ପରେ ଆବଶ୍ୟକ ଜମିଜମା କାଗଜପତ୍ର ସହ ଫି' ଦେବାକୁ ପଡ଼ିବ। ଆବେଦନ ଦାଖଲ କରିବା ପରେ ତହସିଲଦାର ଆବେଦନ ଯାଞ୍ଚ କରିବେ ଏବଂ ଆବେଦନକାରୀଙ୍କ ମୋବାଇଲ ନମ୍ବରକୁ ଏସ୍‌ଏମ୍‌ଏସ୍‌ରେ ତାରିଖ ଆସିଯିବ। ସେହିଦିନ ତହସିଲ ଅଧିକାରୀ ଏବଂ ଅମିନ ଆସି ଜମିର ଡିମାର୍କେସେନ କରିବେ।

ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି) ଠାରେ ଆୟୋଜିତ ଦୁଇ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇ ପଡିଛି। ରାଜସ୍ୱ ସେବା ସଠିକ୍ ଭାବରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଶ୍ରୀ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ଆଧୁନିକ ବୈଷୟିକ ଜ୍ଞାନର ଉପଯୋଗ କରି ରାଜସ୍ୱ ସେବାକୁ ଆହୁରି କ୍ରିୟାଶୀଳ କରାଯାଇପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦାଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟିତ୍ୱ ହୋଇଥିବା ବେଳେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ରାଜସ୍ୱ ପର୍ଷଦର ସଦସ୍ୟ ଦେଓରଞ୍ଜନ କୁମାର ସିଂହ ଆଇନର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ପ୍ରମୁଖ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଆୟୁକ୍ତଙ୍କ ସଚିବ ନିହାର ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


**VEHICLE FOR SALE**

Tata Ace EV , Model - 2023, Registration No-OD-02-CL-6834, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days

**ସତ୍ୟପାଠ**

ସତ୍ୟପାଠ ନଂ ୧୩୫୫/୧୪.୧୦.୨୦୨୫ ମୁଁ ପ୍ରଶାନ୍ତ କୁମାର ମହାନ୍ତି , ପିତା- ବ୍ରଜକିଶୋର ମହାନ୍ତି,ସା - ପୁଣ୍ଡିଲୋ, ପୋ - ଇଚ୍ଛାପଡ଼ା, ଥାନା- କୁଜାନଗରୀ, ଜିଲ୍ଲା - କେନ୍ଦ୍ରାପଡ଼ା ଘୋଷଣା କରୁଛି କି, ଦେବବ୍ରତ ମହାନ୍ତି ଏବଂ ଓମ ମହାନ୍ତି ଜଣେ ଏବଂ ସମାନ ବ୍ୟକ୍ତିଙ୍କ ନାମ ଅଟେ, ଯିଏ କି ମୋର ପୁଅ। ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ମହାନ୍ତି ନାମ ରହିଥିବାବେଳେ ଆଧାରକାର୍ଡରେ ତାହା ଓମ ମହାନ୍ତି ହୋଇଛି। ଆଜିଠାରୁ ସମସ୍ତ ଡକ୍ୟୁମେଣ୍ଟରେ ଦେବବ୍ରତ ନାମ ବ୍ୟବହାର କରିଯିବାକୁ ମୁଁ ଘୋଷଣା କରୁଛି।

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before the Notary Public, Bhubaneswar, dated 10/10/2025. I Prasanna Kumar Sahoo, S/o- Udayanath Sahoo, Aadhaar no- 8807 8625 1753 declare that I have changed my name from Prasanna Kumar Sahoo to Prasanna Sahoo. Henceforth I shall be known as Prasanna Sahoo for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Nabarangpur vide no. 924 dated 16/10/2025, I, Jayakudi Jani D/o- Late Deba Jani, W/o- Late Dambaru Jani, resident of Vill.- New Hirli, Po.- Agnipur, Ps./Dist.- Nabarangpur, Odisha, PIN- 764059 state that, I have changed my name from **DAIKHUDI JANI** to **JAYAKUDI JANI**. Henceforth I shall be known as **JAYAKUDI JANI** for all future purposes.

**AFFIDAVIT**

I, Devaraj Tripathi, S/o- Late Ananda Chandra Tripathi, resident of plot no 1203/A, Nilakanthanagar, Nayapalli, P.s- Nayapalli, PIN-751012, Bhubaneswar, Odisha declare by this affidavit No. 848 dtd- 17/10/2025 that for all purposes I shall be known and signed as Devaraj Tripathi according to my Matric Certificate and Aadhar Card, instead of Devraj Tripathi which reflects in some of my documents.

**AFFIDAVIT**

I, MONALISHA ROUT, Wife of Tarun Kumar Rout, R/o Subhadra, Apartment, Po: KIIT P.S.Infocity, Bhubaneswar, PIN:- 751024, Dist: Khordha, Odisha, declare by this affidavit No.70AA409213, Dtd:11.07.2025, that now onwards I shall be known as Monalisha Nayak for all future purposes.
MONALISHA NAYAK

**AFFIDAVIT**

By virtue of an affidavit CF No.9 sworn before Executive Magistrate, Bhubaneswar on Dtd.16.10.2025 I, Sudha Jerendina Lakra, W/o- Hemant Kujur, R/o Plot No.333, Jayadev Vihar, Nayapalli, Bhubaneswar, Dist.- Khordha- 751013 declare that I have changed the name of my daughter from rhia Elisha Kujur to Rhea Elisha Kujur. Henceforth, she will be known as **Rhea Elisha Kujur** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETELCONBBST-377E, ତା.11.10.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଭୁବନେଶ୍ୱର, ସମ୍ବଲପୁର ଓ ଅନୁକୂଳ ୟୁନିଟ୍ ଠାରେ ଏବଂ ଶାସନ-ସବଲା (3ୟ ଓ ୪ର୍ଥ ଲାଇନ), ଭଦ୍ରପଡ଼ା-ବୃଢ଼ାପଙ୍କ (3ୟ ଓ ୪ର୍ଥ ଲାଇନ), ଶାଳଗାଁ-ବୃଢ଼ାପଙ୍କ (3ୟ ଓ ୪ର୍ଥ ଲାଇନ)ର ଅବଶିଷ୍ଟ ଷ୍ଟେସନ / ସ୍ଥାନ ସମ୍ବନ୍ଧୀୟ ସେବା ଭବନ, ସଙ୍କେତ ଏବଂ ଦୂରସଂଚାର ଗୁମଟିଗୁଡ଼ିକରେ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ (Precision) AC ଏବଂ 2TR ସ୍ପ୍ଲିଟ୍ ACର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଓ ପ୍ରଚଳନ ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 119.23 ଲକ୍ଷ, **EMD :** ₹ 2,09,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ :** ତା.11.11.2025ରିଖ 1500 ଘଡିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଅଣାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିକ୍ରେତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିକ୍ରେତାମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚଶ୍ରେଣୀ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-137/CI/25-26

**AFFIDAVIT**

By virtue of an Affidavit (SL No. 01, date- 18.10.2025) Sworn Before the Executive Magistrate, Padampur. I, **Pooja Budek** (new name), D/o Banamali Budek, permanent & current resident of At- Bubuda, Po- Dahigaon, Ps- Buden, Dist- Bargarh, PIN- 768036, Odisha declare that I have changed my name from **Kumari Pooja Budek** (old name) to **Pooja Budek** (new name). Henceforth, I shall be known as **Pooja Budek** (new name) for all purposes.
**Pooja Budek**

**AFFIDAVIT**

By virtue of an Affidavit (SL No. 04, date- 16.10.2025) Sworn Before the Executive Magistrate, Padampur. I, **Shibashrita Panda** (new name), S/o- Kallola Kumar Panda, permanent & current resident of AT- Padampur (Kapsila), Po- Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Sibashrita Panda** (old name) to **Shibashrita Panda** (new name). Henceforth, I shall be known as **Shibashrita Panda** (new name) for all purposes.
**Shibashrita Panda**

■ ଯୁବକ ଠକେଇର ଶିକାର ଘଟଣା

# ପଦକ୍ଷେପ ନେବାକୁ ଏସ୍‌ପିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

'ସକାଳ' ପ୍ରଭାବ

ବଲାଙ୍ଗିର,୧୮ ।୧୦(ସମିସ): ବଲାଙ୍ଗିର ଜିଲ୍ଲାରେ ଜଣେ ଗ୍ୟାରେଜ ମିସ୍ତ୍ରୀଙ୍କ ନାମରେ ଜଣେ ଯୁବକ ନିଜକୁ ଫାଇନାନ୍ସ କମ୍ପାନୀ କର୍ମଚାରୀ ପରିଚୟ ଦେଇ ଋଣ କରି ଟଙ୍କା ହଡପ କରିଛି। ଠକେଇର ଶିକାର ଯୁବକ ଜଣକ ଗୋଟିଏ ଥାନାରୁ ଆଉ ଗୋଟିଏ ଥାନାକୁ ଅଭିଯୋଗ କରିବାକୁ ଧାଉଁଛନ୍ତି। ପୁଲିସ କିନ୍ତୁ ଅଭିଯୋଗ ରଖୁନି। ଏ ବାବଦରେ ଗୁରୁବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ବରଗଡ଼ର ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ, ଗୃହମନ୍ତ୍ରୀ, ଓଡ଼ିଶା ପୁଲିସ, ବଲାଙ୍ଗିର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ 'ଏକ୍ସ' ହାଣ୍ଡେଲରେ ଅବଗତ କରି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହାକୁ ଆଧାର କରି ଆଇନ ଅନୁସାରେ ପଦକ୍ଷେପ ନେବା ପାଇଁ ଗୃହ ବିଭାଗ ବଲାଙ୍ଗିର ଏସପିଙ୍କୁ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଯୁବକଙ୍କ କହିବା ଅନୁସାରେ ଗୁରୁବାର ସେ ଟାଉନ ଥାନାକୁ ନିଜ ଅଭିଯୋଗର ସ୍ଥିତି ବିଷୟରେ ବୁଝିବାକୁ ଯାଇଥିଲେ। ଅଭିଯୁକ୍ତ ଯୁବକ ସହ ପୁଲିସ ଫୋନରେ କଥା ହୋଇଥିବା ଜଣେ ଅଧିକାରୀ ତାଙ୍କୁ କହିଥିଲେ। ସୋମବାର ସୁଦ୍ଧା ସେ ଟଙ୍କା ଫେରାଇବ ବୋଲି କହିଥିବାରୁ କିଛି ଦିନ ଅପେକ୍ଷା କରିବାକୁ ଅଭିଯୋଗକାରୀ ସୀତାକାନ୍ତ ଠେଲାଙ୍କୁ ପୁଲିସ ଅଧିକାରୀ ଜଣକ କହିଛନ୍ତି। ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବୁରୋଭାଡି ଗାଁର ସୀତାକାନ୍ତ ଏକ ଗ୍ୟାରେଜ ମିସ୍ତ୍ରୀ ଭାବେ କାମ କରନ୍ତି। ନକଟସ୍ଥ ଗାଁର ଅଞ୍ଜନ ନାଗ ନାମକ ଜଣେ ଯୁବକ ନିଜକୁ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇ ସୀତାକାନ୍ତଙ୍କ ନାମରେ ଏକ ଋଣ କରିବାକୁ କହିଥିଲେ। ଏଥିପାଇଁ ସେ ସମସ୍ତ ପ୍ରକାର ଦସ୍ତାବିଜ ପ୍ରସ୍ତୁତ କରି ଋଣ ପାଇଁ ଆବେଦନ କରିଥିଲେ। ଗତ ଅଗଷ୍ଟ ୨ ତାରିଖରେ ଟଙ୍କା ଜମା ହେବା ପରେ ୩ ତାରିଖରେ ୟୁପିଆଇ ମାଧ୍ୟମରେ ସଂପୃକ୍ତ ଯୁବକ ଜଣକ ଟଙ୍କା ଟ୍ରାନ୍ସଫର କରି ନେଇଥିବା ସୀତାକାନ୍ତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଋଣ ଦେଇଥିବା କମ୍ପାନୀ କର୍ମଚାରୀ ତାଙ୍କୁ ଏନେଇ କହିବା ପରେ ଅଞ୍ଜନ ସମ୍ପୃକ୍ତ କମ୍ପାନୀରେ କାମ କରୁ ନ ଥିବା ଜଣାପଡିଥିଲା। ଏହାପରେ ସୀତାକାନ୍ତ ପୁଇଁନ୍ତଲା ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ। କିନ୍ତୁ ସେଠାରେ ତାଙ୍କୁ ଟାଉନ ଥାନାରେ ଅଭିଯୋଗ କରିବାକୁ କୁହାଯାଇଥିଲା। ଏଣୁ ସେ ବୁଧବାର ଟାଉନ ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ; ହେଲେ ତାହା ପୁଇଁନ୍ତଲା ଥାନାର ମାମଲା ହେତୁ ସେଠାରେ ଅଭିଯୋଗ କରିବାକୁ ଟାଉନ ଥାନାର ଜଣେ ମହିଳା ଅଧିକାରୀ କହିଥିଲେ। ଏପରିକି ଥାନା ଅଧିକାରୀ ଆସିବା ପରେ ଥାନାକୁ ଆସିବାକୁ ମଧ୍ୟ ସେ କହିଥିଲେ। ଏହାକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଯୁବକ ଜଣକ ନିରାଶ ହୋଇ କ୍ଷୋଭ ପ୍ରକାଶ କରିଥିଲେ।

# ବଡ଼ ବ୍ୟବସାୟୀଙ୍କୁ ସବୁ ଛାଡ଼

- ମାଧିଆପାଲିରେ ରାଜପଥ ଉପରେ ସୋରୁମ୍ ମାଲିକଙ୍କ କବଜା
- ସବୁ ଦେଖି ସବୁ ଜାଣି ମଧ ତଳୁ ଉପର ପର୍ଯ୍ୟନ୍ତ ପୁଲିସ ଚୁପ୍
- ୨୬ ନଂ ଜାତୀୟ ରାଜପଥ ମାଧିଆପାଲିରେ ଟ୍ରାଫିକ ଜାମ୍ ସମସ୍ୟା
- ଗାଡି ସୋରୁମ ଆଗରେ ଭିଡ, ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଯାତ୍ରୀ

ବଲାଙ୍ଗିର,୧୮ ।୧୦(ସମିସ): ବଲାଙ୍ଗିର ସହର ଭିତରେ ହେଉ କି ବାହାରେ ଯୁଆଡେ ଦେଖିଲେ ଟ୍ରାଫିକ ଜାମ୍ ସମସ୍ୟା। ଏଥିପାଇଁ କିଏ ପୁଲିସକୁ ଦାୟୀ କରୁଛି ତ ଆଉ କିଏ ପ୍ରଶାସନକୁ ଦାୟୀ କରୁଛି; କିନ୍ତୁ ଏମିତିରେ ବଲାଙ୍ଗିର ସହର ବାହାରେ ନିର୍ଦ୍ଦିଷ୍ଟ କିଛି ସ୍ଥାନରେ ଟ୍ରାଫିକର ଜଟିଳ ସମସ୍ୟା ଦେଖାଦେଉଥିବା ତାହାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଟ୍ରାଫିକ ଜାମ୍ ସମସ୍ୟାର ସମାଧାନ ପାଇଁ ଉଭୟ ପୁଲିସ ଓ ପ୍ରଶାସନ ଛୋଟ ଛୋଟ ବ୍ୟବସାୟୀଙ୍କୁ ଟାର୍ଗେଟ କରୁଥିବା ବେଳେ ଅସଲରେ କିନ୍ତୁ ବଡ ବ୍ୟବସାୟୀଙ୍କ ପ୍ରତି ଜାଣିଶୁଣି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର-ବରଗଡ ୨୬ ନଂ ଜାତୀୟ ରାଜପଥ ମାଧିଆପାଲି ନିକଟରେ ଗତ କିଛି ବର୍ଷ ହେଲା ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଅନେକ ସମୟରେ ଏହି ଅଞ୍ଚଳରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ମଧ୍ୟ ହେଉଛି। ଏହି ଅଞ୍ଚଳରେ ଥିବା ବଡ ବଡ କାର ସୋରୁମ୍‌ଗୁଡିକ ବେଆଇନ ଭାବେ ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବେଳେ ସେମାନଙ୍କ ପ୍ରତି ନା ପୁଲିସର ନାଲିଆଖି ରହିଛି ନା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ରହିଛି। ଏହାଫଳରେ ଏହି ବଡ ବଡ ବ୍ୟବସାୟୀଙ୍କ ଏହିଭଳି ମନୋଭାବ ଯୋଗୁ ବଲାଙ୍ଗିର ସହ ଉପକଣ୍ଠ ମାଧିଆପାଲି ଅଞ୍ଚଳ ଏବେ ଦୁର୍ଘଟଣାର ବ୍ଲାକସ୍ପଟ୍ ସାଜିଛି।

ବଲାଙ୍ଗିର ସହରକୁ ଲାଗି ରହିଛି ମାଧିଆପାଲି।


ନା ପୁଲିସର ନାଲିଆଖି, ନା ପ୍ରଶାସନର ହସ୍ତକ୍ଷେପ

ବଲାଙ୍ଗିର ସହରଠାରୁ ଅଧିକ ଜଟିଳ ଟ୍ରାଫିକ ସମସ୍ୟା ଏବେ ଏହି ଅଞ୍ଚଳରେ ହିଁ ଦେଖିବାକୁ ମିଳିଛି। ବ୍ୟସ୍ତବହୁଳ ସହର ବାହାରେ ଏବେ ମାଧିଆପାଲି ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନର ହବ୍ ପାଲଟିଛି; କିନ୍ତୁ ଏହି ଅଞ୍ଚଳରେ ଦେଖା ଦେଉଥିବା ଟ୍ରାଫିକ ସମସ୍ୟା ପ୍ରତି କାହାରି ନଜର ନାହିଁ। ପୂର୍ବରୁ ଏହି ଅଞ୍ଚଳରେ ଅନେକ ଥର ବଡ ଧରଣର ଦୁର୍ଘଟଣା ଘଟିସାରିଛି। ବଲାଙ୍ଗିର-ବରଗଡ ୨୬ ନଂ ଜାତୀୟ ରାଜପଥରେ ଏହା ରହିଛି। ଗତ କିଛି ବର୍ଷ ଭିତରେ ଏହି ଅଞ୍ଚଳରେ ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ଆରମ୍ଭ ହୋଇଛି। କେବଳ ବ୍ୟବସାୟିକ କାହିଁକି ଘରୋଇ ଓ ସରକାରୀ ପ୍ରତିଷ୍ଠାନ ମଧ୍ୟ ରହିଛି। କିନ୍ତୁ ବିଶେଷ କରି ଏହି ଅଞ୍ଚଳରେ ଥିବା ମାରୁତି, ମିନର୍ଭା କାର ସୋରୁମ ଅଞ୍ଚଳରେ ବେଆଇନ ପାର୍କିଂ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି। ଏହି ଦୁଇ ସୋରୁମ ବାହାରେ ଶହ ଶହ ଦୁଇ ଚକିଆ ଓ ବହୁ ସଂଖ୍ୟାରେ ଚାରି ଚକିଆ ଗାଡି ରାସ୍ତାରେ ଛିଡା ହୋଇରହୁଥିବା ଦେଖିବାକୁ ମିଳିଥାଏ। ମିନର୍ଭା ସୋରୁମ ସମ୍ମୁଖରେ ପେଟ୍ରୋଲ ଟାଙ୍କି ରହିଛି।

କେବଳ ଏହି ଦୁଇ ସୋରୁମ ନୁହେଁ; ଏହାକୁ ଲାଗି କିଆ ସୋରୁମ କାମ ଚାଲିଥିବା ବେଳେ ବାଇକ, ଟ୍ରାକ୍ଟର ଆଉଟଲେଟ ମଧ୍ୟ ରହିଛି। ବିଶେଷ କରି ଏହି ଅଞ୍ଚଳ ଏବେ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ଅନେକ ସମୟରେ ବଡ ବଡ ଟ୍ରେଲରରୁ ସାମଗ୍ରୀ ଲୋଡିଂ ଅନଲୋଡିଂ କରାଯାଉଥିବା ବେଳେ ସର୍ଭିସିଂ ପାଇଁ ଆସୁଥିବା ଗାଡି ରାସ୍ତା ମାଡି ରହୁଛି। ସେହିପରି ବାଇକରେ ଆସୁଥିବା ଲୋକମାନେ ମଧ୍ୟ ଭିଡ ଜମାଉଛନ୍ତି। ପରିସ୍ଥିତି ଏମିତି ଯେ ସୋରୁମ ଭିତରକୁ ଗାଡି ପ୍ରବେଶ କରିବାକୁ ହେଲେ ରାସ୍ତା ଜାମ୍ ହେଉଥିବା ଦେଖିବାକୁ ମିଳିଛି। ସକାଳ, ସଞ୍ଜରେ ଅଧିକ ଜାମ୍ ରହୁଥିବା ବେଳେ ଏହି ଜାମ୍ ଯୋଗୁ ଅନେକ ଦୁର୍ଘଟଣାର ଶିକାର ମଧ୍ୟ ହେଉଥିବା ଅଭିଯୋଗ ହୋଇଛି। ତେବେ ପୁଲିସ ବଲାଙ୍ଗିର ସହର ଭିତରେ ଟ୍ରାଫିକ ଜାମ୍ ହଟାଇବା ପାଇଁ ଛୋଟ ବ୍ୟବସାୟୀଙ୍କୁ ନାଲିଆଖି ଦେଖାଉଥିବା ବେଳେ ଜାତୀୟ ରାଜପଥରେ ହେଉଥିବା ଏହି ଜାମ୍ ପାଇଁ ବଡ଼ ବ୍ୟବସାୟୀଙ୍କୁ ଉତ୍ତରଦାୟୀ କରୁନି। ଏହା ସଦର ଥାନା ଅଞ୍ଚଳରେ ଯାଉଥିବା ବେଳେ କେବେ ବି ସଦର ପୁଲିସ ଏହି ଜାମ୍ ହଟାଇବା ପାଇଁ ଉଦ୍ୟମ କରିନ ଥିବା ଅଭିଯୋଗ ହୋଇଛି। ଯାହାକି ଏହି ସୋରୁମ ମାଲିକମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରୁଥିବା ବେଳେ ସୋରୁମକୁ ଆସୁଥିବା ଗାଡି ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଗାଡି ଅଟକାଇ ରଖୁଥିବା ଅଭିଯୋଗ ହୋଇଛି।


ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗଦବସା ପଡ଼ିଆରେ ୨ ବର୍ଷ ପୂର୍ବରୁ ନିର୍ମିତ ଉପ ସ୍ୱାସ୍ଥ୍ୟକେନ୍ଦ୍ର କେବଳ ଉଦ୍‌ଘାଟନ ହେବାକୁ ଥିବାବେଳେ କୌଣସି ଆବଶ୍ୟକ ନ ଥାଇ ଏବେ ପୁଣି ରଙ୍ଗ କରାଯାଇଛି।

## କାର୍ତ୍ତିକ ସଂକ୍ରାନ୍ତି ଉପଲକ୍ଷେ ସକୀର୍ତ୍ତନ ଦଳର ପରିକ୍ରମା



ବେଲପଡା,୧୮ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ଶିବ ମନ୍ଦିରରେ କାର୍ତ୍ତିକ ମାସର ପବିତ୍ର ସଂକ୍ରାନ୍ତି ଧୁମଧାମର ସହ ପାଳନ କରାଯାଇଛି। ସକାଳୁ ସକାଳୁ ସକୀର୍ତ୍ତନ ଦଳ ସହର ପରିକ୍ରମା କରିଛି। ପୂଜକ ଭୁଲା ମହାପାତ୍ର, ଚିନ୍ମୟ ଦାସ, ବଂଶୀଧର ସେଠ, ଡବଲ ପୁଟେଲ, ଦୁରଜୁ ପୁଟେଲ, ହରିଶ ସେଠ, ଲକ୍ଷ୍ମୀଧର ପୁଟେଲ, ହାଡୁ ସେଠ ପ୍ରମୁଖ ସହଯୋଗ କରିଥିଲେ।

## ଗାଁ ଗାଁରେ ଡେରା ପକାଉଛନ୍ତି ଦାଦନ ସର୍ଦ୍ଦାର

ବେଲପଡା,୧୮ ।୧୦(ସମିସ): ବଲାଙ୍ଗୀର ଜିଲ୍ଲାର ଦାଦନ ଗଡ଼ କୁହା ଯାଉଥିବା ବେଲପଡା ବ୍ଲକରେ ବେଆଇନ ଦାଦନ ଚଲାଣ ଥମିବାର ନାଁ ନେଉନି। ପ୍ରତିଦିନ ରାତି ହେଲେ ଶତାଧିକ ପୁରୁଷ ଓ ମହିଳା ବେଆଇନ ଭାବେ ବାହାର ରାଜ୍ୟକୁ ଚଲାଣ ହେଉଛନ୍ତି। ଖୋଲାଖୋଲି ଭାବେ ଦାଦନ ସର୍ଦ୍ଦାରମାନେ ଶ୍ରମିକ ଚଲାଣ କରୁଛନ୍ତି। ବ୍ଲକ୍ ପ୍ରଶାସନ ଓ ପୁଲିସ ବିଭାଗ ସବୁ ଦେଖି ମଧ୍ୟ ଚୁପ୍ ରହୁଛି। ତେବେ ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ଲକ୍ଷାଧିକ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। କାରଣ ବେଲପଡା ଅଞ୍ଚଳରେ ବିଭିନ୍ନ ଗାଁରେ ମାଳ ମାଳ ଦାଦନ ସର୍ଦ୍ଦାର ଶ୍ରମିକ ଯୋଗାଡ଼ ପାଇଁ ଲାଗି ପଡିଛନ୍ତି।


ଦାଦନ ଯିବା ଆରମ୍ଭ ହୋଇଥିବା ବେଳେ କାଁ ଭାଁ କେଉଁଠି ପୁଲିସ ଦାଦନ ଶ୍ରମିକ ଉଦ୍ଧାର କରୁଛି; କିନ୍ତୁ ଉଦ୍ଧାରର କିଛି ଘଣ୍ଟା ପରେ ପୁଣି ଶ୍ରମିକମାନେ ବାହାର ରାଜ୍ୟକୁ ଫେରାର ହେଉଥିବା ଅଭିଯୋଗ ଆସିଥାଏ। ନୂଆଁ ସରକାର ଆସିବ ପରେ ଦାଦନ ଚଲାଣ ଉପରେ ରୋକ ଲଗାଇବାକୁ ବିଭିନ୍ନ ଯୋଜନା ହାତକୁ ନିଆ ଯାଇଛି; କିନ୍ତୁ ଏହାପରେ ମଧ୍ୟ ଦାଦନ ଚଲାଣ ଉପରେ ରୋକଲଗା ଯାଇ ପାରୁନାହିଁ। ଲୋକେ ନୂଆଁଖାଇ ଦିନଠାରୁ ଅଗ୍ରିମ ଟଙ୍କା ଆଣିଥିବା ବେଳେ ଏବେ ଦାଦନ ଖଟିବାକୁ ଯିବେ। ମୁଣ୍ଡପିଛା ୩୦ରୁ ୪୦ ହଜାର ଟଙ୍କା ବଇନା ନେଇ ୪ରୁ ୬ ମାସ ପାଇଁ କାମ

### ପୁଲିସ, ପ୍ରଶାସନ ନିଦାବିଷ୍ଟ
### ପାହାନ୍ତିଆରେ ଚାଲାଣ ହେଉଛନ୍ତି ଶହ ଶହ ଶ୍ରମିକ

କରିବାକୁ ଯାଉଛନ୍ତି। ପ୍ରତି ବର୍ଷ ନିର୍ଯାତନାର ଶିକାର ହୋଇ ଅନେକ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟୁଛି। ପ୍ରଶାସନ ନ୍ୟାୟ ଦେବାରେ ବିଫଳ ହେଉଛି। ଚଳିତ ବର୍ଷ ଚାଷ କାର୍ଯ୍ୟ ଭଲ ହୋଇ ନ ଥିବାରୁ ବହୁ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ପାରନ୍ତି ବୋଲି ଆକଳନ କରାଯାଉଛି। ଦାଦନ ସର୍ଦାରମାନେ ସ୍ଥାନୀୟ ପୁଲିସ ଓ ପ୍ରଶାସନର କିଛି ଅଧିକାରୀଙ୍କୁ ଟଙ୍କା ଦେଇ ଏହି ବେଆଇନ ଚଲାଣ କରୁଛନ୍ତି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଆଦୌ ଗୁରୁତ୍ୱ ଦେଉନି।

## ୭ ଦିନ ହେଲା ନଳକୂପ ଅଚଳ

ଶଗଡା,୧୮ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ପଞ୍ଚାୟତ ସଦାନନ୍ଦପୁର ଗାଁରେ ଥିବା ଏକମାତ୍ର ନଳକୂପଟି ୭ ଦିନ ହେବ ଅଚଳ ହୋଇପଡିଛି। ଗାଁର ୪୦ ପରିବାରର ୧୮୦ ଜଣ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପର ଚେନ ଛିଣ୍ଡି ଯାଇଥିବାରୁ ଲୋକେ ଏକ କାଠ ବାଡ଼ି ସାହାଯ୍ୟରେ ମାରି ପାଣି ନେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି।



## ଖରିଫ କପା ସଂଗ୍ରହ ପାଇଁ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ

ବୌଦ୍ଧ,୧୮ ।୧୦(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖରିଫ କପା ସଂଗ୍ରହ ପାଇଁ ଜିଲ୍ଲାସ୍ତରୀୟ କପା କ୍ରୟ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପି ଭି ରମଣ ରାଓ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନା କରିଥିଲେ। ଚଳିତ ବର୍ଷ କପା ଚାଷ କରିଥିବା ଚାଷୀ କିପରି ସୁରୁଖୁରୁରେ କପା ବିକି ପାରିବେ ସେ ନେଇ ବ୍ୟବସ୍ଥା କରାଯାଇଛି। କପାସ କିଶାନ ଆପ୍ ମାଧ୍ୟମରେ ଅକ୍ଟୋବର ଶେଷ ସୁଦ୍ଧା ଚାଷୀ ନାମ ପଂଜିକରଣ ପାଇଁ ପରାମର୍ଶ ଦିଆଯାଇଛି। କପା କ୍ରୟ ପାଇଁ ମନମୁଣ୍ଡା ମାର୍କେଟ ୟାର୍ଡରେ ମଣ୍ଡି ଖୋଲାଯିବ। ଚାଷୀ ଧାର୍ଯ୍ୟ ମୂଲ୍ୟରେ କପା ବିକି ପାରିବେ ବୋଲି କୁହାଯାଇଚି। ବୈଠକରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ମନୋଜ ପ୍ରଧାନ, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ବିପ୍ର ଚରଣ ମହାନ୍ତି, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥର କପାର ସରକାରୀ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୮୧୧୦ ସ୍ଥିର କରାଯାଇଛି।

## ଘଣ୍ଟାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି

କଣ୍ଟାମାଳ,୧୮ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କେନ୍ଦ୍ରରେ କମ୍ପାଉଣ୍ଡର ଭରସା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଘଣ୍ଟାପଡା, କୁଳୁତାଯୋର, ଖମନମୁଣ୍ଡା, ଖୁଣ୍ଟିଗୁରା, ଉମା, ନାରାୟଣପ୍ରସାଦ, ଆମ୍ବଗାଁ ଓ ବରଗାଁ ପଞ୍ଚାୟତ ଜନସାଧାରଣ ନିର୍ଭର କରନ୍ତି। ଦୀର୍ଘ ବର୍ଷ ହେବ କିନ୍ତୁ ଏଠାରେ ଡାକ୍ତର ନାହିଁ। ଏହି ଅଞ୍ଚଳରେ ଆଦିବାସୀ ଓ ଗରିବ ଶ୍ରେଣୀର ଲୋକମାନେ ବସବାସ କରନ୍ତି। ଏହି କେନ୍ଦ୍ରରେ ପ୍ରାୟ ସମୟ ତାଲା ପଡ଼ି ରହୁଛି। ଏଣୁ ରୋଗୀଙ୍କୁ କଣ୍ଟାମାଳ, ସୁବର୍ଣ୍ଣପୁର କିମ୍ବା ବଲାଙ୍ଗୀର ଯିବାକୁ ପଡୁଛି। ଡାକ୍ତରଖାନା ପ୍ରାୟ ସମୟରେ ବନ୍ଦ ରହୁଥିବା ଅଞ୍ଚଳବାସୀ କହନ୍ତି। ଅନ୍ୟପକ୍ଷେ ଡାକ୍ତରଖାନା ଚତୁଃପାଶ୍ୱର୍ ଅଳିଆଗଦାରେ ପରିପୂର୍ଣ୍ଣ ହୋଇରହିଛି। ପାଖରେ ଥିବା ଥଣ୍ଡା ପାନୀୟ ମେସିନ ମଧ୍ୟ ଠିକ୍ ଭାବରେ ଚାଲୁନାହିଁ।



## ଭୀମପାହାଡ଼ ମହୋତ୍ସବ ଲୋଗୋ ଉନ୍ମୋଚିତ

ଦେଓଗାଁ,୧୮ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ପର୍ଯ୍ୟଟନସ୍ଥଳ ଭୀଡପାହାଡରେ ଚଳିତ ମାସ ୨୧ରୁ ୫ଦିନ ଧରି ୧୧ତମ ଭୀମପାହାଡ ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଭୀମପାହାଡ ପାଦଦେଶରେ ଥିବା କଲ୍ୟାଣ ମଣ୍ଡପରେ ଲୋଗୋ ଉନ୍ମୋଚିତ ହୋଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁଶ୍ରୀ ଘାସିରାମ ମିଶ୍ର, ସମ୍ମାନୀତ ଅତିଥି ଭାବେ ତୁଷୁରା ଥାନା ଅଧିକାରୀ ସଂଜୀବ ପ୍ରଧାନ, ବିଶିଷ୍ଟ ସାହିତ୍ୟିକ ଉମାଶଙ୍କର ସିଂ,ବଲାଙ୍ଗିର ନାଗରିକ କମିଟି ସମ୍ପାଦକ ମଧୁସୂଦନ ନାଏକ, ମହୋତ୍ସବ କମିଟି ସଭାପତି ପ୍ରମୋଦ ବହିଦାର, ସମ୍ପାଦକ ଗୋବର୍ଦ୍ଧନ ନାଏକ, ଉପସଭାପତି ଘନଶ୍ୟାମ ପଟେଲ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ, ଉପଦେଷ୍ଟା ଶୈଳେନ୍ଦ୍ର ସାହୁ, ନନ୍ଦିକିଶୋର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ଏ ଅଞ୍ଚଳର ସ୍ୱାଭିମାନ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧରମସିଂ ମାଝୀ ମାନଧାତାଙ୍କ ନାମରେ ଏକ ପୁରସ୍କାର ପ୍ରଦାନ କରିବା ପାଇଁ ମତ ପ୍ରକାଶ ପାଇଛି।



ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧୬ଟି ସାଂସ୍କୃତିକ ଦଳ ଯୋଗଦେବେ। ରବୀନ୍ଦ୍ର ସାହୁ ଓ ସାଥିଙ୍କ ଦ୍ୱାରା ପ୍ରତ୍ୟହ କଂସ ଦରବାର ଅନୁଷ୍ଠିତ ହେବ। ୨୫ ତାରିଖରେ ଆଞ୍ଚଳିକ ବିକାଶରେ ପର୍ଯ୍ୟଟନର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ଆଖପାଖ ୧୫ଟି କଲେଜର ୧୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ବିଳାସପୁରର କଳାକାର ଶ୍ରୀପତି ଖାଡିଆ, ଟପର୍ଣ୍ଣାର ମୃଦଙ୍ଗ ବାଦକ ପ୍ରହ୍ଲାଦ ରଣା ଓ ବରକାନୀର ଯୁବ କଳାକାର ସୁନୀଲ ମେହେରଙ୍କୁ ଭୀମପାହାଡ ସମ୍ମାନରେ ସମ୍ମାନୀତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପୂର୍ବତନ ସରପଞ୍ଚ ବାଳକ ପଧାନ, ଦୟାସାଗର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ କଂଗ୍ରେସର ବିକ୍ଷୋଭ




ବଲାଙ୍ଗିର,୧୮ ।୧୦(ସମିସ): ଭାରତୀୟ ଯୁବ କଂଗ୍ରେସ ସଦସ୍ୟମାନେ ବଲାଙ୍ଗିର କଲେକ୍ଟର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। କେରଳର ଅନନ୍ଥୁ ଅଜି ସଂପୃକ୍ତ ଘଟଣା ଓ ପୀଡିତଙ୍କ ଶେଷ ଇନଷ୍ଟାଗ୍ରାମ୍ ପୋଷ୍ଟରେ ଉଲ୍ଲେଖିତ ଯୋ÷ନ ନିର୍ଯାତନା ମାମଲା ପ୍ରତି ଯୁବ କଂଗ୍ରେସର ସଦସ୍ୟମାନେ ନ୍ୟାୟ ଚାହିଁଥିଲେ। ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟ ଗ୍ରହଣ ଓ ଆରଏସ୍ଏସ୍‌କୁ ବ୍ୟାନ କରିବା ପାଇଁ ଦାବି କରାଯାଇଛି।

ସର୍ବ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ଉଦୟ ଭାନୁଚିବ, ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଅଲ୍ଲାବାରୁ, ଓଡିଶା ଯୁବ କଂଗ୍ରେସ ଅଧ୍ୟକ୍ଷ ରଞ୍ଜିତ ପାତ୍ର ଏବଂ ପ୍ରଭାରୀ ମହେଶ ଦେଶମୁଖଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ କଂଗ୍ରେସ ଅନ୍ୟାୟ ବିରୋଧରେ ତାଙ୍କର ସଂଘ ସଂଘର୍ଷ ଚାଲୁ ରଖିବ। ପୀଡିତଙ୍କ ପରିବାର ସହିତ ଦୃଢତାର ସହ ଛିଡା ହୋଇଥିବ। ସରକାର ଉଚିତ ପଦକ୍ଷେପ ନ ନେଲେ ଯୁବ କଂଗ୍ରେସ ଆନ୍ଦୋଳନ ଜୋରଦାର କରିବ ବୋଲି କହିଛି। ଏଥିରେ ନଗର କଂଗ୍ରେସସଦସ୍ୟ ସଭାପତି ବୁଲୁ ଦାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଅଜୟ ବାଲି, ସାନନ୍ଦ ମିଶ୍ର, କୈଳାସ ମିଶ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଚିନ୍ମୟ ବେହେରା, ନିତିଶ ପଧାନ, ସ୍ୱାଗତ ପଟ୍ଟନାୟକ, ଶିବୁ ପଧାନ, ପଞ୍ଚାନନ ଷାଣ୍ଢ, ଅବ୍ରାହ୍ମ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

# ଗଛ ତଳେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ା

ଶଗଡା,୧୮ ।୧୦(ସମିସ)



ଭଙ୍ଗା ଦଦରା ଘର ଯୋଗୁ ଗଛ ମୂଳେ ଚାଲିଛି ପିଲାଙ୍କ ଭବିଷ୍ୟତ ଗଢ଼ା। ଭାଙ୍ଗି ଗଲାଣି ଶ୍ରେଣୀ କୋଠରି। ଭୟଭୀତ ଅବସ୍ଥାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ସତେ ଯେମିତି ଏହି ପୁରାତନ ସ୍କୁଲ ଉପରେ ସରକାରଙ୍କ ନଜର ପଡୁନି। ଅବହେଳିତ ଅବସ୍ଥାରେ ୫୯ ବର୍ଷର ପୁରୁଣା ବିଦ୍ୟାଳୟ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଘିକୁଣ୍ଡି ପଞ୍ଚାୟତର ତୁଣ୍ଡୁମାଳ ପ୍ରାଥମିକ ବିଦ୍ୟାଳୟ ଏଭଳି ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏହି ବିଦ୍ୟାଳୟ ସରକାର ଓ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଉଥିବା ଦେଖିବାକୁ ମିଳିଛି। ଏହି ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୬୭ ମସିହାରେ ପ୍ରତିଷ୍ଠିତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୨ ଛାତ୍ରଛାତ୍ରୀ ପଢୁଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୨ଟି ଜରାଜୀର୍ଣ୍ଣ କୋଠରୀ ରହିଛି। ମାତ୍ର ୨ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ରହିଛନ୍ତି। ସ୍କୁଲର ଶ୍ରେଣୀ ଗୃହଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। କେଉଁଠି କାନ୍ଥ ଫାଟି ଆଁ କରିଛି ତ କେଉଁଠି ସିମେଣ୍ଟ ଛାଡି ଇଟା ଦେଖା ଯାଉଛି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଭଙ୍ଗା କାନ୍ଥ ମଝିରେ ସାପ, ବେଙ୍ଗ ଆଦି ପଶି ଆସି ଶ୍ରେଣୀ କୋଠରୀରେ ବାସ କରୁଛନ୍ତି। ଏହା ଫଳରେ ଛାତ୍ର ଛାତ୍ରୀ କ୍ଲାସରେ ପାଠ ପଢିବାକୁ ଡରୁଛନ୍ତି। ବର୍ଷା ହେଲେ ପାଣି ଗଳୁଥିବାରୁ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଥାଏ। କାନ୍ଥଗୁଡିକ ଦୁର୍ବଳ ହୋଇ ଗଲାଣି। ଏହାଫଳରେ କେତେବେଳେ ଯେ କୌଣସି ଅଘଟଣ ନ ଘଟିବ ତାହା କହିହେବ ନାହିଁ। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ନୂତନ ଶ୍ରେଣୀଗୃହ ନିର୍ମାଣ ସହିତ ଭିତ୍ତିଭୂମି ଉନ୍ନତି ପାଇଁ ଅଭିଭାବକ ଓ ଗ୍ରାମବାସୀ ଯେତେ ଗୁହାରି କଲେ ମଧ୍ୟ ଉନ୍ନତ ମାନର ଶିକ୍ଷା ବ୍ୟବସ୍ଥା ଯୋଗାଇ ଦେବାରେ ପ୍ରଶାସନ ବିଫଳ ପରି ମନେ ହୁଏ।

ସରକାର ତୁରନ୍ତ ଦୃଷ୍ଟି ଦେଇ ନୂତନ କୋଠା ନିର୍ମାଣ ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ କେବେ ଏହି ବିଦ୍ୟାଳୟ ପ୍ରତି ଦୃଷ୍ଟି ଦେବ ଓ ନୂତନ ଶ୍ରେଣୀ ଗୃହ ଯୋଗାଇ ଦେବ ଓ କୁନି କୁନି ପିଲାମାନେ ସୁବିଧାରେ ପାଠ ପଢିବେ ତାହା ଦେଖିବାକୁ ବାକି ରହିଲା। ତେବେ ଘଟଣା ସମ୍ପର୍କରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ମାଳିଙ୍କୁ ପଚାରିବାରୁ ବିଡ଼ିଓ ଯଦି ସ୍କୁଲ କୋଠା କରନ୍ତେ ତାହା ହେଲେ ହୋଇପରିବ। ମୁଁ କ'ଣ ହେଇଛି ଦେଖୁଚି ବୋଲି କହିଛନ୍ତି।

## ନିଖୋଜର ୩ ମାସ ପରେ ବି ମିଳିନି ପତ୍ତା

ବୌଦ୍ଧ,୧୮ ।୧୦(ସମିସ): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତର ବଡ ଖଲିଗାଁ ଗ୍ରାମରୁ ଆନ୍ଧ୍ରପ୍ରଦେଶ ରାଜ୍ୟକୁ କାମ କରିବାକୁ ଯାଇ ନିଖୋଜ ଥିବା ଦାଦନ ଶ୍ରମିକଙ୍କ ଦୀର୍ଘ ୩ ମାସ ପରେ ମଧ୍ୟ କୌଣସି ପତ୍ତା ମିଳିନି। ଏହି ଗ୍ରାମର ରୋହିତାସ୍ୱ ବାରିକ ନିଜ ଗ୍ରାମର ରଞ୍ଜନ ସାହୁ ଓରଫ ଭୁଲାଙ୍କ ସହ ବିଶାଖା ପାଟଣାଠାରୁ ୬୦ କିଲୋମିଟର ଦୂର ସାଗ୍ରା ମେଡିସିନ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସେଠାରୁ ୩୦।୬।୨୦୨୫ରେ ଘରକୁ ରଞ୍ଜନଙ୍କ ସହ ଫେରୁଥିବା ସମୟରେ ବିଶାଖାପାଟଣା ରେଳ ଷ୍ଟେସନରେ ନିଖୋଜ ହୋଇ ଯାଇଥିବା ରଞ୍ଜନ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଖବର ପାଇ ପରିବାର ଲୋକେ ବିଶାଖାପାଟଣା ଖୋଜିବାକୁ ଯାଇ ନିରାଶ ହୋଇ ଫେରିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ବୌଦ୍ଧ ଥାନା, ଜିଲ୍ଲାପାଳ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଲିଖିତ ଜଣାଇ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି।



# ସୁରଭିରେ ମନ ମୋହିଲା ଶିଶୁଙ୍କ ଲୋକନୃତ୍ୟ

**ମନମୁଣ୍ଡା,୧୮ ।୧୦(ସମିସ):** କନ୍ଧମାଳ ବ୍ଲକ ଖଟଖଟିଆ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଖଟଖଟିଆ ସ୍ଥିତ ସରକାରୀ ଉପ୍ରା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଲକ୍ଷ୍ମୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କାଣ୍ଡାମାଳ ବିଇଓଅଶୋଭରଞ୍ଜନମାଳିଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏବିଇଓ ଦୁର୍ଗାଚରଣ ପ୍ରଧାନ, ନୀଳମଣୀ ପଣ୍ଡା, ଶିକ୍ଷକ ସଙ୍ଘର ରାଜ୍ୟ ସଭାପତି ଅନିତା ମେହେର, ପ୍ରାକ୍ତନ ସିଆରସିସି ଶଶାଙ୍କ ପୋଢ଼, ସିଆରସିସି ଦେବବ୍ରତ ସାହୁ ପ୍ରମୁଖ ଯୋଗ ଦେଇଥିବାବେଳେ ଶିକ୍ଷକ ସମୀର ପ୍ରଧାନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷକ ଗଂଜୁ ଅମାତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶିଳତା ର ବିକାଶ ପାଇଁ ଚିତ୍ର, ସଂଗୀତ, କୁଇଜ, ଚିତ୍ରକଳା, ଶିଳ୍ପକଳା,ଲୋକ ନୃତ୍ୟ, ଗଣିତ ଖେଳ ର ଆୟୋଜନ ହୋଇଥିଲା। ଏଥିରେ କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲ ର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।ପ୍ରତ୍ୟେକ ବିଭାଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ଭାବରେ ଶିଶୁଙ୍କ ଲୋକନୃତ୍ୟରେ ଦର୍ଶକଙ୍କ ମନମୋହି ନେଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ତଥା ସାହିତ୍ୟିକ ହରିହର ପ୍ରଧାନ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ଼ ସୌରଭ ରଞ୍ଜନ ଖମାରୀ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସତ୍ୟବାନ ବସ୍ତିଆ, ଅବସର ପ୍ରାପ୍ତ ହିଁନ୍ଦି ଶିକ୍ଷକ ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କୃତି ଛାତ୍ରଛାତ୍ରୀ ଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ସୁରେନ୍ଦ୍ର କର୍ମ, ଲକ୍ଷ୍ମୀରତନ ଲୁହା, ରୁବିଆ ବେହେରା, ଅନିତା ମେହେର, ଦିପ୍ତିମୟୀ ବୈଠାରୁ, ଶୈଳେନ୍ଦ୍ର ବସ୍ତିଆ, ନୃପମଣି ମହାଳିକ, ଜିତେନ୍ଦ୍ର ମହାନନ୍ଦିଆ, ଗଂଜନ ଗରିଆ,ଦମୟନ୍ତୀ ମହାନ୍ତି, ବିରେନ ପ୍ରଧାନ, ମମତା ଭବ ସାଗର, ତ୍ରିଲୋଚନ ଡାଙ୍ଗ ପ୍ରମୁଖ ସହଯୋଗ କରିଥିଲେ।

● ରାମଗଡ଼ ମହାନଦୀ ଘାଟରେ ଏନ୍‌ଫୋର୍ସ ଟିମ୍‌ର ଚଢ଼ଉ

# ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

**ହରଭଙ୍ଗା,୧୮ ।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ଅଧୀନ ରାମଗଡ଼ ମହାନଦୀ ଘାଟରେ ଏନ୍‌ଫୋର୍ସ ଦଳ ଚଢ଼ଉ କରି ବାଲି ଚୋରାଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ପ୍ରକାଶ ଯେ ରାମଗଡ଼ ମହାନଦୀ ଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଖବରପାଇ ଶନିବାର ହରଭଙ୍ଗା ତହସିଲଦାର ବଳଦେବ ବେହେରା, କନିଷ୍ଠ ଖଣି ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନ, ବୌଦ୍ଧ ପୁଲିସ ସଦଳବଳ ଚଢ଼ଉ କରିଥିଲା। ବାଲି ଟ୍ରାକ୍ଟରରେ ବୋଝେଇ ସମୟରେ ଗାଡିଗୁଡିକ ଏନଫୋର୍ସ ଟିମ୍ ଜବତ କରିଥିଲା। ଏ ନେଇ ହରଭଙ୍ଗା କନିଷ୍ଠ ଖଣି ଅଧିକାରୀ ଦିବ୍ୟ ରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ଦୁଇଟି ଟ୍ରାକ୍ଟର ଜବତ କରାଯାଇଛି। ଏହା ଉପରେ ଜିଲ୍ଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜୋରିମାନା ଆଦାୟ କରାଯିବ ବୋଲି କହିଛନ୍ତି।

ବୈଷ୍ଣୋଦେବୀ ଦର୍ଶନରେ ଯାଇଥିବା ୩ ଭକ୍ତଙ୍କ ମୃତ୍ୟୁ ଘଟଣା

# ଯୋଗୀନ୍ଦ୍ରଙ୍କ ମରଶରୀରକୁ ଅଶ୍ରୁଳ ବିଦାୟ

**ତରଭା,୧୮ ।୧୦(ସମିସ)**

ମାତା ବୈଷ୍ଣୋଦେବୀଙ୍କ ଦର୍ଶନରେ ଯାଇ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅବସରପ୍ରାପ୍ତ ୟୁଜିବି କର୍ମଚାରୀ ତଥା ତରଭା ବରିଷ୍ଠ ନାଗରିକ କମିଟିର ଉପସଭାପତି ଯୋଗୀନ୍ଦ୍ର ମଟାରୀଙ୍କ ପାର୍ଥିବ ଶରୀର ଶନିବାର ସକାଳେ ଏଠାରେ ପହଞ୍ଚିଥିଲା। ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୁବନେଶ୍ୱର ବିମାନଘାଟିରୁ ଏକ ମହାପ୍ରୟାଣ ଗାଡ଼ିରେ ଆସିଥିବା ଯୋଗୀନ୍ଦ୍ରଙ୍କ ମରଶରୀରକୁ ନେଇ ତାଙ୍କ ପୁଅ ଆଶୁତୋଷ ତାଙ୍କର କୁମ୍ଭାରପଡା ବାସଭବନ ନିକଟରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ତରଭା ତହସିଲଦାର ଶ୍ୱେତାଲିନା ମାହାଣା, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଏନ୍‌ଏସି ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ସମେତ ବରିଷ୍ଠ ନାଗରିକ କମିଟିର ସଦସ୍ୟ, ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଗଠନର କର୍ମକର୍ତ୍ତା, କୁମ୍ଭାରପଡା ଓ ତରଭା ସହରର ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଯୋଗୀନ୍ଦ୍ରଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଯୋଗୀନ୍ଦ୍ରଙ୍କ ପାର୍ଥିବ ଶରୀରକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ କିଛି ସମୟ ରଖାଯାଇଥିଲା। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ପୁଅ ଆଶୁତୋଷ ମୁଖାଗ୍ନି ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ



**ମୁଖ୍ୟମନ୍ତ୍ରୀଙ୍କ ଅନୁକମ୍ପା ରାଶି ଘୋଷଣା**

ନିକଟତମ ପରିବାର ସଦସ୍ୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ଶୁକ୍ରବାର ଟ୍ୱିଟ୍ କରି ଜଣାଇଛନ୍ତି।

ସୂଚନାଯୋଗ୍ୟଯେ,ଗ ତ ୧୧ ତାରିଖରେ ତରଭାର ଦୁଇବନ୍ଧୁ ବିଚିତ୍ର ସାହୁ ତାଙ୍କର ପତ୍ନୀ କବିତା, ଯୋଗୀନ୍ଦ୍ର ମଟାରୀ ତାଙ୍କର ପତ୍ନୀ ସ୍ନେହଲତା, ପୁଅ ଆଶୁତୋଷ, ଝିଅ ଚିନ୍ମୟୀ ଓ ପୁତ୍ରବଧୂ ଅଲିଭା ମଟାରୀ ମାତା ବୈଷ୍ଣବଦେବୀଙ୍କ ଦର୍ଶନ ପାଇଁ ଯାଇଥିଲେ। ୧୪ ତାରିଖ ପୂର୍ବାହ୍ନରେ ମାତାଙ୍କ ଦର୍ଶନ ପରେ ବିଚିତ୍ର, ଯୋଗୀନ୍ଦ୍ର, କବିତା ଓ ସ୍ନେହଲତା ହେଲିକେପ୍ଟର ଯୋଗେ ଫେରିଥିବାବେଳେ ଆଶୁତୋଷ, ଚିନ୍ମୟୀ ଓ ଅଲିଭା ଚାଲି ଚାଲି ଓହ୍ଲାଇଥିଲେ। ସକାଳ ୯ଟାରେ ଦୁଇ ବନ୍ଧୁ ସପତ୍ନୀଙ୍କ ଗୋଟିଏ ଅଟୋ ଭଡାକରି ହୋଟେଲକୁ ଫେରୁଥିବା ବେଳେ ଏକ୍ସପ୍ରେସ ହାଇୱେର ଏକ ବୁଲାଣିରେ ଦ୍ରୁତଗତିରେ ଆସୁଥିବା ଏକ ବସ୍ ଅଟୋ ରିକ୍ସାକୁ ଧକ୍କା ଦେବାରୁ ବିଚିତ୍ର ଓ ଯୋଗୀନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

ଗୁରୁତର ଆହତ କବିତା ଓ ସ୍ନେହଲତାଙ୍କୁ ଜାମ୍ମୁ ଡାକ୍ତରଖାନା ନେବାବେଳେ ବାଟରେ କବିତା ଆଖି ବୁଜିଥିଲେ। ସ୍ନେହଲତାଙ୍କ ଚିକିତ୍ସା ଚାଲିଛି ତାଙ୍କର ଅବସ୍ଥା ସ୍ଥିର ରହିଥିବା ଜଣାଯାଇଛି। ଓଡିଶା ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ମୃତ ବିଚିତ୍ର ଓ କବିତାଙ୍କ ପାର୍ଥିବ ଶରୀର ଶୁକ୍ରବାର ତରଭାକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ଶନିବାର ଯୋଗୀନ୍ଦ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

● ମାରୁତି ଯୁବକ ସଂଘର ବାର୍ଷିକ ଉତ୍ସବ

# ନାଟକ ‘ଅଦିନ ମେଘର ଝଡ଼’ ମଞ୍ଚସ୍ଥ



**ବୌଦ୍ଧ,୧୮ ।୧୦(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ଜହ୍ନାପଙ୍କ ବସଷ୍ଟାଣ୍ଡ ରଙ୍ଗମଞ୍ଚରେ ମାରୁତି ଯୁବକ ସଂଘର ୩୩ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଶୁକ୍ରବାର ସାଂସ୍କୃତିକ କାର୍ଯ୍ୟକ୍ରମ ସାମାଜିକ ନାଟକ ‘ଅଦିନ ମେଘର ଝଡ଼’ ମଞ୍ଚସ୍ଥ ହୋଇଯାଇଛି। ଏହି ଉପଲକ୍ଷେ ସଂଘର ସଭାପତି ସହସ୍ରାଂଶୁ ମିଶ୍ରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଖୁଣ୍ଟବନ୍ଧ ସରପଞ୍ଚ ପ୍ରତିନିଧି ବିକ୍ରମ ମହାନନ୍ଦିଆ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ଅବସରପ୍ରାପ୍ତ ବନପାଳ ସୁଶୀଲ ହୋତା, ଲକ୍ଷ୍ମୀପ୍ରସାଦ ସମିତି ସଭ୍ୟ ପିଣ୍ଟୁ ମିର୍ଧା, ତେଲିବନ୍ଧ ସମିତି ସଭ୍ୟ ସୁନୀଲ ସେଠୀ, ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ଉପେନ୍ଦ୍ର ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ଜେନା ଯୋଗଦେଇ ଥିଲେ। ଜଗଦୀଶ ବାରିକ ଦେଇଥିବାବେଳେ ସହ ସମ୍ପାଦକ ପ୍ରକାଶ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହା ପରେ ଉପେନ୍ଦ୍ର ପ୍ରଧାନ ଓ ସୁଧାଂଶୁ ଶେଖର ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ‘ଅଦିନ ମେଘର ଝଡ଼’ ମଞ୍ଚସ୍ଥ ହୋଇଥିଲା। ନାଟକର ବିଭିନ୍ନ ଭୂମିକାରେ ଗାର୍ଗବ ପ୍ରଧାନ, ସୁରେନ୍ଦ୍ର ବେହେରା,ଜଗଦୀଶ ବାରିକ, ରବି ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଦିଲ୍ଲୀପ ପ୍ରଧାନ, ଚତୁରୁ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ,କଷ୍ଟ ପ୍ରଧାନ,ସୁକାନ୍ତ ପ୍ରଧା, ଦୁଷ୍ମନ୍ତ ବାରିକ, ବବ୍ରୁ ବାହାନ ରଣା, ଅନୀଲ ବାରିକ,କରୁଣା ପ୍ରଧାନ, ବିଭୀଷଣ ପ୍ରଧାନ, ବିମଳ ପ୍ରଧାନ, ଈଶ୍ୱର ପ୍ରଧାନ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ନାଟକର ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

# ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା



**ବୀରମହାରାଜପୁର,୧୮ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ତରଭାର ବରିଷ୍ଠ ନାଗରିକ ବିଚିତ୍ର ସାହୁ, ତାଙ୍କ ସହଧର୍ମିଣୀ କବିତା ସାହୁ ଏବଂ ଯୋଗୀନ୍ଦ୍ର ମଟାରୀଙ୍କ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିବାରୁ ଶନିବାର ପୂର୍ବାହ୍ନରେ ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଶୋକସଭା କରାଯାଇ ତାଙ୍କର ସ୍ମୃତି ଚାରଣ କରାଯିବା ସହିତ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ସମ୍ପାଦକ ସନ୍ତୋଷ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଗୋପୀନାଥ ମହାକୁର, ଭୂଷଣ ପାତ୍ର, ନାରାୟଣ ନାୟକ, ଧୀରେନ୍ଦ୍ର ବାଘ, ସତ୍ୟ ନାରାୟଣ ନାୟକ, ଜୀତେନ୍ଦ୍ର ପ୍ରଧାନ, ବଳରାମ କାଣ୍ଡ, କୃଷ୍ଣଚନ୍ଦ୍ର ମଲ୍ଲିକ, ତ୍ରିନାଥ ମିଶ୍ର, କୁଞ୍ଜବନ ମେହେର, ଦିଲୀପ ତ୍ରିପାଠୀ, ଅକ୍ଷୟ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଦିଲୀପ ମିଶ୍ର, ଚମରା ମହାକୁର, ବାସୁଦେବ ପଣ୍ଡା, ଚମ୍ପେଶ୍ୱର ଦାଶ, ସୁରୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ ଗତ ୧୧ ତାରିଖରେ ତରଭାର ଦୁଇବନ୍ଧୁ ବିଚିତ୍ର ସାହୁ ତାଙ୍କର ପତ୍ନୀ କବିତା, ଯୋଗୀନ୍ଦ୍ର ମଟାରୀ ତାଙ୍କର ପତ୍ନୀ ସ୍ନେହଲତା, ପୁଅ ଆଶୁତୋଷ, ଝିଅ ଚିନ୍ମୟୀ ଓ ପୁତ୍ରବଧୂ ଅଲିଭା ମଟାରୀ ମାତା ବୈଷ୍ଣବଦେବୀଙ୍କ ଦର୍ଶନ ପାଇଁ ଯାଇଥିଲେ।

# ସାପ କାମୁଡ଼ାରେ ନାବାଳକ ମୃତ

**ଡୁଙ୍ଗୁରିପାଲି,୧୮ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଧୀନ ସିଆଲବାହାଲି ଗ୍ରାମରେ ସାପ କାମୁଡରେ ନାବାଳକ ମୃତ୍ୟୁ ଘଟିଥିବା ଡୁଙ୍ଗୁରିପାଲି ଥାନାରେ ଭେଣେଇ ସାରଥୀ ତାଣ୍ଡି ଲିଖିତ ଭାବେ ଜଣାଇଛି।

ମୃତକ ନା ବାଳକ ଜଣକ ହେଲେ ବରଗଡ଼ ଜିଲ୍ଲା ସଦର ଥାନା ରେଙ୍ଗାଲ ପାଲି ଗ୍ରାମର ଗୋବର୍ଧନ ସୁନାର ପୁଅ ଚନ୍ଦନ ସୁନା(୧୬) । ଚନ୍ଦନ ସୁନା ଦୁଇ ବର୍ଷ ହେବ ସିଆଲବାହାଲି ଗ୍ରାମର ନିଜ ନାନୀ ଭେଣେଇ ଘରେ ରହି ପାଠ ପଢୁଥିଲା।

ଆଜି ସକାଳରେ ତାଙ୍କ ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ ଉଠାଇବାକୁ ଯାଇ ଦେଖିଲେ ଯେ ତାଙ୍କ ପାଟିରୁ ଲାଳ ବାହାରୁଥିବା ଏବଂ ସେ ଅଚେତ ଅବସ୍ଥାରେ ପଡିରହିଥବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡୁଙ୍ଗୁରିପାଲି ପୁଲିସ ଖବରପାଇ ଡାକ୍ତରଖାନାକୁ ଯାଇ ଶବକୁ ଜବତ କରି ବ୍ୟବଚ୍ଛେଦ ପାଁଇ ବିନିକା ପଠାଇଛି।

# ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ସାଇବର ସୁରକ୍ଷା ଅଭିଯାନ




**ବୌଦ୍ଧ,୧୮ ।୧୦(ସମିସ):** ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଥିଲେ। ବୌଦ୍ଧ ଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତିଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାଏ, ଡିଏସପି, ଡି.ଆଇବି, ଗୌରାଙ୍ଗ ଚରଣ ସାହୁ, ସରଜେଣ୍ଟ ଖଗେଶ୍ୱର ବିଶ୍ୱାଲ, କିଶୋରଚନ୍ଦ୍ର ପଟ୍ଟନାୟକ, ପରିବହନ ଅଧିକାରୀ ସୁଷମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ପୁଲିସ ବିଭାଗର ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସୁରକ୍ଷିତ ଓଡ଼ିଶା ଗଠନ ପାଇଁ, ଅନଲାଇନ ଠକେଇ ପ୍ରତି ସାବଧାନ ରହିବା ପାଇଁ ଲୋକଙ୍କୁ ସତର୍କ କରାଯିବ। ସାଇବର ସେଫ୍ଟି କ୍ୟାମ୍ପେନ ମାଧ୍ୟମରେ ସାଇବର ଅପରାଧକୁ ରୋକାଯାଇ ପାରିବ।

# ଏନ୍‌ସିସି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ତରଭା,୧୮ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ଜବାହର ନବୋଦୟ ବିଦ୍ୟାଳୟରେ ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହୋଇଥିବା ଏନ୍‌ସିସି ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଶିବିରରେ ଏନ୍‌ସିସିର କମାଣ୍ଡିଂ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ସୋନପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଉକ୍ତ ଶିବିରର ସିଓ ୧୧ ଓଡ଼ିଶା ଏନ୍‌ସିସି ବାଟାଲିୟନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି।

# ବିପୁଳ ମହୁଲ ପୋଚ ଜବତ

**ଶଗଡ଼ା,୧୮ ।୧୦(ସମିସ):** ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ସହ ମଦ ଜବତ କରାଯାଇଛି। ଅବକାରୀ ବିଭାଗର ଏକ ଟିମ୍ ବାଉଁଶୁଣି ଥାନା ବାଦିକଟା ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ଗିରିବାଳା ମହାକୁଡ଼ଙ୍କ ନିକଟରୁ ୧୧ ଲିଟର ମଦ ଜବତ କରିଥିବାବେଳେ ନୋଟିସ ଦେଇ ଛାଡି ଦିଆ ଯାଇଥିବା ଜଣାପଡ଼ିଛି। ସେହିପରି ଅବକାରୀ ଟିମ୍ ବାଉଁଶୁଣି ଥାନା ଜଡ଼ାପାଳ ଗ୍ରାମ୍ୟ ଜଙ୍ଗଲରେ ମଦ ପ୍ରସ୍ତୁତି ଚାଲିଥିବା ଖବରପାଇ ଚଢ଼ଉ କରି ୩୨୦ ଲିଟର ମହୁଲ ପୋଚ ସହ ୧୫ଲିଟର ମଦ ନଷ୍ଟ କରିଛି। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିବା ଅବକାରୀ ଏଏସଆଇ ଅସିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ବୀରମହାରାଜପୁରରେ ବୁଲା କୁକୁରଙ୍କ ଆତଙ୍କ

**ବୀରମହାରାଜପୁର,୧୮ ।୧୦(ସମିସ):** ବୀରମହାରାଜପୁର ମୁଖ୍ୟଛକ ଓ ପାଖ ଅଞ୍ଚଳରେ କିଛି ଦିନ ହେଲା ପ୍ରାୟ ୨୦ରୁ ୨୫ ଗୋଟି ବୁଲା କୁକୁର ବୁଲୁଥିବାର ଦେଖିବାକୁ ମିଳିଛି। ସେମାନେ ବୀରମହାରାଜପୁରର ବ୍ଲକ୍, ତହସିଲ୍ ରାସ୍ତା, ଦୈନିକ ବଜାର, ବସ୍‌ଷ୍ଟାଣ୍ଡ ଡାକ୍ତଖାନା ନିକଟରେ ବୁଲୁଛନ୍ତି। ଅନେକ ସମୟରେ କୁକୁର ମାନେ ରାସ୍ତା ରେ ଏପଟ ସେପଟ ହେବାଯୋଗୁଁ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁ ଥିବା ନଜିର ରହିଛି। ସେମାନଙ୍କୁ ଅନ୍ୟତ୍ର ଛାଡ଼ିବାକୁ ବନବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

# ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା

**ଶଗଡା,୧୮ ।୧୦(ସମିସ):** ମନମୁଣ୍ଡା ଶଗଡା ରାସ୍ତାର ମେହେରୁଣୀ ପୋଲ ନିକଟ ବୁଲାଣିରେ ଆଜି ଅପରାହ୍ନ ୪ଟା ସମୟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁଡଭେଲି ପଦର ପଟରୁ ଏକ ବାଇକ୍ ଯାଉଥିବା ବେଳେ ମେହେରୁଣୀ ପୋଲ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା କଡରେ ବାଡେଇ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ଆହତ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇ ଥିଲେ। ଆହତ ଯୁବକଙ୍କ ପରିଚୟ ମିଳି ପାରିନାହିଁ। ସୂଚନା ଥାଉ କି ଉକ୍ତ ବୁଲାଣିରେ ଥିବା ଅନାବନା ଗଛଲତା ଯୋଗୁଁ ଅନେକ ସମୟରେ ରାସ୍ତା ଦେଖା ନ ଯିବାରୁ ଅନେକ ଦୁର୍ଘଟଣା ଘଟୁଥିବା ସ୍ଥାନୀୟଲୋକେ କହିଛନ୍ତି। ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନି ହେଉଥିବାରୁ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ନାରାୟଣ ନଗର କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

**ବୌଦ୍ଧ,୧୮ ।୧୦(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ନାରାୟଣ ନଗର କ୍ଲଷ୍ଟରସ୍ତରୀୟ ଚତୁର୍ମାସିକ ବୈଠକ ପଦ୍ମନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ସିଆରସିସି ସନ୍ତୋଷ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ପରିଦର୍ଶନରେ ଆସି ଯୋଗ ଦେଇଥିଲେ। ଏନ୍‌ଆଇ ଏଲ ପି ଓ ବର୍ଣାଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ନାରାୟଣ ନଗର କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ସମେତ ୯ ଜଣ ଏଫଏଲଏନ୍ ଶିକ୍ଷକ ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

**ବୌଦ୍ଧ,୧୮ ।୧୦(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଗାମୀ ୨୯ ତାରିଖ ରେ ଜିଲ୍ଲାର ସମସ୍ତ ବ୍ଲକ, ଏନଏସି ଏବଂ ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ, ବୌଦ୍ଧ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯୯୯ ମସିହା ଅକ୍ଟୋବର ୨୯ ଘଟିଥିବା ମହାବାତ୍ୟାରେ ହୋଇଥିବା କ୍ଷୟକ୍ଷତିର ପୁନରାବୃତ୍ତି ନ ହେବା ପାଇଁ ସମସ୍ତେ ସବୁ ସମୟରେ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସିଡିଓ ଦଣ୍ଡସନା ଏହି କାର୍ଯ୍ୟକ୍ରମ ରେ ଅଧିକରୁ ଅଧିକ ଯୁବ ବର୍ଗଙ୍କୁ ସାମିଲ କରିବା ପାଇଁ ଏବଂ ଅତିରିକ୍ତ ଜିଲ୍ଲାପାଳ ତଳସ୍ତରରୁ ସମସ୍ତଙ୍କୁ ସତର୍କ କରିବା, ତ୍ୱରିତ ପଦକ୍ଷେପ ନେବା ଦ୍ୱାରକ୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲା ଏବଂ ପ୍ରତ୍ୟେକ ବ୍ଲକସ୍ତରରେ ଏହି ଦିବସ ଉପଲକ୍ଷେ ୩୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ,ଅଧାପକ, ଅଧାପିକା, ଅଧିକାରୀ, କର୍ମଚାରୀ, ଗଣ ମାଧ୍ୟମର ପ୍ରତିନିଧି ବୃନ୍ଦ, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା, ପଂଚାୟତର ପ୍ରତିନିଧି ତଥା ସମସ୍ତ ଜନ ପ୍ରତିନିଧିଙ୍କ ଉପସ୍ଥିତି ରେ ସଚେତନତା ରାଲି, ଶପଥ ପାଠ, ଏହି ଦିବସ ପାଳନ ଉପଲକ୍ଷେ ସାଧାରଣ ସଭା, ବିଜୁଳି, ସର୍ପକ୍ଷଘାତ ଭଳି ବିପଦ ରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ପ୍ରଦର୍ଶନ(ଡେମନଷ୍ଟ୍ରେସନ) ମାଧ୍ୟମରେ ସଚେତନତା କରାଯିବ। ଏହି ଉପଲକ୍ଷେ ବ୍ଲକସ୍ତରରେ ଏବଂ ଜିଲ୍ଲାସ୍ତରରେ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଏସଡିଏମଏ ସଞ୍ଜୟ ଝା ବୈଠକକୁ ପରିଚାଳନା କରିଥିଲେ। ସମ୍ପାଦନ କରିବା ପାଇଁ ଜିଲ୍ଲାସ୍ତରରେ ଶ୍ରୀଯୁକ୍ତ ମଲ୍ଲିକ ଏବଂ ଶ୍ରୀଯୁକ୍ତ ଝାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ବ୍ଲକସ୍ତରରେ ବିଡିଓ ଏବଂ ଏନଏସି ସ୍ତରରେ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।




# ମାଲିଦାଦର ପ୍ରାଥମିକ ସ୍କୁଲ ଖୋଲିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ବୀରମହାରାଜପୁର,୧୮ ।୧୦(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଦୁର୍ଜନତୋଲା ପଞ୍ଚାୟତର ମଳିଦାଦର ଗ୍ରାମରେ ଦୀର୍ଘଦିନରୁ ବନ୍ଦ ହୋଇଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁନର୍ବାର ଚାଲୁକାରିବାକୁ ଗ୍ରାମର ମହିଳାମାନେ ଦାବି କରୁଛନ୍ତି। ପ୍ରକାଶ ଯେ -୨୦୦୪ରୁ ଗ୍ରାମରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ସରକାର ଏହି ସ୍କୁଲ ସ୍ଥାପନ କରାଇଥିଲେ, ମାତ୍ର ୨୦୦୪ ରୁ ୨୦୧୬-୧୭ ପର୍ଯ୍ୟନ୍ତ ଉକ୍ତ ସ୍କୁଲଟି ଠିକ୍ ହିସାବରେ ଚାଲି ଆସୁଥିଲା। ମାତ୍ର ୮ ବର୍ଷ ହେଲା ଏହି ସ୍କୁଲରେ ସରକାରୀ ନିୟମ ଅନୁଯାୟୀ କମ୍ ସଂଖ୍ୟକ ଛାତ୍ରଛାତ୍ରୀ କାରଣରୁ ସ୍କୁଲକୁ ସରକାରଙ୍କ ତରଫରୁ ବନ୍ଦ କରି ଦିଆଯାଇଛି, ଫଳରେ ଗ୍ରାମର ଛାତ୍ରଛାତ୍ରୀ ମାନେ ପାଠପଢ଼ିବା ପାଇଁ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲରେ ପ୍ରଥମରୁ ପଞ୍ଚମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ। ଏମାନଙ୍କୁ ପଢ଼ାଇବା ପାଇଁ ୨ଜଣ ଶିକ୍ଷକ ନିଯୁକ୍ତି ହେଉଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସ୍କୁଲ କୋଠାମଧ୍ୟ ନିର୍ମାଣ ହୋଇଥିଲା। ଗତ ୨୦୧୭ ମସିହାରେ ପିଲା ସଂଖ୍ୟା କମ୍ ଦର୍ଶାଇ ଏହି ସ୍କୁଲକୁ ବନ୍ଦ କରି ଦିଆଯାଇଥିଲା, ସ୍କୁଲ ବନ୍ଦ୍ ପରେ ଏହି ସ୍କୁଲ ର ଛାତ୍ରୀ ମାନେ ପ୍ରାୟ ୩ କି. ମି. ଦୁର ଜଙ୍ଗଲ ରାସ୍ତା ଦେଇ ଦାଦର୍ ପାଲି ସ୍କୁଲକୁ ପାଠ ପଢିବାକୁ ଯାଉଥିଲେ। ମାତ୍ର ସ୍କୁଲରୁ ଦାଦରପାଲି କୁ ଜଙ୍ଗଲ ରାସ୍ତା ଦେଇ ଛୋଟ ଛୋଟ ପୁଅ ଝିଅ ମାନେ ଏକୁଟିଆ ଯିବାକୁ ନିରାପଦ ମଣୁନାହାଁନ୍ତି। ଅଭିଭାବକମାନେ ମଧ୍ୟ ପ୍ରତିଦିନ ନିଜ ପିଲା ମାନଙ୍କୁ ସ୍କୁଲକୁ ଛାଡିଯିବା ଆସିବାକୁ ସମ୍ଭବ ହୋଇପାରି ନାହିଁ। ଏବେ ଗ୍ରାମରେ ୨୭ଜଣ ଛାତ୍ର ଛାତ୍ରୀ ଥିବାବେଳେ ବନ୍ଦ ଥିବା ସ୍କୁଲକୁ ପୁନର୍ବାର ଖୋଲାଯିବାକୁ ଗ୍ରାମବାସୀ ଓ ମହିଳାମାନେ ଦାବି କରିଛନ୍ତି। ଗ୍ରାମର ମହିଳାମାନେ ସୋନପୁର ଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ରଶ୍ମିତା ପଧାନ, ଅନିତା ପଧାନ, ପ୍ରଣତୀ ପଧାନ, ସୁଲୋଚନା ମହାପାତ୍ର, ଅନୁସୟା ଖମାରୀ, ଶାନ୍ତି ଖମାରୀ, ଜୟନ୍ତୀ ଖମାରୀଙ୍କ ସହ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରଷ ସାମିଲ ଥିଲେ।



## ନୂଆପଡ଼ାରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କୁ ଭବ୍ୟ ସ୍ୱାଗତ

# ୮୦ କିମି ରୋଡ୍ ଶୋ'ରେ ବୁଲିଲେ







**ନୂଆପଡ଼ା, ୧୮ ।୧୦(ସମିସ)**

ଉପ ନିର୍ବାଚନ ପାଇଁ ନୂଆପଡ଼ା ବିଜେଡି ବିଶାଳ ରୋଡ ସୋ'ପ୍ରଦର୍ଶନ କରିଛି। ସ୍ନେହାଙ୍ଗିନୀଙ୍କୁ ଭବ୍ୟ ସ୍ୱାଗତ କରିଛି ନୂଆପଡ଼ା ବିଜେଡି। ଦୀର୍ଘ ୮୦କିମି ରୋଡ ଶୋ'ରେ ଖରିଆରରୋଡ ଠାରୁ ନୂଆପଡ଼ା, କୋମନାକୁ ପରିକ୍ରମା କରିଛନ୍ତି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ। ଶନିବାର ପୂର୍ବାହ୍ନ ସାଢେ ୧୧ଟାବେଳେ ବିଜେଡି ତରଫରୁ ନୂଆପଡ଼ା ପୁଲିସ ପଡ଼ିଆରୁ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ଗାଡିରେ ସ୍ନେହାଙ୍ଗିନୀ ଜାତୀୟ ରାଜପଥ ୩୫୩ରେ ଖରିଆରରୋଡ ଅଭିମୁଖେ ବାହାରିଥିଲେ। ପ୍ରଥମେ ଏକତା ଛକ ନିକଟରେ ସ୍ୱର୍ଗତ ଘାସିରାମ ମାଝୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଜୁବାବୁ, ଘାସିରାମ ମାଝୀଙ୍କ ନାଁରେ ସ୍ଲୋଗାନରେ ନୂଆପଡ଼ା ସହର ପ୍ରକମ୍ପିତ ହୋଇଥିଲା। ପରେ ଖରିଆରରୋଡ ପର୍ଯ୍ୟନ୍ତ ୧୦କିମି ପର୍ଯ୍ୟନ୍ତ ହଜାର ହଜାର ସଖ୍ୟାରେ ବାଇକ୍ ରାଲି ହୋଇଥିଲା। ପରେ ଖରିଆରରୋଡ ଗଣପତି ହୋଟେଲ ପରିସରରେ ଏକ ବିଶାଳ କର୍ମୀ ସମାବେଶ ହୋଇଥିଲା। ସେଠାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଆମେ ଚାଲିଛୁ। ନୂଆପଡ଼ା ସହ ରାଜ୍ୟର ବିକାଶ କ୍ଷେତରେ ଯାହା ବି ବିପ୍ଳବାତ୍ମକ କାର୍ଯ୍ୟ କରିଛନ୍ତି ତାକୁ ଲୋକେ ଭୁଲିନାହାଁନ୍ତି। ତାର ପ୍ରତିବଦଳରେ ବିଜେଡିକୁ ବିପୁଳ ସଂଖ୍ୟାରେ ଲୋକ ଭୋଟ ଦେବେ। ଅନ୍ୟଦଳ ସବୁ କେବଳ ପ୍ରଚାର ସର୍ବସ୍ୱ ହେଉଛନ୍ତି। ବିଜେଡି କାମରେ ବିଶ୍ୱାସ କରେ ବୋଲି ବିଜେଡି ପ୍ରାର୍ଥୀ ଛୁରିଆ ବକ୍ତବ୍ୟ ରଖିଥିଲେ। ସେଠାରେ ବିଜୁପଟ୍ଟନାୟକ ଛକରେ ସ୍ୱର୍ଗୀୟ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ

### ବିଜେଡି ମୟ ଜାତୀୟ ରାଜପଥ

ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ସ୍ନେହାଙ୍ଗିନୀ ଛୁରିଆ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଶୋଭାଯାତ୍ରା ଖରିଆରରୋଡ ସହର ପରିକ୍ରମା କରିଥିଲା। ରାମମନ୍ଦିରଠାରୁ ଫେରି ପୁଣି ଥରେ କୋମନା ଅଭିମୁଖେ ବାହାରିଥିଲେ। ନୂଆପଡ଼ା, କୁରୁମପୁରୀ, ତରବୋଡ, ଉଦ୍ୟାନବନ୍ଧ ଦେଇ କୋମନାରେ ପହଞ୍ଚିଥିଲେ। ଉଦ୍ୟାନବନ୍ଧେ ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଅଟକି ପୂଜାର୍ଚ୍ଚନା କରିଥିଲେ ସେଠାରୁ କୋମନାରେ ପହଞ୍ଚି ସମଲେଶ୍ୱରୀ ମନ୍ଦିର ପରିଦର୍ଶନ କରି ପୂଜା କରିଥିଲେ। ସ୍ନେହାଙ୍ଗିନୀଙ୍କ ସହ ତାଙ୍କ ସମର୍ଥକମାନେ। ସ୍ନେହାଙ୍ଗିନୀଙ୍କ ରାଲିରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ଇପସିତା ସାହୁ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ନିରଞ୍ଜନ ବିଶି, ଅଜୟ ନାଏକ, ପ୍ରଦୀପ ମାଝୀ, ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ, ପୂର୍ବତନ ଜିଲ୍ଲାସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ କାର୍ତିକ ଦୀପ, ଆଦମ ଖାନ, ଅବିନାଶ ଠାକୁର, ରାଜେଶ କୁମାର ନିଗମ, ସିତୁ ବୋଧନକର, ଟିଙ୍କୁ ପଣ୍ଡା, ମଳୟ ମଣ୍ଡଳ, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।







## ମହିଳା ନିଖୋଜ ନେଇ ଥାନାରେ ଅଭିଯୋଗ

**ଥୁଆମୂଳରାମପୁର, ୧୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା କଣାସୁକୁଲି ଗ୍ରାମର ଜଣେ ବିବାହିତ ମହିଳା ବାପା ଘରୁ ସ୍ୱାମୀ ଘରକୁ ଯାଉଥିବା ବେଳେ ବାଟରେ ନିଖୋଜ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଥୁଆମୂଳରାମପୁର ଥାନା ଅନ୍ତର୍ଗତ କଣାସୁକୁଲି ଗ୍ରାମର ଅର୍ଜୁନ ଗଡଡ଼ ନିଜ ଝିଅ ସନ୍ତୋଷୀ ଗଡଡ଼ (୩୦) ଙ୍କୁ ରାୟଗଡ଼ା ଜିଲ୍ଲା କାଶୀପୁର ଗ୍ରାମର ରଘୁନାଥ ଗଡଡ଼ଙ୍କୁ ଗତ ଦଶବର୍ଷ ତଳେ ବିବାହ ଦେଇଛନ୍ତି।



ଗତ କିଛି ଦିନ ତଳେ ଅର୍ଜୁନ ଗଡଡ଼ଙ୍କ ସ୍ତ୍ରୀ ଚନ୍ଦ୍ରୀ ଗଡଡ଼ ନିଜ ଝିଅକୁ ଦେଖିବା ପାଇଁ କାଶୀପୁର ଯାଇଥିଲେ। ଘରକୁ ଫେରିବା ସମୟରେ ମାଁ ଚନ୍ଦ୍ରିଙ୍କୁ ଝିଅ ସନ୍ତୋଶି ନିଜ ଗାଁ କଣାସୁକୁଲିରେ ଆଣିଛାଡିଥିଲେ। ଗାଁରେ ୧୧ ଦିନ ରହିବା ପରେ ଗତ ୧୬ ତାରିଖ ଦିନ ସ୍ୱାମୀ ଅର୍ଜୁନ ଗଡଡ଼ ଡୁମେରପଦର ନିକଟରେ ମତେ ଅପେକ୍ଷା କରିଛନ୍ତି ମୁଁ ଲକ୍ଷ୍ମୀ ବସ୍‌ରେ ଯାଉଛି ବୋଲି କହିଥିଲେ। ହେଲେ ଡୁମେରପଦର ଠାରେ ଅର୍ଜୁନ ଗଡଡ଼ ବସ୍‌କୁ ଅଟକାଇ ଦେଖିଲା ବେଳକୁ ସନ୍ତୋଷୀ ନ ଥିଲେ। ଅନ୍ୟ ପକ୍ଷରେ ଅର୍ଜୁନ ଶ୍ୱଶୁର ଘରକୁ ଆସି ପଚାରିବାରୁ ସେ ଡୁମେରପଦର ଯାଉଥିବା ଲକ୍ଷ୍ମୀ ବସରେ ଗଲା ଏବଂ କେହି ଛାଡି ଯିବାକୁ ମନା କରିଥଲା ବୋଲି କହିଥିଲେ। ପରେ ସନ୍ତୋଷୀ ନିଖୋଜ ନେଇ ଥୁଆମୂଳ ରାମପୁର ଥାନାରେ ପରିବାରଲୋକ ଲିଖିତ ଅଭିଯୋଗ କରିଛନ୍ତି।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

**ଥୁଆମୂଳରାମପୁର, ୧୮ ।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ କର୍ଲାପାଟ ଥାନା ଗୁଣପୁର ପଞ୍ଚାୟତର ସେମେଲପଦର ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଜଣେ ନାବାଳକ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଭଳି ଘଟଣା ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ସୂଚନା ମୁତାବକ ଗ୍ରାମର ସୋରିଷ ମାଝୀଙ୍କ ୧୨ ବର୍ଷୀୟ ପୁଅ ସୁଭେନ୍ଦ୍ର ଗତ ୧୪ ତାରିଖ ଦିନ ଘରୁ ଗାଧୋଇ ଯିବାକୁ ବାହାରି ଆଉ ଘରକୁ ଫେରିନଥିଲା। ପରିବାରଲୋକ ନିଜ ସମ୍ପର୍କୀୟଙ୍କ ଘର ଏବଂ ଆଖପାଖ ଅଞ୍ଚଳରେ ଖୋଜାଖୋଜି ପାଇନଥିବା ବେଳେ ୧୭ ତାରିଖ ଶୁକ୍ରବାର ଦିନ ପରିବାର ଲୋକେ କର୍ଲାପାଟ ଥାନାରେ ନିଖୋଜ ଅଭିଯୋଗ ହୋଇଥିଲା। ନିଖୋଜର ୪ ଦିନ ପରେ ଶନିବାର ଗ୍ରାମ ନିକଟସ୍ଥ ଏକ ପାହାଡର ଏକ ଗଛରେ ସୁଭେନ୍ଦ୍ରର ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ ଗ୍ରାମବାସୀ। ପରିବାର ଲୋକଙ୍କୁ ସୂଚନା ଦେବା ପରେ କର୍ଲାପାଟ ପୁଲିସକୁ ଏନେଇ ସୂଚନା ଦେଇଥିଲେ। କର୍ଲାପାଟ ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଗଛରୁ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଡାକ୍ତରଖାନାକୁ ପଠାଇଛନ୍ତି। ସୁଭେନ୍ଦ୍ରର ଏଭଳି ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ କର୍ଲାପାଟ ଥାନା କେସ୍ ନମ୍ବର ୪/୨୫ରେ ଆତ୍ମହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଲୋକଗୀତର ଅନ୍ତଃସ୍ୱର ହେଉଛି ଜନଜୀବନ

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ବକ୍ତୃତାମାଳା

**ଭବାନୀପାଟଣା, ୧୮ ।୧୦ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ଏବଂ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ 'ପଶ୍ଚିମ ଓଡ଼ିଶାର ଲୋକଗୀତର ବୈଚିତ୍ର୍ୟ' ଶୀର୍ଷକରେ ଅନ୍ୱେଷା ବକ୍ତୃତାମାଳା-୪୧ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଅନ୍ୱେଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜର ଅଭିମତ ପ୍ରକାଶ କରି ଲୋକଗୀତ ସମ୍ପର୍କିତ ପ୍ରସଙ୍ଗର ଗୁରୁତ୍ୱ ବୁଝାଇଥିଲେ। ଏହି ନିମନ୍ତ୍ରିତ ବକ୍ତୃତାମାଳାରେ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, କୁଶଙ୍ଗ, ବଲାଙ୍ଗୀରର ଓଡ଼ିଆ ଅଧ୍ୟାପକ ତଥା ଲୋକସଂସ୍କୃତି ଗବେଷକ ଡ.ଲକ୍ଷ୍ମଣ କୁମାର ମେହେର



ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ହୋଇ ପଶ୍ଚିମ ଓଡ଼ିଶାର ଲୋକଗୀତର ପ୍ରକାର ଭେଦ, ଲୋକଗୀତ ଓ ସୌନ୍ଦର୍ଯ୍ୟତତ୍ୱ, ଲୋକଗୀତ ଓ ସମାଜତତ୍ତ୍ୱ ତଥା ଲୋକଗୀତର ମହତ୍ତ୍ୱ ସମ୍ବନ୍ଧରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଲୋକଗୀତର ଅନ୍ତଃସ୍ୱର ହେଉଛି ଜନଜୀବନ ବୋଲି ଶ୍ରୀ ମେହେର ଉପସ୍ଥାପନ କରିଥିଲେ। ଉକ୍ତ ନିମନ୍ତ୍ରିତ ବକ୍ତୃତାମାଳାରେ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ମୁଖ୍ୟ ଡ.ପଲ୍ଲୀଶ୍ରୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡକ୍ଟର ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ପ୍ରଫେସର ଶ୍ରୀ ଡୋଳାମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମନରେ ଥିବା ସନ୍ଦେହକୁ ଦୂର କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସାଗରିକା ଦଳାଇ, ରେଣୁକା ଡାକୁଆ, ସୁବ୍ରତ କୁମାର ମାଝୀ, ରାମଶଙ୍କର ମେହେର, ହିନ୍ଦୀ ବିଭାଗର ଅଧ୍ୟାପକ ଗୋବିନ୍ଦ ନାଏକ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ.କୈଳାସ ଚନ୍ଦ୍ର ଦାସ ତଥା ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୧୯ରୁ ଡିଏଭି ଜୋନାଲ୍‌ସ୍ତରୀୟ କରାଟେ ପ୍ରତିଯୋଗିତା

# ଝାରସୁଗୁଡ଼ା ଗଲେ କଳାହାଣ୍ଡିର ୮ ପ୍ରତିଯୋଗୀ

**ଲାଞ୍ଜିଗଡ଼, ୧୮ ।୧୦ (ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ୍ ସ୍କୁଲଠାରେ ୧୯ ତାରିଖରେ ହେବାକୁ ଥିବା ଡିଏଭି ଜୋନାଲସ୍ତରୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବାକୁ କଳାହାଣ୍ଡି ଜିଲ୍ଲାର ୮ ଜଣ ପ୍ରତିଯୋଗୀ ଶନିବାର ଝାରସୁଗୁଡା ଗସ୍ତ କରିଛନ୍ତି। ବାଳକ ବିଭାଗର ୧୪ରୁ କମ୍ ବର୍ଗରେ ଛାତ୍ର ସୋହଂମ ଓଡ଼ିଆ, ପୁଷ୍ପନ୍ଦୁ ବିଶ୍ୱାଳ ରହିଥିବା ବେଳେ ୧୭ରୁ କମ୍ ବର୍ଷ ବର୍ଗରେ ହିତେଶ ମହାଖୁଡ଼ ଓ ଲୋକେସ ବିଶ୍ୱାଳ ମନୋନୀତ ହୋଇଛନ୍ତି। ସେହିପରି ୧୯ରୁ କମ୍ ବର୍ଗରେ କିରନ୍ ବେମାଲ ଓ ଗଙ୍ଗାଧର ମଲ୍ଲିକ ରହିଛନ୍ତି। ସେହିପରି ବାଳିକା ବିଭାଗର ୧୪ରୁ କମ୍ ବର୍ଗରେ କୁସୁମପ୍ରଭା ମାଝୀ ରହିଥିବା ବେଳେ ୧୭ରୁ କମ୍ ବର୍ଷ ବର୍ଗରେ ଅର୍ପିତା ବାଡ଼ତିଆ ରହିଛନ୍ତି। ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ଅଧ୍ୟକ୍ଷା



ଡ଼.ମାନବିନ କୌରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀମାନେ ଡିଏଭି ବେଦାନ୍ତ ବିଦ୍ୟାଳୟର ଶିକ୍ଷକ ଦୁର୍ଯ୍ୟୋଧନ ନାଗ ଓ ଶିକ୍ଷୟିତ୍ରୀ ଅବ୍ୟର୍ଦ୍ଧନା ଦାସଙ୍କ ସହ ଝାରସୁଗୁଡ଼ା ଗସ୍ତ କରିଛନ୍ତି। ଲାଞ୍ଜିଗଡ଼ ଉତ୍କଳ କରାଟେ ସ୍କୁଲ କୋଚ୍ କ୍ଷମାନିଧି ମହାଖୁଡ, କଳାହାଣ୍ଡି ଉତ୍କଳ କରାଟେ ସ୍କୁଲ୍ ଚିଫ ଟେକନିକାଲ ନିର୍ଦ୍ଦେଶକ ସୁରେଶ ଜାଲ ଯାଦବ, ଡିଏଭି ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦେବା ସହ ସଫଳତା ପାଇଁ କାମନା କରିଛନ୍ତି।

## ଆର୍‌ସିଏମ୍‌ର 'ରୂପାନ୍ତରଣ ଯାତ୍ରା'କୁ ଭବ୍ୟ ସ୍ୱାଗତ



**ରାଉରକେଲା, ୧୮ ।୧୦(ସମିସ):** ରାଇଟ୍ କନସେପ୍ଟ ଅଫ୍ ମାର୍କେଟିଂ (ଆର୍‌ସିଏମ୍)ର ଦେଶବ୍ୟାପୀ ରୂପାନ୍ତରଣ ଯାତ୍ରା ଆଜି ରାଉରକେଲାରେ ପହଞ୍ଚିବା ପରେ ଏହି ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ରୂପାନ୍ତରଣ ଯାତ୍ରାରେ ସ୍ୱାସ୍ଥ୍ୟ, ସେବା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସାମୂହିକ କାର୍ଯ୍ୟକଳାପରେ ହଜାର ହଜାର ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ରାଉରକେଲା ସମେତ ଏପର୍ଯ୍ୟନ୍ତ ଦେଶର ୨୦ଟି ସହରରେ ଆୟୋଜିତ ଏହି ରୂପାନ୍ତରଣ ଯାତ୍ରାରେ ଲକ୍ଷାଧିକ ଲୋକ ଅଂଶଗ୍ରହଣ କରିଛନ୍ତି। ୨୩ ଡିସେମ୍ବର, ୨୦୨୫ ସୁଦ୍ଧା ଏହି ଲୋକାଭିମୁଖୀ ଯାତ୍ରା ୭୫ଟି ସହରର ପ୍ରାୟ ୧୦ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିବ ବୋଲି ପୂର୍ବାନୁମାନ କରାଯାଇଛି। ରାଉରକେଲାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହରର ଯୁବବର୍ଗଙ୍କଠାରୁ ଆରମ୍ଭ କରି ମହିଳା ତଥା ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଉତ୍ସାହର ସହ ଯୋଗ ଦେଇଥିଲେ। ରକ୍ତଦାନ କରିବା ସହ ଏକ ସୁସ୍ଥ ଏବଂ ଆତ୍ମନିର୍ଭର ଜୀବନ ଶୈଳୀ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥିଲେ। ସ୍ୱାସ୍ଥ୍ୟ, ସେବା ଓ ସଂସ୍କାର ୩ଟି ପ୍ରମୁଖ ସ୍ତମ୍ଭକୁ ଭିତ୍ତି କରି ଏହି ଯାତ୍ରା ଲୋକମାନଙ୍କୁ ଅନୁପ୍ରାଣିତ କରିଥିଲା। ୨୦୨୫ ସେପ୍ଟେମ୍ବର ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ ଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆର୍‌ସିଏମ୍ ପରିବାରରେ ସାମିଲ ହୋଇଛନ୍ତି, ଯାହା ବର୍ତ୍ତମାନ ୨୦ ଲକ୍ଷ ଆସୋସିଏଟ୍ କ୍ରେତା ନେଟୱର୍କକୁ ସମୃଦ୍ଧ କରିଛି ବୋଲି ଆର୍‌ସିଏମ୍‌ର ପରିଚାଳନା ନିର୍ଦ୍ଦେଶକ ସୌରଭ ଛାବ୍ରା କହିଛନ୍ତି। ରୂପାନ୍ତରଣ ଯାତ୍ରା ସମୟରେ ରାଉରକେଲାସ୍ଥିତ ଭଞ୍ଜ ଭବନ, ଫାଇଭ ରିଙ୍ଗ ରୋଡ୍, ବ୍ୟାଙ୍କ ଷ୍ଟ୍ରିଟ୍, ସେକ୍ଟର ୧୯ରେ ଆୟୋଜିତ ବିଶାଳ ସମାରୋହରେ ସ୍ୱତନ୍ତ୍ର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଯେଉଁଥିରେ ୨ହଜାର ଲୋକ ଅଂଶଗ୍ରହଣ କରିବା ସହ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦୀର୍ଘ ୧୭ ହଜାର କିମିର ଏହି ରୂପାନ୍ତରଣ ଯାତ୍ରା ଏକ ମାଇଲଖୁଣ୍ଟ, ଯେଉଁଠି ଆମେ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ପ୍ରତିବଦ୍ଧ ବୋଲି ଅନ୍ୟ ଜଣେ ପରିଚାଳନା ନିର୍ଦ୍ଦେଶିକା ପ୍ରିୟଙ୍କା ଅଗ୍ରୱାଲ କହିଛନ୍ତି। ଏହି ଅବସରରେ ସିଇଓ ମନୋଜ କୁମାର କହିଛନ୍ତି ଯେ, ଯାତ୍ରାର ସଫଳତା ପାଇଁ ସେ ବେଶ୍ ଗର୍ବିତ ଏବଂ ଆଗାମୀ ପିଢ଼ି ପାଇଁ ଏହି ରୂପାନ୍ତରଣ ଯାତ୍ରା ସୁସ୍ଥ ଜୀବନ ବଞ୍ଚିବାର ମାର୍ଗଦର୍ଶନ କରିବ।

## ଆର୍‌ଏସ୍‌ପିର ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସଫେଇ ଅଭିଯାନ

**ରାଉରକେଲା, ୧୮ ।୧୦(ସମିସ):** ସେଲ୍‌ର, ରାଉରକେଲା ଇସ୍ପାତ କାରଖାନାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱଚ୍ଛ ଏବଂ ସୁସ୍ଥ ପରିବେଶ ସୁନିଶ୍ଚିତ କରିବା ପାଇଁ ଇସ୍ପାତ ସହରାଞ୍ଚଳ ମଧ୍ୟରେ ଥିବା ବିଭିନ୍ନ ପୂଜା ମଣ୍ଡପରେ ପୂଜା ପରବର୍ତ୍ତୀ ସଫେଇ ଅଭିଯାନ ଆରମ୍ଭ କରାଯାଇଛି। ସ୍ଥାନୀୟ ସେକ୍ଟର-୧୬ ପୂଜା ପଡ଼ିଆରେ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ ବିକେ ଜୋଜୋଙ୍କ ନେତୃତ୍ୱରେ ଏହି ସଫେଇ ଅଭିଯାନ ହୋଇଥିଲା। ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଏଚ୍.ପଟ୍ଟନାୟକ, ସହର ଇଞ୍ଜିନିୟରିଂ ସିଭିଲ ବିଭାଗର ଜିଏମ ଏସ୍. ନାୟକ ଏବଂ କାରଖାନା ଓ ସହରାଞ୍ଚଳର ଅନେକ ବରିଷ୍ଠ ଅଧିକାରୀ ଅଞ୍ଚଳରେ ସଫେଇ ଅଭିଯାନରେ ଯୋଗ ଦେଇଥିଲେ। ଉତ୍ସବ ଋତୁରେ, ପୂଜା ମଣ୍ଡପ ଚାରିପାଖରେ ଅନେକ ଅଞ୍ଚଳ ପ୍ଲାଷ୍ଟିକ୍ ଆବର୍ଜନା ଏବଂ ଅନ୍ୟାନ୍ୟ ଅଳିଆରେ ପରିପୂର୍ଣ୍ଣ ଥିଲା। ଏହାର ସମାଧାନ ପାଇଁ ବିଭିନ୍ନ ସେକ୍ଟର ସମେତ ଅନେକ ପୂଜା ମଣ୍ଡପର ପାରିପାର୍ଶ୍ୱିକ ଅଞ୍ଚଳଗୁଡିକୁ ସଫା କରାଯାଇଥିଲା। ଅନ୍ୟ ଅଞ୍ଚଳଗୁଡିକୁ ଖୁବ୍ ଶୀଘ୍ର ସଫା କରାଯିବ ବୋଲି ସୂଚନା ମିଳିଛି। ଏହି ଅଭିଯାନ ଆରଏସପି ସହର ଇଞ୍ଜିନିୟରିଂ ବିଭାଗ ସହିତ ସମନ୍ୱୟରେ ସହର ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଡିସିଏମଓ ଡ.ଦୀପା ଲାଭାଙ୍ଗରେ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ରସନନ୍ଦ ପ୍ରଧାନଙ୍କ ପରିଚାଳନାରେ ସମ୍ପାଦିତ ହୋଇଥିବା ଜଣାପଡ଼ିଛି।



## ନୂଆପଡ଼ା ଉପନିର୍ବାଚନ

# ଠେଲାପେଲାରେ ନାମାଙ୍କନପତ୍ର ଦାଖଲ







**ନୂଆପଡ଼ା, ୧୮ ।୧୦(ସମିସ)**

ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ୭୧ ଉପନିର୍ବାଚନ ସକାଶେ ନାମାଙ୍କନ ପତ୍ର ଦାଖଲର ପର୍ବ ଚାଲିଛି। ଶନିବାର ଦିନ ଠେଲାପେଲାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେପି ଏବଂ କଂଗ୍ରେସ ପ୍ରାର୍ଥୀ। ବିଜେପି ତରଫରୁ ଜୟ ଢୋଲକିଆ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଂଗ୍ରେସରୁ ଘାସିରାମ ମାଝୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପ୍ରକାଶ ଯେ ଗତ ୧୩ତାରିଖ ଠାରୁ ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଯେ ଏହି ମାସ ୨୦ତାରିଖ ପର୍ଯ୍ୟନ୍ତ ତାହା ପୁଣି ସରକାରୀ ଛୁଟି ବ୍ୟତୀତ ସକାଳ ୧୦ଟାରୁ ଅପରାହ୍ଣ ୩ଟା ଯାଏଁ ନାମାଙ୍କନ ପତ୍ର ଦାଖଲ କରିବାକୁ ସୂଚୀତ କରାଯାଇଥିଲା। ସେହି ଅନୁସାରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ଏଥିରେ ବିଶେଷ କରି ଶୃଙ୍ଖଳା ଦୃଷ୍ଟିକୋଣରୁ ନାମାଙ୍କନ ପତ୍ର ଦାଖଲ କରିବାକୁ ବଳୀୟ ପ୍ରାର୍ଥୀମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଶୋଭାଯାତ୍ରା ଏବଂ ନାମାଙ୍କନ ପତ୍ର ପାଇଁ ସମୟ ନିର୍ଘ ଦିଆଯାଇଥାଏ। ଏହି ଅନୁସାରେ କଂଗ୍ରେସ ଦଳକୁ ଜିଲ୍ଲାପାଳଙ୍କ ପତ୍ରାଙ୍କ ସଂଖ୍ୟା ୨୭/୨୫ରେ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରିଆରରୋଡ ଶଙ୍କର ମନ୍ଦିରଠାରୁ ନୂଆପଡ଼ା ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲି କରିବାକୁ ଅନୁମତି ଥିଲା। ଅନ୍ୟପଟେ ଜିଲ୍ଲା ବିଜେପି ସଭାପତି କମଳେଶ ଦିକ୍ଷିତାଙ୍କ କହିବାନୁଯାୟୀ ସେମାନଙ୍କୁ ମଧ୍ୟ ୩ଟା ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିବା କହିଛନ୍ତି। ତେବେ ବିଜେପି ତରଫରୁ ସଢ଼େ ୧୧ଟାରୁ ଖରିଆରରୋଡଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ଠିକ ନୂଆପଡ଼ାକୁ ପହଞ୍ଚିଲାବେଳକୁ କଂଗ୍ରେସବାଲା

### କଂଗ୍ରେସରୁ ଘାସିରାମ, ବିଜେପିରୁ ଜୟ

ନୂଆପଡ଼ା କଂଗ୍ରେସ କାର୍ଯ୍ୟାଳୟରୁ ରାଲିରେ ବାହାରିଗଲେ। ଏପରିକି ବିଜେପିକୁ ନୂଆପଡ଼ା ବସ୍ତି ମୁଣ୍ଡରେ ଅଟକି ରହିବାକୁ ପଡ଼ିଲା। କଂଗ୍ରେସ ତରଫରୁ ଶୋଭାଯାତ୍ରା ସାଢେ ବାରଟାରେ ପ୍ରାର୍ଥୀ ସମର୍ଥକଙ୍କ ସହ ପହଞ୍ଚିଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ପ୍ରାର୍ଥୀ ଘାସିରାମ ମାଝୀଙ୍କ ସହ ୫ଜଣ ସମର୍ଥକ ପ୍ରବେଶ କରିଥିଲେ। ବାକି ଲୋକଙ୍କୁ ପୁଲିସ ଭିତରକୁ ଛାଡି ନଥିଲା। ଠିକ ପରେ ପରେ ବିଜେପି ତରଫରୁ ପ୍ରାର୍ଥୀ ଜୟ ଢୋଲକିଆ ତାଙ୍କ ସମର୍ଥକଙ୍କ ସହ ପ୍ରବେଶ କରିଥିଲେ। ହେଲେ ଏହି ସମୟରେ ବିଜେପି ତରଫରୁ ବହୁ ନେତା ଯଥା ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ବର୍ତ୍ତମାନର ସାଂସଦ ମାଳବିକା ଦେବୀ, ରାଜ୍ୟ ସଭା ସାଂସଦ ସୁଜିତ କୁମାରଙ୍କ ସମେତ ବହୁ ପଦାଧିକାରୀଙ୍କୁ ପୁଲିସ ଛାଡିବା ବେଳକୁ କଂଗ୍ରେସ ତରଫରୁ ପ୍ରତିବାଦ କରାଯାଇଥିଲା। ସରକାରୀ ଦଳ ନିଜେ ନିୟମ ଭାଙ୍ଗୁଛି ବୋଲି ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ସମୟ ପାଇଁ ଠେଲା ପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଦୁଇ ଦଳରୁ ସମର୍ଥକମାନେ ଭିତରକୁ ପ୍ରବେଶ କରି ଲୋକାରଣ୍ୟ କରିଥିଲେ। ଏହାକୁ ନେଇ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନଙ୍କୁ ପଚାରିବାରେ ଆମେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଯେ କୌଣସି ଦଳ କିମ୍ବା ବ୍ୟକ୍ତି ବିଶେଷ ଆଣିଦେଲେ ଗ୍ରହଣ କରିଥାଉ। କୌଣସି ଦଳକୁ ସମୟ ଦିଆଯାଇନଥିଲା। ଅଫିସ ଭିତରକୁ ପ୍ରାର୍ଥୀଙ୍କ ସମେତ ମାତ୍ର ୫ଜଣ ପ୍ରବେଶ କରିପାରିବେ। ବାହାର ଏରିଆରେ ଯେତେଲୋକ ବି ରହିପାରିବେ ବୋଲି କହିଥିଲେ। ହେଲେ ପୁଲିସର ଏଭଳି ବ୍ୟବହାର ଯେ ଏକ ନିର୍ଦ୍ଦିଷ୍ଟ ଦଳକୁ ବିରୋଧ କରିଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ ବାଲା ଜାଣି ଶୁଣି କଂଗ୍ରେସ ଲୋକଙ୍କୁ ନିୟମ ଦେଖାଇଛନ୍ତି ବୋଲି କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି।



# ‘ବାସ୍ତବ’ରେ ବଲିଉଡ୍‌ର ତୁଷାର ବେଦୀ

‘ବ ନସ୍ୱର୍ଣ୍ଣ ଟେଲିଭିଜନ୍’ ଦ୍ୱାରା ପ୍ରଯୋଜିତ ତଥା ‘ଏଲ୍‌ଟି ପ୍ରଡ଼କସନ୍’ ସହଭାଗିତାରେ ପ୍ରସ୍ତୁତ ହୋଇଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର ‘ବାସ୍ତବ’ ଅକ୍ଟୋବର ୧୮ରେ ମୁକ୍ତିଲାଭ କରିଛି। ଏହି ସିନେମାଟି ଏକ ସସ୍‌ପେନ୍ସ, ଥ୍ରୀଲ୍‌ର ତଥା ପାରିବାରିକ କାହାଣୀ ଉପରେ ଆଧାରିତ ଚଳଚ୍ଚିତ୍ର। କାହାଣୀ, ଚିତ୍ରନାଟ୍ୟ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ସଂଳାପ ରଚନା କରିଛନ୍ତି ସଞ୍ଜୟ ମହାକୁଳ। ଏହାର ସହ ପ୍ରଯୋଜନା କରିଛନ୍ତି ନିବେଦିତା ପଟ୍ଟନାୟକ। ଅରୁଣ ମନ୍ତ୍ରୀ, ନିହାର ପ୍ରିୟାଶୀଷ ଏବଂ ବିକୁ ବାବୁ ଗୀତ ରଚନା କରିଥିବାବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶା ମୋଣ୍ଟାଜ୍ ଗୀତ ଜ୍ଞାନ ବେହେରା କରିଛନ୍ତି। ହ୍ୟୁମାନ ସାଗର ଏବଂ ଅନ୍ତରୀକ୍ଷା ନାୟକ କଣ୍ଠଦାନ କରିଛନ୍ତି। ସମସ୍ତ ଗୀତର ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ ଟୁବୁନ। ତୁଷାର ବେଦୀ, ଅଙ୍କିତା ଦାଶ, ରବି ମିଶ୍ର, ଅଭିଜିତ ଦାଶ, ଭୂପତି ତ୍ରିପାଠୀ, ପ୍ରଭାତୀ ସାହୁ, ଅଭିଷେକ, ଲୁଲୁ ଆଚାର୍ଯ୍ୟ, ମଧୁସ୍ମିତା, ଅମର, ମିଟୁ ମିଥୁନ, ସୋନାଲି, ବିଜୟ, ଆକାଶ, ପୂଜା, ସ୍ମିତା, ମନୋଜ ସାହୁ, ଶକ୍ତି ଏବଂ ସୂର୍ଯ୍ୟ ଭଳି ଅନେକ କଳାକାର ଚଳଚ୍ଚିତ୍ରରେ ନିଜ ଅଭିନୟର ପରାକାଷ୍ଠା ଦେଖାଇଛନ୍ତି। ■

# ବିଜେତା ବିଜଲାନୀ

ଅ ଶନୀର ଗ୍ରୋଭରଙ୍କ ରିଆଲିଟି ଶୋ’ ‘ରାଇଜ୍ ଆଣ୍ଡ ଫଲ୍’ର ବିଜେତା ହୋଇଛନ୍ତି ଟେଲିଭିଜନର ଲୋକପ୍ରିୟ ଅଭିନେତା ଅର୍ଜୁନ ବିଜଲାନି। ୨୮ ଲକ୍ଷ ୧୦ ହଜାର ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ସେପ୍ଟେମ୍ବର ୬ରେ ଏହି ଶୋ’ ଆରମ୍ଭ ହୋଇଥିଲା। ତେବେ ଏହି ଶୋ’ରେ ସାମିଲ ପ୍ରତିଯୋଗୀ ରୋମାଞ୍ଚକ ଓ ଆହ୍ୱାନପୂର୍ଣ୍ଣ ଟାସ୍କ ସାମ୍ନା କରିଥିଲେ। ତେବେ ଏହି ଶୋ’ର ଆରମ୍ଭ ଅର୍ଜୁନ କାର୍ଯ୍ୟକର୍ତ୍ତା (ୱାର୍କର) ଭାବେ କରିଥିଲେ। ହେଲେ ଧୀରେ ଧୀରେ ସେ ତାଙ୍କର ରଣନୀତି, ଦୃଢ଼ତା ଏବଂ ନିରନ୍ତରତା ବଳରେ ଶାସକ ଭୂମିକା ପର୍ଯ୍ୟନ୍ତ ଯାତ୍ରା ଜାରି ରଖିଲେ। ପୂରା ସିଜନ୍‌ରେ ସେ ପ୍ରମାଣ କରି ଦେଲେ ଯେ, ସେ ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ରଖନ୍ତି। ଶୋ’ରେ ବିଜେତା ହୋଇ ବେଶ୍ ଖୁସି ଥିବା କହିଛନ୍ତି ଅର୍ଜୁନ। କେବଳ ସେତିକି ନୁହେଁ, ଏହି ଶୋ’ର ଯାତ୍ରା ଆଦୌ ସହଜ ନ ଥିବା ସେ କହିଛନ୍ତି। ଏହାସହ ତାଙ୍କର ଏହି ବିଜୟରେ ପ୍ରତ୍ୟେକ ପ୍ରତିଯୋଗୀଙ୍କ ଯୋଗଦାନ ଥିବା ସେ ସ୍ୱୀକାର କରିଛନ୍ତି। ■








# ଶିଶୁ ନିର୍ଯାତନାର କାହାଣୀ ‘ପରୀ’

ସ ମାଜରେ ବଢ଼ି ଚାଲିଛି ଶିଶୁମାନଙ୍କ ଉପରେ ଅତ୍ୟାଚାର। ଯୌନ ନିର୍ଯାତନା ଭଳି ପାଶବିକ ମାନସିକତା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟିଛି। ‘ପରୀ’ ଏକ ନିରୀହ, କୋମଳ ଫୁଲକଢ଼ି। ଅନେକ ସ୍ୱପ୍ନ ଥିଲା ବାପାମାଆଙ୍କର। ମାତ୍ର ଅକାଳରେ ଝରି ପଡ଼ିଲା କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ। ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡ଼ିଯାଇଛି ବିଚରା ବାପାମାଆ। ହେଲେ ପରିଶେଷରେ କ’ଣ ପରୀକୁ ନ୍ୟାୟ ମିଳିଛି? ଏଭଳି ଏକ ସ୍ପର୍ଶକାତର ଘଟଣା ଉପରେ ସିନେମା ‘ପରୀ’ର କାହାଣୀ ଗତିଶୀଳ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି, ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ। ସଂଳାପ ଡକ୍ଟର ରଜନୀ ରଞ୍ଜନ ରଚନା କରିଛନ୍ତି ଏବଂ ଜାପାନୀ ଭାଇ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ପ୍ରମୋଦ ପରିଡ଼ା ରଚନା କରିଥିବା ଗୀତଗୁଡ଼ିକକୁ ଗାୟକ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା, ଡକ୍ଟର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି। ଚିତ୍ରନାଟ୍ୟ ସହିତ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି କୁମାର ସାହୁ। କୋରିଓଗ୍ରାଫର୍ ଏସ୍.କେ. ମୁରଲୀଧରନ୍ ଏବଂ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ସିନେମାଟିରେ ଜ୍ୟୋତି, ଅନୁରାଧା ପାଣିଗ୍ରାହୀ, ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଣ୍ଟୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହା ପ୍ରମୁଖ ଅଭିନୟ କରିଛନ୍ତି। ■

# ଅକ୍ଷୟଙ୍କ ନାଁରେ ଟାଟୁ କରିବେନି ଟ୍ୱିଙ୍କଲ

ବ ଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କଲ ଖାନ୍ନା ଏବେ ‘ଟୁ ମଚ୍ ୱିଥ୍ କାଜୋଲ ଏବଂ ଟ୍ୱିଙ୍କଲ’ ଶୋ’କୁ ନେଇ ଚର୍ଚ୍ଚାରେ ଅଛନ୍ତି। ତେବେ ଏହି ଶୋ’ରେ ନିକଟରେ ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ନଜର ଆସିଥିଲେ। ଏହି ଶୋ’ରେ ଉଭୟ ଅକ୍ଷୟ ଏବଂ ସୈଫ୍ ନିଜ ଟାଟୁ ବାବଦରେ କହିଥିଲେ। ଅକ୍ଷୟ ନିଜ ଶରୀରରେ ଟ୍ୱିଙ୍କଲ ଏବଂ ତାଙ୍କ ଦୁଇ ପିଲା ଆରବ ଏବଂ ନିତାରାଙ୍କ ନାଁର ଟାଟୁ କରିଛନ୍ତି। ଏହାରି ଭିତରେ ଟ୍ୱିଙ୍କଲ କେବେ ବି ଅକ୍ଷୟଙ୍କ ନାଁରେ ଟାଟୁ ନିଜ ଶରୀରରେ କରିବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି। ଅବଶ୍ୟ ସେ କାହିଁକି ଅକ୍ଷୟଙ୍କ ଟାଟୁ କରିବେ ନାହିଁ, ସେକଥା ବି କହିଛନ୍ତି। ଟ୍ୱିଙ୍କଲ କହିଛନ୍ତି, ଜୀବନରେ କୌଣସି ଜିନିଷ ସ୍ଥାୟୀ ନୁହେଁ। ଏପରିକି ଟାଟୁ ନୁହେଁ କି ବାହାଘର। ତେଣୁ ଟାଟୁ କରି ହୁଏତ ତାହାକୁ ପରେ ବଦଳାଇବାକୁ ପଡ଼ିପାରେ। ତେଣୁ ଟ୍ୱିଙ୍କଲ ଟାଟୁ କରିବାକୁ ଚାହୁଁ ନ ଥିବା କହିଛନ୍ତି। ଅବଶ୍ୟ ଟ୍ୱିଙ୍କଲଙ୍କ ଏହି କଥାରେ ସମସ୍ତେ ଖୁବ୍ ହସିଛନ୍ତି। ■



ସାକ୍ଷାତକାର

ଅଧ୍ୟାପିକା ହେବାକୁ ସେ ସ୍ୱପ୍ନ ଦେଖିଥିଲେ। ହେଲେ ଭାଗ୍ୟ ତାଙ୍କୁ ଟାଣିଆଣିଲା ଅଭିନୟ ଜଗତକୁ। ଏବେ ସେ ଅନେକ ଓଡ଼ିଆ ସିନେମାରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଛନ୍ତି। ଏଭଳି ଜଣେ ଅଭିନେତ୍ରୀ ହେଉଛନ୍ତି ଭୁବନେଶ୍ୱରର ପ୍ରିୟଙ୍କା ପାଣିଗ୍ରାହୀ। ବାଲେଶ୍ୱର ତାଙ୍କର ଜନ୍ମସ୍ଥାନ। ପ୍ରିୟଙ୍କା ଜଣେ ଆଇନ୍ ଛାତ୍ରୀ। ହେଲେ ଓଲିଉଡ୍ ସିନେମା, ବିଜ୍ଞାପନରେ କାମ କରି ସ୍ୱତନ୍ତ୍ର ପରିଚୟ ପାଇଛନ୍ତି। ଖୁବ୍ ଶୀଘ୍ର ତାଙ୍କ ଅଭିନୀତ ‘ଆଶିକ୍ ଦିୱାନା’ ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି। ତେବେ ଅଭିନୟ କ୍ଷେତ୍ରରେ ତାଙ୍କର ସଫଳତାର ରାଜ୍ ବିଷୟରେ ଜାଣିବା ତାଙ୍କ ମୁହଁରୁ।

# “ଶିଖିବାର ମନୋବୃତ୍ତି ଜଣେ ଭଲ କଳାକାରର ପରିଚୟ”

**ପ୍ରିୟଙ୍କା ପାଣିଗ୍ରାହୀ, ଅଭିନେତ୍ରୀ**



**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା**

- ପିଲାଦିନେ ଅଭିନେତ୍ରୀ ହେବି ବୋଲି ଭାବି ନ ଥିଲି। ଇଚ୍ଛା ଥିଲା ଜଣେ ଅଧ୍ୟାପିକା ହେବି। ହେଲେ ମୋର ସୌଭାଗ୍ୟ ମୁଁ ଅଭିନୟ ଜଗତକୁ ଟାଣି ହୋଇଆସିଛି। ‘ତେଜସ୍ୱିନୀ’ ମୋର ପ୍ରଥମ ଧାରାବାହିକ। ‘ଟୋକାଟା ଫସିଗଲା’ ଓଡ଼ିଆ ଫିଲ୍ମରୁ ଡେବ୍ୟୁ କରିଥିଲି। ଏହା ବାଦ୍ ୪ରୁ ୫ଟି ସିନେମାରେ ଅଭିନୟ କରିଛି। ହେଲେ ତନ୍ମଧ୍ୟରୁ ‘ଟୋକାଟା ଫଶିଗଲା’ ମୋର କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ ଥିଲା। ଏବେ ‘ଆଶିକ୍ ଦିୱାନା’ ସିନେମାରେ ଅଭିନୟ କରିଛି।

**‘ଆଶିକ୍ ଦିୱାନା’ରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- ‘ଆଶିକ୍ ଦିୱାନା’ରେ ମୋ ବିପକ୍ଷରେ ଅଛନ୍ତି ଦୀପକ ଭାଇ। ଦୀପକଙ୍କ ଦୁଇ ଜଣ ପତ୍ନୀ ମୁଁ ଆଉ ରିଆ ଦିଦି। ଦୁଇ ଜଣ ପତ୍ନୀଙ୍କୁ ନେଇ ଏହି ସିନେମାରେ ଭରପୂର ମଜାଦାର ଦୃଶ୍ୟ ରହିଛି। ଫିଲ୍ମଟି ପୂରା ଫ୍ୟାମିଲି ଡ୍ରାମା। ଏହି ଚରିତ୍ର କରିବାକୁ ମୋତେ ଆଦୌ କଷ୍ଟ କରିବାକୁ ପଡ଼ିନି। ମୁଁ ବାସ୍ତବରେ ଯେମିତି ଚୁଲବୁଲି ସେମିତି ମୋତେ ଚରିତ୍ର ମିଳିଛି। ଏହି ଚରିତ୍ରକୁ ମୁଁ ଭରପୂର ଏନ୍‌ଜଏ କରିଛି।

**ଅଭିନୟକୁ ବାଦ୍ ଦେଲେ, ଆପଣ ଅନେକ ବିଜ୍ଞାପନରେ କାମ କରିଛନ୍ତି, ଏଥିପାଇଁ କେମିତି ସମୟ ଦିଅନ୍ତି?**

- କୌଣସି ବ୍ରାଣ୍ଡର ଫେସ୍ ହେବାକୁ ବହୁତ କଷ୍ଟ କରିବାକୁ ପଡ଼େ। ହେଲେ ଧନ୍ୟବାଦ ଦେବି ଭଗବାନଙ୍କୁ। ଭଗବାନଙ୍କ ଆଶୀର୍ବାଦ ଆଉ ମୋର ପ୍ରଶଂସକଙ୍କ ଭଲପାଇବା ପାଇଁ ମୁଁ ଅନେକ ଲୋକପ୍ରିୟ ବ୍ରାଣ୍ଡର ଫେସ୍ ହୋଇପାରିଛି। ସେଇଟା ମୋ ପାଇଁ ଖୁସିର କଥା। ଯେତେବେଳେ ବି ଏମିତି କାମ ଆସିବ ଯେତେ ବ୍ୟସ୍ତ ଥିଲେ ବି ମୁଁ ସେ କାମ କରିବି।

**ପ୍ରିୟଙ୍କା ସ୍କ୍ରିପ୍ଟକୁ ଘୋଷନ୍ତି, ନା ଚରିତ୍ରରେ ପଶିଯାଆନ୍ତି?**

- ମୋତେ ଯେଉଁ ଚରିତ୍ର ମିଳେ, ତାହା ଭିତରେ ପଶିଗଲେ, ସ୍କ୍ରିପ୍ଟ ଘୋଷିବାକୁ ପଡ଼େ ନାହିଁ। ସୁଟିଂ ଆରମ୍ଭ ଦିନରୁ ଶେଷ ହେବା ଯାଏଁ ମୁଁ ସେହି ଚରିତ୍ରରେ ବୁଡ଼ି ରୁହେ।

**ଦୀପକଙ୍କ ସହ ଆପଣଙ୍କ ବଣ୍ଡିଂ?**

- ‘ଆଶିକ୍ ଦିୱାନା’ ସେଟ୍‌ରେ ସବୁଦିନ ମଜା ହେଉଥିଲା। ଭୋଜି କରୁଥିଲୁ। ପରିବାର ଭଳି ଚଳୁଥିଲୁ। ସତ କହିବି ‘ଆଶିକ୍ ଦିୱାନା’ ମୋତେ ଦୀପକଙ୍କ ଭଳି ଜଣେ ଭଲ ବନ୍ଧୁ ଭେଟି ଦେଇଛି।

**ଡ୍ରିମ୍ ରୋଲ୍ କ’ଣ?**

- ଭଲ ତଥା ସମାଜକୁ ବାର୍ତ୍ତା ଦେଉଥିବା ପରି ସମସ୍ତ କାହାଣୀରେ ଅଭିନୟ କରିବାକୁ ଚାହିଁବି। କିନ୍ତୁ ହଁ, ପୋଲିସ୍ ଅଫିସର୍ ଚରିତ୍ର କାମ କରିବାକୁ ବହୁତ ଇଚ୍ଛା ଅଛି।

**ଫିଟ୍‌ର ରାଜ୍ କ’ଣ?**

- ଫିଟନେସ୍‌କୁ ନେଇ ବହୁତ ସଚେତନ। ଡାଏଟ୍, ଖାଇବା, ଶୋଇବା, ବ୍ୟାୟାମ ଆଦିକୁ ନିର୍ଦ୍ଦିଷ୍ଟ ସମୟରେ କରେ। ସ୍କିନ୍‌ର ଯତ୍ନ ନିଏ।

**ଆପଣଙ୍କ କାମରେ ଜୀବନସାଥି କେତେ ସହଯୋଗ କରନ୍ତି?**

- ସେ ଜଣେ ବ୍ୟବସାୟୀ। ମୁଁ ଅଭିନେତ୍ରୀ। ସେ ବହୁତ ଚୁପ୍‌ଚାପ। ଯେହେତୁ ଉଭୟଙ୍କ ପେସା ଭିନ୍ନ। ତେଣୁ ପରସ୍ପରକୁ ସମୟ ଦେଇପାରୁ। ମୋ କାମ କେମିତି ଭଲ ହେବ ସେନେଇ ସେ ବହୁତ ଗୁରୁତ୍ୱପୂର୍ଣ୍ଣ ମତ ଦିଅନ୍ତି। ମୋତେ ଉତ୍ସାହିତ କରନ୍ତି। ତାଙ୍କର ୧୦୦% ସହଯୋଗ ନଥିଲେ ମୁଁ ଏତେ ଖୁସିରେ କାମ କରିପାରି ନଥାନ୍ତି।

**ପ୍ରିୟଙ୍କା ସବୁବେଳେ ଶାଢ଼ିରେ ନଜର ଆସନ୍ତି, ରାଜ୍ କ’ଣ?**


- ଶାଢ଼ି ହେଉଛି ଭାରତର ପାରମ୍ପରିକ ପୋଷାକ। ଶାଢ଼ିରେ ସବୁଝିଅମାନେ ସୁନ୍ଦର ଲାଗନ୍ତି। ଓଡ଼ିଆ ଝିଅ ବିବାହ ପରେ ଶାଢ଼ି ପିନ୍ଧିବାକୁ ବହୁତ ପସନ୍ଦ କରନ୍ତି। ତେବେ ମୋ ସ୍ୱାମୀଙ୍କୁ ମୋ ଶାଢ଼ିପିନ୍ଧା ଭଲ ଲାଗୁଥିବାରୁ ମୁଁ ସବୁବେଳେ ଶାଢ଼ି ପିନ୍ଧେ।

**ଅଭିନୟ ଦୁନିଆକୁ ଆସୁଥିବା ପିଲାଙ୍କୁ କ’ଣ କହିବେ?**

- ଏବେ ପ୍ଲାଟଫର୍ମ ବହୁତ। ପିଲାମାନେ ସାମାଜିକ ଗଣମାଧ୍ୟମରେ ନିଜ ଦକ୍ଷତା ପ୍ରତିପାଦନ କରି ରାତାରାତି ଷ୍ଟାର୍ ପାଲଟି ଯାଉଛନ୍ତି। ନିହାତି ସେମାନଙ୍କ ଭିତରେ କିଛି ଭଲ ଗୁଣ ରହିଛି। ତେଣୁ ଯେତେ ଯାଏଁ ଶିଖିବାର ମନୋବୃତ୍ତି ତାଙ୍କର ଥିବ ସେତେ ଯାଏଁ ସେ ଜଣେ ଭଲ କଳାକାର ହୋଇପାରିବେ। ଯେଉଁଦିନ ଗର୍ବ ଆସିଯିବ କଥା ସରିଲା।

**ଆଗାମୀ ଯୋଜନା କ’ଣ?**

- ଚଳିତ ବର୍ଷରେ ମୋର ଅନେକ ପ୍ରୋଜେକ୍ଟ ରିଲିଜ୍ ହେବାର ଅଛି। ନିଃଶ୍ୱାସ ଚାଲିଥିବା ଯାଏଁ ଭଲ ଭଲ ଫିଲ୍ମରେ କାମ କରିବାକୁ ଚାହିଁବି। ଦର୍ଶକଙ୍କ ସହ କିପରି ସିଧାସଳଖ ଯୋଡ଼ି ହୋଇ ରହିବି ତାହାକୁ ଗୁରୁତ୍ୱ ଦେବି। ■



ପରଦା ପଛର କାହାଣୀ

# ବିନା ପାରିଶ୍ରମିକ ରେ ଫିଲ୍ମରେ ଅଭିନୟ

ଡ୍ରି ମ୍‌ଗର୍ଲ ହେମାମାଳିନୀ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଅଭିନୟ ଓ ସୁନ୍ଦରତାରେ ସେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥାନ୍ତି। ତାଙ୍କ ନାମ ଶୁଣିଲେ ଫିଲ୍ମ ଦେଖିବାକୁ ହଲ୍‌ରେ ଦର୍ଶକଙ୍କ ଭିଡ଼ ଜମୁଥିଲା। ତାଙ୍କୁ ଫିଲ୍ମରେ ନେବା ପାଇଁ ସିନେ ନିର୍ମାତା ଓ ନିର୍ଦ୍ଦେଶକଙ୍କ ଲମ୍ବା ଲାଇନ୍ ଲାଗୁଥିଲା। ତେବେ ହେମାମାଳିନୀ ପ୍ରତ୍ୟେକ ଫିଲ୍ମରେ ନିଜ ଡିମାଣ୍ଡ ଅନୁଯାୟୀ ପାରିଶ୍ରମିକ ନେଇଥାନ୍ତି। କିନ୍ତୁ ଏକ ଫିଲ୍ମ ଥିଲା, ଯେଉଁଥିରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ। ୧୯୭୯ ମସିହାରେ ମୁକ୍ତିଲାଭ କରିଥିଲା ହିନ୍ଦୀ ଫିଲ୍ମ ‘ମୀରା’। ଏହି ଫିଲ୍ମରେ ସେ ବିନା ପାରିଶ୍ରମିକରେ ଅଭିନୟ କରିଥିଲେ। ଗୁଲଜାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ପ୍ରେମ୍‌ଜୀ ପ୍ରଯୋଜିତ କରିଥିଲେ। ତେବେ ପ୍ରେମ୍‌ଜୀ ଦୀର୍ଘ ସମୟ ଧରି ହେମାମାଳିନୀଙ୍କ ସହ କାମ କରିବାକୁ ଚାହୁଁଥିଲେ। କିଛି ନା କିଛି କାରଣରୁ ହେମା ଫିଲ୍ମ କରିବେନି ବୋଲି ତାଙ୍କୁ ଅନେକ ଥର ମନା କରିଥିଲେ। ତେବେ କୌଣସି ପୌରାଣିକ କିମ୍ବା ଭକ୍ତି ଆଧାରିତ କାହାଣୀ ମୀରାଙ୍କୁ ନେଇ ଫିଲ୍ମ ନିର୍ମାଣ କଲେ ସେ ଅଭିନୟ କରିବେ ବୋଲି କହିଥିଲେ। ହେମାମାଳିନୀଙ୍କ କହିବାନୁସାରେ ପ୍ରେମ୍‌ଜୀ ଏହି ଫିଲ୍ମ ନିର୍ମାଣ କରିଥିଲେ। ଏଥିରେ ହେମାମାଳିନୀଙ୍କ ବିପକ୍ଷରେ ବିନୋଦ ଖନ୍ନା ଦେଖିବାକୁ ମିଳିଥିଲେ। ଗୋଟିଏ ସମୟରେ ଫିଲ୍ମଟି ବଜେଟ୍ ପାଇଁ ଅଧାରେ ଅଟକି ଯାଇଥିଲା। ଏହା ଜାଣିବା ପରେ ହେମାମାଳିନୀ ପ୍ରେମଜୀଙ୍କୁ କହିଥିଲେ, ପ୍ରଭୁ କୃଷ୍ଣଙ୍କ ପ୍ରତି ପ୍ରେମ, ବିଶ୍ୱାସ ଓ ଶ୍ରଦ୍ଧା ପାଇଁ ଏହି ଫିଲ୍ମ କରୁଛି। ମୁଁ ଏଥିପାଇଁ କୌଣସି ପାରିଶ୍ରମିକ ନେବି ନାହିଁ। ଆପଣ ଶ୍ରଦ୍ଧାରେ ଯାହା ଦେବେ ତାକୁ ମୁଁ ଗ୍ରହଣ କରିବି। ଫିଲ୍ମ ସମ୍ପୂର୍ଣ୍ଣ ହେଲା ବେଳକୁ ଏଥିରେ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହୋଇସାରିଥିଲା। ହେଲେ ଦୁର୍ଭାଗ୍ୟବଶତଃ ଫିଲ୍ମ ରିଲିଜ୍ ହେବା ପରେ ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ତେବେ ହେମାମାଳିନୀ ତାଙ୍କ ଅଭିନୟ ଜୀବନରେ ୧୫୦ ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଛନ୍ତି। ■

# ଜ୍ୟୋତିଙ୍କୁ ଐତିହାସିକ କାଂସ୍ୟ



ନାନଜିଙ୍ଗ୍, ୧୮ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଫାଇନାଲରେ ଭାରତର ଜ୍ୟୋତି ସୁରେଖା ଭେନ୍ନାମ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା କମ୍ପାଉଣ୍ଡରେ ଜ୍ୟୋତି ଏହି ସଫଳତା ପାଇଛନ୍ତି। ସେମିଫାଇନାଲରେ ପରାସ୍ତ ହୋଇଥିବା ଜ୍ୟୋତି କାଂସ୍ୟ ପଦକ ପାଇଁ ଅନୁଷ୍ଠିତ ମ୍ୟାଚରେ ୧୫୦-୧୪୫ ସ୍କୋରରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ଗ୍ରେଟ୍ ବ୍ରିଟେନର ଇଲା ଗିବସନଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୯ ବର୍ଷୀୟା ଜ୍ୟୋତି ପ୍ରଥମ ଭାରତୀୟ ଭାବେ ତୀରନ୍ଦାଜୀ ବିଶ୍ୱକପ୍ କମ୍ପାଉଣ୍ଡ ଇଭେଣ୍ଟରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

# ବିଶ୍ୱ ବ୍ୟାଡ୍‌ମିଣ୍ଟନ ଫାଇନାଲରେ ତନଭୀ

ଗୌହାଟୀ, ୧୮ ।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ୍‌ରେ ଘରୋଇ ଭାରତର ତନଭୀ ଶର୍ମା ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ତନଭୀ ୧୫-୧୧, ୧୫-୯ ସିଧାସଳଖ ଗେମରେ ଚାଇନାର ଲିଉ ସି ୟା’ଙ୍କୁ ପରାସ୍ତ କରିଥିଲେ। ରବିବାର ଫାଇନାଲରେ ତନଭୀଙ୍କ ମୁକାବିଲା ଥାଇଲାଣ୍ଡର ଅନୟାପତ୍ ଫିଚିତପ୍ରିଚାସ୍କ’ଙ୍କ ସହ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଇତିହାସରେ ୫ମ ଭାରତୀୟ ଭାବେ ୧୬ ବର୍ଷୀୟା ତନଭୀ ଫାଇନାଲ ଖେଳିବେ। ତାଙ୍କ ପୂର୍ବରୁ ଅପର୍ଣ୍ଣା ପୋପଟ (୧୯୯୬), ସାଇନା ନେହ୍ୱାଲ (୨୦୦୬ ଓ ୨୦୦୮), ସିରିଲ ବର୍ମା (୨୦୧୫) ଓ ଶଙ୍କର ମୁଥୁସ୍ୱାମୀ (୨୦୨୨) ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିଅର ଚାମ୍ପିଅନସିପ ଫାଇନାଲରେ ପହଞ୍ଚିଥିଲେ।

# ହାଇଦରାବାଦ୍ ଏଫ୍‌ସି ହେଲା ସ୍ପୋର୍ଟିଂ କ୍ଲବ ଦିଲ୍ଲୀ

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଜାତୀୟ ରାଜଧାନୀ ଦିଲ୍ଲୀ ବହୁ ବର୍ଷର ବ୍ୟବଧାନ ପରେ ପୁଣିଥରେ ଦେଶର ଶୀର୍ଷ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆଇଏସ୍ଏଲ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ହାଇଦରାବାଦ୍ ଏଫ୍‌ସିର ପୁନଃବ୍ରାଣ୍ଡିଂ ପରେ ଏବେ ଏହା ‘ସ୍ପୋର୍ଟିଂ କ୍ଲବ ଦିଲ୍ଲୀ’ ହୋଇଛି। ଆଇଏସ୍ଏଲ୍‌ର ଆଗାମୀ ସିଜନରେ ହାଇଦରାବାଦ୍ ଏଫ୍‌ସି ସ୍ଥାନରେ ଏହି ଦିଲ୍ଲୀ ଦଳକୁ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଆଇଏସଏଲ୍‌ର ଉଦ୍‌ଘାଟନୀ ସଂସ୍କରଣ ୨୦୧୪ରୁ ୨୦୧୮ ସିଜନ ପର୍ଯ୍ୟନ୍ତ ଦିଲ୍ଲୀ ଡାଇନାମୋସ ଦଳ ଏହି ଶୀର୍ଷ ଫୁଟ୍‌ବଲ ଲିଗ୍‌ରେ ଭାଗ ନେଇଥିଲା। ୨୦୧୯ ରେ ଦିଲ୍ଲୀ ଡାଇନାମୋସ ପୁନଃବ୍ରାଣ୍ଡିଂ ହୋଇ ଓଡ଼ିଶା ଏଫ୍‌ସି ନାମରେ ଆଇଏସ୍ଏଲ୍‌ରେ ଖେଳି ଆସୁଛି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବିସି ଜିନ୍ଦଲ ଗ୍ରୁପ୍ ହାଇଦରାବାଦ୍ ଏଫ୍‌ସି ଗ୍ରୁପ୍‌କୁ ଅଧିଗ୍ରହଣ କରିଥିଲା।

# ରାଜ୍ୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍‌ରେ ରେକର୍ଡ ୨୪୬ ପ୍ରତିଯୋଗୀ



ଭୁବନେଶ୍ୱର,୧୮ ।୧୦(ସମିସ): କଟକ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍ ପରିସରରେ ରାଜ୍ୟସ୍ତରୀୟ ସ୍କୁଲ ଓ କଟକ ଜିଲ୍ଲା ଚେସ୍ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ଏଥିରେ ରେକର୍ଡ ୨୪୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାକୁ ଜିଲ୍ଲା ଚେସ ସଂଘର ମେଣ୍ଟର ପ୍ରଦ୍ୟୁମ୍ନ ମିଶ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଥମ ଦିନ ୪ ରାଉଣ୍ଡ ଖେଳାଯାଇଛି। ୪ ରାଉଣ୍ଡରୁ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ସ୍କୁଲ ଚେସ୍ ବିଭାଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ଓମ୍‌ସ୍ୱରୂପ ପାଢ଼ୀ, ଈଶାନୀ ଦାସ୍, ଶୁଭାଶିଷ ବାରିକ୍, ସାଇ ପ୍ରତ୍ୟୁଷ ବେହେରା ଓ ଆଦିତ୍ୟ ସ୍ୱାଇଁ ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ଜିଲ୍ଲା ଚେସ୍‌ରେ କୋଚ୍ ରବୀନ୍ଦ୍ର କୁମାର ଓଝା ଏକାକୀ ୪ ପଏଣ୍ଟ ପାଇ ପ୍ରଥମ ଓ ହର୍ଷିତ ରଞ୍ଜନ ସାହୁ ୩.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଦ୍‌ଘାଟନ ଉତ୍ସବକୁ ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିଲେ। ହେମନ୍ତ ନାୟକ, ରଘୁନନ୍ଦନ ସାସମଲ, ସନ୍ତୋଷ ପୃଷ୍ଟି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସ୍‌ମଲ ଓ ତାପସ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ରବିବାର ଏହା ଉଦ୍‌ଯାପିତ ହେବ।

## ଆଜିଠାରୁ ଭାରତ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

# ୭ ମାସ ପରେ ଖେଳିବେ ରୋହିତ, କୋହଲି

ପର୍ଥ,୧୮ ।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଦୁଇ କିଂବଦନ୍ତି ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦୀର୍ଘ ୭ ମାସ ପରେ ଦେଶ ପକ୍ଷରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଫେରିଛନ୍ତି। ଏହା ସହିତ ଶୁବମନ ଗିଲ୍ ପ୍ରଥମଥର ଭାରତୀୟ ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସ୍ଥାନୀୟ ଅପ୍‌ଟସ ଷ୍ଟାଡିୟମ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରବିବାର ଖେଳାଯିବ। ଏହି ମ୍ୟାଚରେ ରୋହିତ୍-କୋହଲିଙ୍କ ପ୍ରତ୍ୟାବର୍ତ୍ତନ ଓ ଶୁବମନଙ୍କ ନେତୃତ୍ୱ ନଜରରରେ ରହିବ। ଗତ ମାର୍ଚ୍ଚରେ ଅନୁଷ୍ଠିତ ଚାମ୍ପିଅନ୍‌ସ ଟ୍ରଫି ଫାଇନାଲରେ ରୋହିତ ଶର୍ମା ଓ ବିରାଟ କୋହଲି ଶେଷଥର ଲାଗି ଭାରତୀୟ ଦଳରୁ ଖେଳିଥିଲେ। ଆସନ୍ତାକାଲି ଉଭୟ ଖେଳାଳି ଆଉ ଜଣେ ଅଧିନାୟକ ଶୁବମନ ଗିଲ୍‌ଙ୍କ ଅଧିନରେ ଖେଳିବାକୁ ଯାଉଛି। ଦୀର୍ଘ ୯ ବର୍ଷ ପୂର୍ବେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ଏମାନେ ଅନ୍ୟଜଣେ ଅଧିନାୟକଙ୍କ ଅଧିନରେ ଖେଳିଥିଲେ। ଏହା ପରେ ଉଭୟ ଭାରତୀୟ ଦଳର ନେତୃତ୍ୱରେ ରହିଆସିଥିଲେ। ଏବେ ଉଭୟ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ କିଛି ନୂଆ ଖେଳାଳିଙ୍କୁ ନେଇ ବିଦେଶ ଓ ଘରୋଇ ମାଟିରେ ଦୁଇଟି ସିରିଜ୍ ଖେଳିସାରିଛି। ଏହାର ଅର୍ଥ ଭାରତୀୟ ଦଳ ନୂଆ କମ୍ବିନେସନ ବା ଯୁବ ଖେଳାଳିଙ୍କୁ ନେଇ ମିଶ୍ର ଫଳ ପାଇଛି। ଏବେ ଉଭୟ ଖେଳାଳି ଦିନିକିଆ ମୁକାବିଲା ଲାଗି କଠିନ ଅଭ୍ୟାସ କରିଛନ୍ତି। ବେଙ୍ଗାଲୁରୁରେ ଅଭ୍ୟାସ କରୁଥିବା ରୋହିତ ନେଟ୍‌ସରେ ପତଳା ହୋଇଯାଇଥିବା ଦେଖିବାକୁ ମିଳିଛି। ଲଣ୍ଡନରେ କୋହଲି ଶରୀରିକ ଅଭ୍ୟାସ କରିଛନ୍ତି। ଉଭୟ ଖେଳାଳିଙ୍କ ଉପରେ ନଜର ରହିଥିଲାବେଳେ ଏହି ସିରିଜ୍ ଲାଗି ସେମାନେ ଜୋରଦାର ପ୍ରସ୍ତୁତି କରିଛନ୍ତି। ଦୀର୍ଘ ୭ ମାସ ପରେ ଅନ୍ତର୍ଜାତୀୟ ଓ ୫ ମାସ ପରେ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳୁଥିବାରୁ ଫର୍ମକୁ ଫେରିବା ଏମାନଙ୍କ ଲାଗି ଏକ ଚ୍ୟାଲେଞ୍ଜ ହୋଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ



| ପ୍ରଥମ ଦିନିକିଆ |
| --- |
| ଆରମ୍ଭ: ସକାଳ ୯ଟା |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

ବିପକ୍ଷରେ ବେଶ ସଫଳ ହୋଇଛନ୍ତି। କିନ୍ତୁ ଏବେ ସେମାନଙ୍କ ଉପରେ ବିଶେଷ ଚାପ ନାହିଁ। ରୋହିତ ନେତୃତ୍ୱରୁ ମୁକ୍ତ ହୋଇଛନ୍ତି। ଏଣୁ ଖୋଲା ମନ ଓ ଉତ୍ସାହ ସହ କିପରି ଦୁଇ କିଂବଦନ୍ତି ଖେଳାଳି ଦୀପାବଳିରେ ସମର୍ଥକଙ୍କୁ କି ଭେଟି ଦେଉଛନ୍ତି ତାହା ଆସନ୍ତାକାଲିର ମ୍ୟାଚ୍ ପରେ ଜଣାପଡ଼ିବ।

### ଶୁବମନଙ୍କ ଅସଲ ପରୀକ୍ଷା

ଦଳର ଦୁଇ ତାରକା ଖେଳାଳି ରୋହିତ ଓ କୋହଲିଙ୍କ ପରେ ଚାପରେ ଅଛନ୍ତି ନୂଆ ଅଧିନାୟକ ଶୁବମନ ଗିଲ୍। ସେ ପ୍ରଥମଥର ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ସେ ଏପରି ଏକ ଦଳର ନେତୃତ୍ୱ ନେଉଛନ୍ତି, ଯେଉଁଥିରେ ଦେଶର ସମସ୍ତ ଶ୍ରେଷ୍ଠ ଖେଳାଳି ସ୍ଥାନ ପାଇଛନ୍ତି ଓ ଦଳର ଚୂଡାନ୍ତ ଏକାଦଶ ଚୟନ ନେଇ କୌଣସି ଅସୁବିଧା ନାହିଁ। କେବଳ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଅନୁପସ୍ଥିତି ଭାରତୀୟ ଦଳରେ ରହିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଦିନିକିଆରେ ୭୫ ଭାଗ ସଫଳତା ହାସଲ କରିଛି। ଏପରି ସଫଳତା ଦୋହରାଇବା ଲାଗି ଗିଲ୍‌ଙ୍କ ଆଗରେ ମିଚେଲ ମାର୍ଶଙ୍କ ଅଷ୍ଟ୍ରେଲିଆ ବଡ଼ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି। ଦଳର ନିୟମିତ ଅଧିନାୟକ ପ୍ୟାଟ କମିନ୍ସଙ୍କ ଅନୁପସ୍ଥିତି ସତ୍ତ୍ୱେ ଘରୋଇ ମାଟିରେ ଏହାକୁ ହରାଇବା ଏତେଟା ସହଜ ନୁହେଁ। ଏଣୁ ଗିଲ୍ କିପରି ଅଷ୍ଟ୍ରେଲିଆକୁ ହରାଇବା ଲାଗି ରଣନୀତି ଗ୍ରହଣ କରିବେ ଓ କେଉଁ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ ତାହା ସିରିଜ୍ ଶେଷରେ ଜଣାପଡ଼ିବ।

### ଖେଳାଳି ଦଳ

**ଭାରତ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଅଷ୍ଟ୍ରେଲିଆ:** ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ୍ ହେଡ୍, ମାଥ୍ୟୁ ସର୍ଟ, ମିଚେଲ ଓଏନ, ମ୍ୟାଟ ରେନ୍‌ଶା, ମାଥ୍ୟୁ କୁନେମାନ୍, ଜୋଶ ଫିଲିପ୍ (ୱିକେଟରକ୍ଷକ), ମାର୍ନସ ଲାବୁସେନ, ଜାଭିୟର ବାର୍ଟଲେଟ, କୁପର କୋନୋଲୀ, ବେନ୍ ଡ୍ୱାରଶୁଇସ୍, ନାଥାନ ଏଲିସ୍, ଜୋଶ ହାଜ୍‌ଲେଉଡ୍, ମିଚେଲ ଷ୍ଟାର୍କ।

ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ରୋହିତଙ୍କ ସହ ଗିଲ ଇନିସ ଓପନ କରିବେ ବୋଲି ଆଶା କରାଯାଉଛି। ଯଶସ୍ୱୀ ଜୟସ୍ୱାଲଙ୍କୁ ବ୍ୟାକ୍ ଅପ୍ ଓପନର ଭାବେ ରହିଛନ୍ତି। କୋହଲି, ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଏହା ପରେ ନଂ-୩, ୪ ଓ ୫ରେ ବ୍ୟାଟିଂ କରିବାକୁ ଆସିପାରନ୍ତି। ଏମାନଙ୍କ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ନୀତୀଶ କୁମାର ରେଡ୍ଡୀ ଅଲରାଉଣ୍ଡର ଭାବେ ଡେବ୍ୟୁ କରିପାରନ୍ତି। ମହମ୍ମଦ୍ ସିରାଜ ଓ ଅର୍ଶଦୀପ୍ ସିଂହ ଦୁଇ ଫାଷ୍ଟ ବୋଲର ଖେଳିବେ। ସେମାନଙ୍କ ସହ ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ମଧ୍ୟରୁ ଜଣେ ପାର୍ଟନର ହେବେ। ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ। ସ୍ପିନ୍ ବିଭାଗରେ ଅଷ୍ଟ୍ରେଲିଆ କୁପର କନୋଲୀ, ମାର୍ନସ ଲାବୁସେନ ଓ ମାଥ୍ୟୁ ରେନ୍‌ଶାଙ୍କ ଉପରେ ନିର୍ଭର କରିବେ। ପତ୍ନୀ ଗର୍ଭବତୀ ଥିବାରୁ ଆଦାମ ଜାମ୍ପା ପ୍ରଥମ ଦିନିକିଆ ଖେଳିବେ ନାହିଁ।

# ୧୧ ଓ ୧୩ ବର୍ଷରୁ କମ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆରମ୍ଭ



ଭୁବନେଶ୍ୱର, ୧୮ ।୧୦ (ସମିସ): ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ ପୋଖରୀପୁଟ ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡ଼ିୟମରେ ଶନିବାର ଆରମ୍ଭ ହୋଇଛି। ଏହି ରାଜ୍ୟ ଚାମ୍ପିୟନସିପକୁ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ରଜତ ଚୌଧୁରୀ ଯୋଗ ଦେଇଥିଲେ। ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପ୍ରତିଯୋଗିତାରେ ସର୍ବମୋଟ ୨୦୨ ଜଣ ଖେଳାଳି ପଞ୍ଜିକରଣ କରିଛନ୍ତି। ମ୍ୟାଚ ରେଫରି ଭାବେ ବିଜୟ ବାଗ, ଅଫିସିଆଲ ପର୍ଯ୍ୟବେକ୍ଷକ ଲକ୍ଷପତି ନନ୍ଦ ଓ ସୁବାସ ଚନ୍ଦ୍ର ସାହୁ, ସଂଯୋଜକ ଭାବେ ତାରାକାନ୍ତ ଦାସ, ଅବଦୁଲ ହାକିମ ଓ ଜୟ ପ୍ରକାଶ ଜେନା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ଭାବେ ଓସବା ଉପସଭାପତି ପ୍ରଦୀପ ପଟନାୟକ ଓ ଓସବା ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ନିଯୁକ୍ତ ହୋଇଛନ୍ତି।

# ଭାରତ-ଇଂଲଣ୍ଡ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ଆଜି

ଇନ୍ଦୋର, ୧୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଘରୋଇ ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଅନୁଷ୍ଠିତ ହେବ। ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

ହେବ। ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବା ଲାଗି ଉଭୟ ଦଳ ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ବିଶ୍ୱକପ୍‌ରେ ମିଶ୍ରିତ ପ୍ରଦର୍ଶନ କରିଛି। ଘରୋଇ ଭାରତୀୟ ଦଳ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲର ଚତୁର୍ଥ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ମହିଳା ଦଳ ହ୍ୟାଟ୍ରିକ ବିଜୟ ସହ ଚଳିତ ବିଶ୍ୱକପ୍ ଆରମ୍ଭ କରିଥିଲା। ଦଳ ୪ ମ୍ୟାଚରୁ ୭ ପଏଣ୍ଟ ସହ ଟେବଲର ତୃତୀୟ ସ୍ଥାନରେ ରହିଛି।



### ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବାତିଲ

କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ କଲମ୍ବୋରେ ଶନିବାର ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଫଳରେ ଏଠାରେ ଚାଲିଥିବା ବିଶ୍ୱକପ୍‌ରେ ସପ୍ତାହକ ମଧ୍ୟରେ ତୃତୀୟ ଓ ମୋଟରେ ୪ଟି ମ୍ୟାଚ୍‌ର ଫଳାଫଳ ବାହାରିପାରି ନାହିଁ। ଏହି ମ୍ୟାଚ୍ ପରେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ୍‌ରୁ ୪ ପଏଣ୍ଟ ପାଇ ପଞ୍ଚମ ଓ ପାକିସ୍ତାନ ୨ ପଏଣ୍ଟ ପାଇ ୮ମ ସ୍ଥାନରେ ରହିଛି।

## ସୁଲତାନ ଜୋହୋର କପ୍ ହକି

# ଭାରତକୁ ୫ମ ରୌପ୍ୟ

ନୂଆଦିଲ୍ଲୀ,୧୮ ।୧୦(ଏଜେନ୍ସି): ଅଷ୍ଟ୍ରେଲିଆ ନିକଟରୁ ୨-୧ ଗୋଲରେ ପରାଜିତ ହୋଇ ଭାରତ ମାଲେସିଆରେ ଆଜି ଶେଷ ହୋଇଥିବା ସୁଲତାନ ଜୋହୋର କପ୍ ହକିରେ ରନର୍ସଅପ୍ ହୋଇଛି। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଇଆନ ଗ୍ରବେଲର ୨ଟି ଯାକ ଗୋଲ ଦେଇଥିଲାବେଳେ ଅନ୍‌ମୋଲ ଏକ୍କା ଭାରତ ଲାଗି ଗୋଟିଏ ଗୋଲ ଶୁଝାଇଥିଲେ। ଏହା ଫଳରେ ୨୧ ବର୍ଷରୁ କମ୍ ଭାରତୀୟ ଦଳ ଚଳିତବର୍ଷକୁ ମିଶାଇ ୫ମଥର ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ଅବଶ୍ୟ କ୍ରମାଗତ କାଂସ୍ୟ ଜିତିବା ପରେ ଏଥର ରୌପ୍ୟ ହାସଲ କରିଛି। ଭାରତ ଭଲ ଖେଳି ମଧ୍ୟ ଫାଇନାଲ ମୁକାବିଲାରେ ହାରିଯାଇଛି। ଏକଦା ୫୮ ମିନିଟ୍ ପର୍ଯ୍ୟନ୍ତ ଖେଳ ୧-୧ରେ ବରାବର ଥିଲା। କିନ୍ତୁ ୫୯ତମ ମିନିଟ୍‌ରେ ଗ୍ରବେଲଙ୍କ ଗୋଲ ଅଷ୍ଟ୍ରେଲିଆକୁ ଚାମ୍ପିଅନ କରାଇଥିଲା।

## ବାରବାଟୀ ରଣଜୀ

# ପରାଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୮ ।୧୦ (ସମିସ): ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଏଥର ପରାଜୟରୁ ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଆରମ୍ଭ କରିଛି। ଐତିହାସିକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ’ର ଏକ ମ୍ୟାଚରେ ପାଞ୍ଚଥରର ରଣଜୀ ବିଜେତା ବରୋଦା ୭ ୱିକେଟ୍‌ରେ ଘରୋଇ ଓଡ଼ିଶା ଦଳକୁ ମାତ୍ ଦେଇଛି। ବିଜୟ ସହ ବରୋଦା ୬ ପଏଣ୍ଟ

### ଏକା ଲଢ଼ିଲେ ଶୁଭ୍ରାଂଶୁ

ହାତେଇନେଇଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଶକ୍ତିଶାଳୀ ଉତ୍ତରପ୍ରଦେଶକୁ ଭେଟିବ। କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଅକ୍ଟୋବର ୨୫ରୁ ଏହି ମ୍ୟାଚ୍ ଆରମ୍ଭ ହେବ।

୧୪୨ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଓଡ଼ିଶା ଅନ୍ତିମ ତଥା ୪ର୍ଥ ଦିବସ ସକାଳେ ଶନିବାର ଆଶାନୁରୂପକ ବ୍ୟାଟିଂ କରିପାରି ନ ଥିଲା। ଅଧିନାୟକ ଶୁଭ୍ରାଂଶୁଙ୍କ ଛାଡ଼ିଦେଲେ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିବାଲିକ ଶର୍ମା

ଅନ୍ୟକୌଣସି ବ୍ୟାଟର୍ ବରୋଦା ବୋଲରଙ୍କୁ ସାମ୍ନା କରିପାରି ନ ଥିଲେ। ବିଶେଷ କରି ବରୋଦା ଅଫ୍-ସ୍ପିନର ମହେଶ ପିଥିୟା ଓଡ଼ିଶାର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ। ସେ ଏକାକୀ ୬ଟି ୱିକେଟ ନେବା ଫଳରେ ଓଡ଼ିଶା ଦ୍ୱିତୀୟ ପାଳିରେ ୫୯.୩ ଓଭର ଖେଳି ୧୭୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁଭ୍ରାଂଶୁ ୧୧୪ ବଲ୍ ଖେଳି ୩ ଚୌକା ଓ ୨ ଛକା ସହାୟତାରେ ୫୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ପ୍ରଥମ ପାଳିରେ ମଧ ସେନାପତି ୭୯ ରନର ଉପଯୋଗୀ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରବ ଚୌଧୁରୀ ୨୮, ରାଜେଶ ମହାନ୍ତି ୨୫, ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ୧୭ ରନ ଲେଖାଏ କରିଥିଲେ। ଜବାବରେ ୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ବରୋଦା ୧୨ ରନ ମଧ୍ୟରେ ୩ଜଣ ବ୍ୟାଟରଙ୍କୁ ହରାଇଥିଲା। ତେବେ ପ୍ରଥମ ଇନିଂସରେ ଶତକ (୧୨୪ ରନ) ହାସଲକାରୀ ଶିବାଲିକ ଶର୍ମା ଅପରାଜିତ ୩୨ ରନ କରି ଦଳକୁ ୭ ୱିକେଟ୍‌ରେ ସହଜରେ ବିଜୟୀ କରାଇଥିଲେ। ଶିବାଲିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୧ ଓ ବରୋଦା ୭ ୱିକେଟ୍‌ରେ ୪୧୩ ରନ କରି ପାଳି ଘୋଷଣା କରିଥିଲା।

## ୟୁନିଲାଇଟ କପ୍ ଆନ୍ତଃସ୍କୁଲ ଫୁଟବଲ୍

# ସେମିରେ ୟୁନିଟ୍-୧ ହାଇସ୍କୁଲ




ଭୁବନେଶ୍ୱର,୧୮ ।୧୦(ସମିସ): ୟୁନିଟ୍-୧ ହାଇସ୍କୁଲ ଚତୁର୍ଥ ତଥା ଶେଷ ଦଳ ଭାବେ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଏହା ସହିତ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ କିସ୍ ସହ ଓଡିଏମ୍ ପବ୍ଲିକ୍ ସ୍କୁଲର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌କୁ ଭେଟିବ ୟୁନିଟ୍-୧ ହାଇସ୍କୁଲ। ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଆଜି ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲରେ ୟୁନିଟ୍-୧ ହାଇସ୍କୁଲ ୨-୧ ଗୋଲରେ କଣ୍ଟାବାଡ ସ୍ଥିତ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ହରାଇଥିଲା। ବିଜୟୀ ୟୁନିଟ୍-୧ ହାଇସ୍କୁଲ୍‌ର ସମାଖାଇ ପାଇଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରିୟନାଥ ମିଶ୍ର, ଅଶୋକ ପଟ୍ଟନାୟକ, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

## ସିକେ ନାଇଡୁ ଟ୍ରଫି: ଓମ୍‌ଙ୍କ ଶତକ

# ବିଜୟ ଦ୍ୱାରରେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୦ (ସମିସ): ହାଇଦରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ୨୩ ବର୍ଷରୁ କମ୍ କର୍ଣ୍ଣେଲ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ବିଜୟ ନିକଟତର ହୋଇଛି। ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ହାଇଦରାବାଦ୍ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ହାଇଦରାବାଦ୍ ୫୬ ଓଭର ଖେଳି ୭ ୱିକେଟ୍ ହରାଇ ୧୨୬ ରନ ସଂଗ୍ରହ କରିଛି। ଓପନର୍ ପତାପୁ ରାଘବ ୩୧ ଓ ପୃଥ୍ୱୀ ୧ ରନ କରି ଖେଳୁଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସାଇଦୀପ ମହାପାତ୍ର ସର୍ବାଧିକ ୩ଟି, ଆଶୁତୋଷ ଛୁରିଆ ୨ଟି ଏବଂ ସୌମ୍ୟରଞ୍ଜନ ଲେଙ୍କା ଓ ଆୟୁଷ ବାରିକଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି। ରବିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାବେଳେ ବିଜୟ ଲାଗି ଓଡ଼ିଶାକୁ ଆଉ ୩ଟି ୱିକେଟ୍ ଆବଶ୍ୟକ ହେଉଛି। ସେହିଭଳି ବଳକା ୩ ୱିକେଟ୍‌ରେ ଘରୋଇ ହାଇଦରାବାଦ ଆହୁରି ୧୦୭ ରନ ଆବଶ୍ୟକ କରୁଛି। ଯାହାକି



ଦଳ ପାଇଁ କଷ୍ଟସାଧ ହେବ ବୋଲି କୁହାଯାଉଛି।

ପୂର୍ବରୁ ଏହି ଚାରିଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୧୫୯ ରନ କରିଥିଲା। ଜବାବରେ ହାଇଦରାବାଦ୍ ୧୯୫ ରନରେ ସୀମିତ ରହିଥିଲା। ଫଳରେ ୩୬ ରନରେ ପଛୁଆ ଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ଓପନର୍ ଓମ୍ ଟି ମୁଣ୍ଡେଙ୍କ ଶତକ ବଳରେ ୨୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓମ୍ ତାଙ୍କ ୧୭୮ ବଲ୍ ପାଳିରେ ୧୨ ଚୌକା ଓ ଗୋଟିଏ ଛକା ମାରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS